୬ ଏସିଆନ ଗେମ୍ସ : ୨୮ ବର୍ଷ ପରେ ରୌପ୍ୟ ପଦକ ଜିତିଲେ ମୀରାବାଇ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika

TM

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

E-mail : sambadkalikanews@gmail.com

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୨୩୫ ● ୨୪ ସେପ୍ଟେମ୍ବର ୨୦୨୬ ଗୁରୁବାର ● ଭୁବନେଶ୍ୱର ● Vol -33 ● Issue-235 ● 24th September 2026, Thursday ● Bhubaneswar RNI Regd.No. : 52640/94 Postal Regd.No. : BN-60/25-27


## ଗଭୀର ଅବପାତ ଜନିତ ବର୍ଷା ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା

# ଏକମାତ୍ର ନୀତି 'ଜିରୋ କାଜୁଆଲ୍‌ଟି'

**ଭୁବନେଶ୍ୱର, ୨୩।୯**

**ନ୍ୟୁଜ୍ ବ୍ୟୁରୋ**

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଗଭୀର ଅବପାତ ଜନିତ ବର୍ଷା ଓ ଏହାର ପ୍ରଭାବ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଲୋକସେବା ଭବନରେ ସମୀକ୍ଷ କରିଛନ୍ତି। ଏହି ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ମୁଖ୍ୟ ଶାସନ ସଚିବ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ସ୍ୱତନ୍ତ୍ର ରିଲିଫ୍ କମିଶନର ପ୍ରମୁଖ ଏହି ବୈଠକରେ ଉପସ୍ଥିତ ଥିଲେ।

ବୈଠକରେ ସ୍ୱତନ୍ତ୍ର ରିଲିଫ କମିଶନର ରାଜେଶ ପ୍ରଭାକର ପାଟିଲ ମୁଖ୍ୟମନ୍ତ୍ରୀଙ୍କୁ ଅବପାତ, ସମ୍ଭାବ୍ୟ ବର୍ଷା ଓ ଏହାର ମୁକାବିଲା ପାଇଁ ସରକାରଙ୍କ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ।

ବୈଠକରେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇ କହିଛନ୍ତି ଯେ, ସମସ୍ତ ପ୍ରାକୃତିକ ବିପର୍ଯ୍ୟୟରେ ଆମର ଏକମାତ୍ର ନୀତି ହେଉଛି-'ଜିରୋ କାଜୁଆଲ୍‌ଟି'। ତେଣୁ ରାଜ୍ୟ ସରକାରଙ୍କ ସମସ୍ତ ସମ୍ପୃକ୍ତ ବିଭାଗ ଜିଲ୍ଲା ପ୍ରଶାସନ ସହିତ ସମନ୍ୱୟ ରକ୍ଷାକରି ଏହି ପରିସ୍ଥିତିର ମୁକାବିଲା କରିବା ଆବଶ୍ୟକ। ଲୋକଙ୍କ ଧନଜୀବନ ସୁରକ୍ଷା ଉପରେ ସେ ସର୍ବାଧିକ ଗୁରୁତ୍ୱ ଆରୋପ କରିଥିଲେ। ଜଳବନ୍ଦୀ କ୍ଷେତ୍ରରେ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନେବା ଏବଂ ସେମାନଙ୍କୁ



ଉପଯୁକ୍ତ ରିଲିଫ ଯୋଗାଇଦେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଯଦିଓ ବାତ୍ୟାର ସମ୍ଭାବନା ନାହିଁ, ତଥାପି ସମସ୍ତ ପ୍ରକାର ସତର୍କତାମୂଳକ ବ୍ୟବସ୍ଥା ସହ ସର୍ବୋଚ୍ଚ ସ୍ତରର ପ୍ରସ୍ତୁତି ଜାରି ରଖିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ।

ବୈଠକରୁ ଜଣାଯାଇଛି ଯେ, ଏହି ଅବପାତ ଯୋଗୁ ବୁଧବାର ଏବଂ ଗୁରୁବାର ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି ଓ ୨୫ ତାରିଖ ପରେ ପରିସ୍ଥିତିରେ ସୁଧାର ଆସିବ ବୋଲି ଆଶା କରାଯାଉଛି।

ଏହି ପରିସ୍ଥିତିର ମୁକାବିଲା ପାଇଁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ମୋଟ ୩୩ଟି ଓଡ୍ରାଫ୍ ଟିମ୍ ମୁତୟନ କରାଯାଇଛି। ଗଞ୍ଜାମରେ ୬, ଗଜପତିରେ ୩, କୋରାପୁଟରେ ୬, ମାଲକାନଗିରିରେ ୩, ରାୟଗଡ଼ାରେ ୩, କଳାହାଣ୍ଡିରେ ୨ ଏବଂ ବଲାଙ୍ଗିରରେ ୧ଟି ଟିମ୍ ମୁତୟନ ହୋଇଛି। ଏହା ବ୍ୟତୀତ ଗଞ୍ଜାମର ଛତ୍ରପୁରସ୍ଥିତ ଓଡ୍ରାଫ୍ ୟୁନିଟ୍‌ର ୯ଟି ଟିମ୍ ରିଜର୍ଭ ରଖାଯାଇଛି।

ଉପକୂଳରେ ସମୁଦ୍ର ଅଶାନ୍ତ ରହିବା ସମ୍ଭାବନା ଥିବାରୁ ସମସ୍ତ ବନ୍ଦରରେ ସ୍ଥାନୀୟ ସତର୍କ ସଙ୍କେତ ସଂଖ୍ୟା-୩ ଉତ୍ତୋଳନ କରାଯାଇଛି ଏବଂ ସମୁଦ୍ରକୁ ମତ୍ସ୍ୟଜୀବୀଙ୍କ ପ୍ରବେଶ ଉପରେ ନିଷେଧ ଜାରି ରହିଛି। ଏହାର ଶତ ପ୍ରତିଶତ ଅନୁପାଳନ ନିଶ୍ଚିତ କରିବାକୁ ଜିଲ୍ଲା ପ୍ରଶାସନକୁ କୁହାଯାଇଛି।

ପ୍ରଭାବିତ ହେବାକୁ ଥିବା ଅଞ୍ଚଳ ଗୁଡିକ ଯଥା- ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, (ପୃଷ୍ଠା ୭ରେ)

## ମନ୍ଥର ଗତିରେ ଗଭୀର ଅବପାତ : ଆଇଏମଡି ଡିଜି

**ଭୁବନେଶ୍ୱର, ୨୩।୯**

**ନ୍ୟୁଜ୍ ବ୍ୟୁରୋ**

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଗଭୀର ଅବପାତର ଗତି ମନ୍ଥର ରହିଛି। ଏନେଇ ସୂଚନା ଦେଇଛନ୍ତି ଆଇଏମଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର। ଆଇଏମଡି ଡିଜିଙ୍କ ସୂଚନା ଅନୁଯାୟୀ, ଗଭୀର ଅବପାତଟି ଧୀରେ ଧୀରେ ଉପକୂଳ ଆଡ଼କୁ ଅଗ୍ରସର ହେଉଛି। ଏହାର ଗତି ମନ୍ଥର ଥିବାରୁ ବର୍ଷାର (ପୃଷ୍ଠା ୭ରେ)

## ହଟ୍ଟଗୋଳ, ନାରାବାଜିରେ ଗୃହ ଚାଲିଲା ୧୧ ମିନିଟ୍

# ହୋଇପାରିଲାନି ପ୍ରଶ୍ନୋତ୍ତର, ବିଲ୍ ଆଲୋଚନା

**ଭୁବନେଶ୍ୱର, ୨୩।୯**

**ନ୍ୟୁଜ୍ ବ୍ୟୁରୋ**

ସ୍କୁଲ ପାଠ୍ୟପୁସ୍ତକ ତ୍ରୁଟି ଘଟଣାରେ ଗଣଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଅଟଳ ଥିବା ମୁଖ୍ୟ ବିରୋଧୀ ଦଳ ବିଜେଡ଼ିର ବିଧାୟକମାନେ ବୁଧବାର ବିଧାନସଭା ବୈଠକ ଆରମ୍ଭରୁ ଗୃହ ମଧ୍ୟଭାଗକୁ ଆସି ପୋଷ୍ଟର ପ୍ରଦର୍ଶନ ସହ ଉଚ୍ଚ ସ୍ୱରରେ ପ୍ରତିବାଦ ଜଣାଇଥିବା ବେଳେ କଂଗ୍ରେସ ବିଧାୟକମାନେ କେନ୍ଦ୍ର ସରକାର ଓଡ଼ିଶାର ସ୍ୱାର୍ଥକୁ ଅଣଦେଖା କରୁଥିବା ଏବଂ ଏମ୍‌ଏମ୍‌ଡିଆର ସଂଶୋଧିତ ଅଧିନିୟମର ଦୃଢ ପ୍ରତିବାଦ ସ୍ୱରୂପ ହଟ୍ଟଗୋଳ, ନାରାବାଜି ଚଳାଇବାରୁ ଗୃହକାର୍ଯ୍ୟ ପ୍ରଥମାର୍ଦ୍ଧରେ ସମ୍ପୂର୍ଣ୍ଣ



ଅଚଳ ହୋଇପଡିଥିଲା । ହଟ୍ଟଗୋଳ ଫଳରେ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ସମେତ ଅନ୍ୟ କୌଣସି କାର୍ଯ୍ୟ ସମ୍ପାଦିତ ହୋଇପାରି ନଥିଲା। ସେହିପରି ଦ୍ୱିତୀୟାର୍ଦ୍ଧ ବୈଠକରେ ମଧ୍ୟ ବିରୋଧୀ ଦଳ ପକ୍ଷରୁ ପୂର୍ବ ଭଳି ପ୍ରତିବାଦ ଜାରି ରହିଥିଲା। ବିରୋଧୀ ଦଳର ବିଧାୟକମାନେ ଗୃହର ମଧ୍ୟଭାଗରେ ଏକଜୁଟ ହୋଇ ସରକାର ବିରୋଧୀ ନାରାବାଜି ଚଳାଇବା ସହ ପୋଡ଼ିୟମକୁ ବାଡ଼େଇ ହୋ ହାଲ୍ଲା କରିଥିଲେ। ଗୃହରେ ଅସ୍ୱାଭାବିକ ଅବସ୍ଥା ଲାଗି ରହିବାରୁ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ବୈଠକକୁ ଗୁରୁବାର ପୂର୍ବାହ୍ନ ୧୦.୩୦ ମିନିଟ୍ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଦେଇଥିଲେ। ଏଥିଯୋଗୁ ଆଜି ଗୃହରେ କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ସମ୍ପାଦିତ ହୋଇପାରି ନଥିଲା। ବିରୋଧୀ ଦଳର ହଟ୍ଟଗୋଳ ନାରାବାଜି ମଧ୍ୟରେ ପ୍ରଥମାର୍ଦ୍ଧରେ ୫ ମିନିଟ୍ ଓ ଦ୍ୱିତୀୟାର୍ଦ୍ଧରେ ୬ ମିନିଟ୍ ସେହିପରି ମୋଟ୍ ୧୧ ମିନିଟ୍ ପାଇଁ ଗୃହ କାର୍ଯ୍ୟ ଚାଲିଥିଲା ।

ସପ୍ତଦଶ ଓଡ଼ିଶା ବିଧାନସଭାର ଚଳିତ ମୌସୁମୀ ଅଧିବେଶନର ବୁଧବାର ଦ୍ୱିତୀୟ କାର୍ଯ୍ୟଦିବସ ପୂର୍ବାହ୍ନ (ପୃଷ୍ଠା ୭ରେ)

## ୨ଦିନିଆ ଚିନ୍ତନ ଶିବିର ବୈଠକ

# ବିକଶିତ ଭାରତ-୨୦୪୭ର ଲକ୍ଷ୍ୟ ନେଇ ଆଲୋଚନା

**ନୂଆଦିଲ୍ଲୀ, ୨୩।୯**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ କେନ୍ଦ୍ରୀୟ କ୍ୟାବିନେଟ୍ ମନ୍ତ୍ରୀମାନଙ୍କ ଦୁଇଦିନିଆ 'ଚିନ୍ତନ ଶିବିର' ବୁଧବାରଠାରୁ ଆରମ୍ଭ ହୋଇଛି। ନୂଆଦିଲ୍ଲୀର ସେବା ତୀର୍ଥଠାରେ ଚାଲିଥିବା ଏହି ବୈଠକ ଗୁରୁବାର ପର୍ଯ୍ୟନ୍ତ ଚାଲିବ। ଏଥିରେ ସରକାରଙ୍କ ଚାଲୁଥିବା କାର୍ଯ୍ୟର ସମୀକ୍ଷା ସହ ଆଗାମୀ ଦିନର ପ୍ରାଥମିକତା ଓ 'ବିକଶିତ ଭାରତ-୨୦୪୭'ର ଲକ୍ଷ୍ୟ ନେଇ ବୈଠକରେ ଆଲୋଚନା ହୋଇଥିଲା।



ପ୍ରଥମ ଦିନ ମନ୍ତ୍ରୀମାନେ ନିଜ ନିଜ ମନ୍ତ୍ରଣାଳୟର କାମ, ଯୋଜନାର ଅଗ୍ରଗତି ଓ ଆଗାମୀ ଯୋଜନା ସମ୍ପର୍କରେ ଉପସ୍ଥାପନା କରିଥିଲେ। ଦ୍ୱିତୀୟ ଦିନ ଏହାର ସମୀକ୍ଷା କରାଯିବ। ମନ୍ତ୍ରୀମାନଙ୍କ କାର୍ଯ୍ୟଦକ୍ଷତାର ମୂଲ୍ୟାୟନ କରି ରିପୋର୍ଟ କାର୍ଡ ପ୍ରସ୍ତୁତ କରାଯିବ ବୋଲି ରିପୋର୍ଟରେ କୁହାଯାଇଛି। ଏଥିରେ 'ଏକ୍ସେଲେଣ୍ଟ', 'ଗୁଡ୍', 'ଆଭରେଜ୍' ଓ 'ପୁଅର' ଭଳି ଚାରିଟି ବର୍ଗରେ ମୂଲ୍ୟାୟନ କରାଯିବା ନେଇ ମଧ୍ୟ ସୂଚନା ମିଳିଛି। ଚଳିତ ଚିନ୍ତନ ଶିବିରରେ ଯୁବପିଢ଼ି ସହ ସରକାରଙ୍କ (ପୃଷ୍ଠା ୭ରେ)

## ଦୁର୍ଘଟଣାରେ ମୃତକଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହାୟତା ଘୋଷଣା

**ଭୁବନେଶ୍ୱର, ୨୩।୯**

**ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝର ଜିଲ୍ଲା ତେଲକୋଇ ତହସିଲର ଦମ୍ପତି କାହ୍ନୁ ଚରଣ ମହନ୍ତ ଓ ରଜନୀରାଣୀ ମହନ୍ତଙ୍କର ଦୁଃଖଦ ଦୁର୍ଘଟଣାରେ ପ୍ରାଣହାନି ସମ୍ପର୍କରେ ଜାଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ଏଥିସହ (ପୃଷ୍ଠା ୭ରେ)

## ଏକାଳ ପଖାଳ



ପ୍ରଶ୍ନଉତ୍ତର ପାଇଁ ବେଳ ନାହିଁ
ହଙ୍ଗାମାରେ ଅଛି ମନ
ଶାନ୍ତିଶୃଙ୍ଖଳା ରଖିବା ପାଇଁ କି
ଏମାନେ ଦିଅନ୍ତି, ଜ୍ଞାନ
ଗୃହ ଚାଲିଛି ଏମିତି ଧନ
ଶାସନ ସୁଷୁମା ଏମିତି ଦେଖିକି
ଗଦ୍‌ଗଦ୍ ପ୍ରଜାଜନ।

## ଏଫ୍‌ଆଇଏମ୍‌ଆଇର ସଭାପତି ହେଲେ ପ୍ରବୋଧ ମହାନ୍ତି

**ନୂଆଦିଲ୍ଲୀ, ୨୩।୯**



ଓଡ଼ିଶାର ପ୍ରମୁଖ ମାଇନିଂ ଶିଳ୍ପୋଦ୍ୟୋଗୀ ପ୍ରବୋଧ ମହାନ୍ତି ମଙ୍ଗଳବାର ନୂଆଦିଲ୍ଲୀରେ ଅନୁଷ୍ଠିତ ଫେଡେରେସନ ଅଫ୍ ଇଣ୍ଡିଆନ୍ ମିନେରାଲ ଇଣ୍ଡଷ୍ଟ୍ରିଜ୍ (ଏଫ୍‌ଆଇଏମ୍‌ଆଇ)ର ୬୦ତମ ବାର୍ଷିକ ସାଧାରଣ ସଭାରେ ସର୍ବସମ୍ମତିକ୍ରମେ ସଂସ୍ଥାର ସଭାପତି ନିର୍ବାଚିତ ହୋଇଛନ୍ତି।

ଏସ୍‌ଏନ୍‌ଏମ୍ ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ମହାନ୍ତି ବର୍ତ୍ତମାନ ଉତ୍କଳ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଲିମିଟେଡ୍ (ୟୁସିସିଆଇଏଲ୍)ର ମଧ୍ୟ ସଭାପତି ରହିଛନ୍ତି। ସେ ଦୀର୍ଘ ଦଶନ୍ଧି ଧରି ଖଣି ଓ ଖଣିଜ କ୍ଷେତ୍ର ସହିତ ଜଡିତ। ରାଜ୍ୟ ତଥା ଜାତୀୟସ୍ତରରେ ଶିଳ୍ପ-ନୀତି ସମ୍ବନ୍ଧୀୟ ଆଲୋଚନାରେ ତାଙ୍କର ସକ୍ରିୟ ଭୂମିକା ରହିଛି। ନିର୍ବାଚିତ ହେବା ପରେ ଶ୍ରୀ ମହାନ୍ତି କହିଛନ୍ତି, ଏଫ୍‌ଆଇଏମ୍‌ଆଇ ସଦସ୍ୟମାନେ ତାଙ୍କ ଉପରେ ଯେଉଁ ଆସ୍ଥା ପ୍ରକଟ କରିଛନ୍ତି, ସେଥିପାଇଁ ସେ ଗର୍ବିତ ଓ କୃତଜ୍ଞ । ସରକାର ଓ ଅନ୍ୟାନ୍ୟ ଅଂଶୀଦାରମାନଙ୍କ ସହିତ (ପୃଷ୍ଠା ୭ରେ)

## ଋଷରୁ ତେଲ କିଣା ବନ୍ଦ ହେବନି : ସୀତାରମଣ

**ନୂଆଦିଲ୍ଲୀ, ୨୩।୯**

ଋଷରୁ ଅଶୋଧିତ ତେଲ କିଣିବା ନେଇ ଭାରତ ନିଜ ଆଭିମୁଖ୍ୟ ସ୍ପଷ୍ଟ କରିଛି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି ଯେ ନିଜର ଆବଶ୍ୟକତା ଓ ଆର୍ଥିକ ସ୍ୱାର୍ଥକୁ ପ୍ରାଥମିକତା ଦିଆଯିବ। ଯେଉଁଠାରୁ ତେଲ ଉପଲବ୍ଧ ହେବ ଓ ଅର୍ଥନୈତିକ ଭାବେ ଉପଯୁକ୍ତ ମନେ ହେବ, ଭାରତ ସେଠାରୁ ତେଲ କିଣିବ। ସୀତାରମଣ କହିଛନ୍ତି, ଭାରତର ୧୪୦ କୋଟି ନାଗରିକଙ୍କ ଶକ୍ତି ଆବଶ୍ୟକତା ପୂରଣ ପାଇଁ ତେଲ ଯୋଗାଣର ଏକାଧିକ ଉତ୍ସ ରହିବା ଜରୁରୀ।ଋଷରୁ ତେଲ ଆମଦାନି ବନ୍ଦ କରି ଅନ୍ୟ ଦେଶରୁ ତୁରନ୍ତ ସମାନ ପରିମାଣର ତେଲ (ପୃଷ୍ଠା ୭ରେ)




# ଏଲ୍ ନିନୋକୁ ନେଇ ଜଳବାୟୁ ବିଶେଷଜ୍ଞଙ୍କ ଚେତାବନୀ



**ନୂଆଦିଲ୍ଲୀ, ୨୩।୯**

ଶକ୍ତିଶାଳୀ ଏଲ୍ ନିନୋକୁ ନେଇ ଜଳବାୟୁ ବିଶେଷଜ୍ଞମାନେ ବଡ଼ ଚେତାବନୀ ଦେଇଛନ୍ତି । ଏକ ନୂଆ ଆକଳନ ଅନୁସାରେ, ଆଗାମୀ ୬ ମାସରେ ଏହି କାରଣ ଯୋଗୁ ଅତିରିକ୍ତ ଗରମ ବଢ଼ିବା ସହିତ ସାରା ବିଶ୍ୱରେ ୪ ଲକ୍ଷ ୫୧ ହଜାରରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇପାରେ। ଶିକାଗୋ ବିଶ୍ୱବିଦ୍ୟାଳୟର କ୍ଲାଇମେଟ୍ ଇମ୍ପାକ୍ଟ ଲ୍ୟାବ୍ ପକ୍ଷରୁ ଏହି ଆକଳନ ସମ୍ପର୍କରେ ସୂଚନା ଦିଆଯାଇଛି । ବୈଜ୍ଞାନିକଙ୍କ ମତ ଅନୁସାରେ, ଏଲ୍ ନିନୋର ପ୍ରଭାବ ଇଣ୍ଡୋନେସିଆ, ଭାରତ ଓ ନାଇଜେରିଆଠାରୁ ଆରମ୍ଭ କରି ଆମେରିକା ପର୍ଯ୍ୟନ୍ତ ଅନୁଭୂତ ହୋଇପାରେ। ଏହା ସହ ମରୁଡ଼ି, ଜଙ୍ଗଲ ନିଆଁ ଓ ବନ୍ୟା ଭଳି ଘଟଣା ମଧ୍ୟ ବଢ଼ିବାର ଆଶଙ୍କା ରହିଛି।

ରିପୋର୍ଟରେ ବିଭିନ୍ନ ଅଞ୍ଚଳରେ ଅତିରିକ୍ତ ଗରମ ଯୋଗୁ ହେବାକୁ ଥିବା ମୃତ୍ୟୁର ଆକଳନ କରାଯାଇଛି । ଏହାର ଉଦ୍ଦେଶ୍ୟ ହେଉଛି, କେଉଁ ଅଞ୍ଚଳରେ ସମୟ ପୂର୍ବରୁ ପଦକ୍ଷେପ ନେଇ ଅଧିକ ଜୀବନ ବଞ୍ଚାଯାଇପାରିବ, ତାହା ଚିହ୍ନଟ କରିବା। ବୈଜ୍ଞାନିକମାନେ ଅତ୍ୟଧିକ ଗରମ ପାଇଁ ଆଗୁଆ ସତର୍କତା ବ୍ୟବସ୍ଥା, କୁଲିଂ ସେଣ୍ଟର (ପୃଷ୍ଠା ୭ରେ)




32 YEARS
ସମ୍ବାଦ କଳିକା
ଭୁବନେଶ୍ୱର ୨୪ ସେପ୍ଟେମ୍ବର ୨୦୨୬ ଗୁରୁବାର





# ରିତା ମହାନ୍ତି ସ୍ମୃତି ମେଧାବୀ ପ୍ରୋତ୍ସାହନ ରାଶି ପ୍ରଦାନ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ବ୍ଲକ୍ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଅନ୍ତର୍ଗତ ଜଗତି ୟୁଜିହାଇସ୍କୁଲ ସଭାଗୃହରେ ଆଜି ରିତା ମହାନ୍ତି ସ୍ମୃତି ମେଧାବୀ ଛାତ୍ରଛାତ୍ରୀ ପ୍ରୋସାହନ ବୃତ୍ତି ରାଶି ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ଅତିଥି ମାନେ ଶ୍ରୀ ଜଗନ୍ନାଥଙ୍କ ଠାରେ ଦୀପ ଜାଳି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ପ୍ରଧାନଶିକ୍ଷକ ଦେବେନ୍ଦ୍ର ଦେହୁରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ବିଭୁତି ଭୁଷଣ ନାଏକ, ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେ, ପୁରାତନ ଛାତ୍ର ଓ ଛାତ୍ରବୃତ୍ତି ଯୋଜନାର ସଂଯୋଜକ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ବିପ୍ରଚରଣ ମହାନ୍ତି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଉତ୍ସବ ସାହୁ, ଅବସରପ୍ରାପ୍ତ ବିଡିଓ ଯାଦବ କିଶୋର କର୍ଣ୍ଣ, ଅବସରପ୍ରାପ୍ତ ସହକାରୀ କୃଷି ଅଧିକାରୀ ସତ୍ୟାନନ୍ଦ ଜେନା,ସହକାରୀ ଶିକ୍ଷକ ସମୀର ଜେନା,ମନମୁଣ୍ଡା ଲୋପାମୁଦ୍ରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧାପକ ମନୋଜ ଗୁରୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଛାତ୍ର ଛାତ୍ରୀ ମେଧାବୀ ବୃତ୍ତି ର ଆଖିମୁଖ୍ୟ ସଂପର୍କରେ କହିଥିଲେ। ଶ୍ରୀ ମହାନ୍ତି ଏହି ବୃତ୍ତି ତାଙ୍କ ସ୍ୱର୍ଗତ ପତ୍ନୀ ରିତାଙ୍କ ସ୍ମୃତିରେ ଆରମ୍ଭ କରିଥିବା କହିଥିଲେ। ଛାତ୍ର ଛାତ୍ରୀ ମାନେ ପାଠ ପଢ଼ିବା ପାଇଁ ଆଗ୍ରହ ବଢିବା ସଙ୍ଗେ ସଙ୍ଗେ +୨ ପାଠ ପଢାରେ ସହାୟକ ହେବ ବୋଲି କହିଥିଲେ।୨୦୨୫- ୨୬ ହାଇସ୍କୁଲ୍ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ବାଳିକା ବର୍ଗରୁ ଆରୁସି ରାଣୀ ବେହେରା ଓ ବାଳକ ବର୍ଗରୁ ଶୋଭୋମ ପ୍ରଧାନଙ୍କୁ ଦଶ ହଜାର ଏକ ଟଙ୍କା ଲେଖାଏଁ ପୁରସ୍କାର ସହିତ ଉପଢୌକନ ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଶିକ୍ଷକ ପଦ୍ମଲୋଚନ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶିକ୍ଷକ ବିଶ୍ୱେଶ୍ୱର ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ବ୍ୟବହାର ଉପଯୋଗୀ ହେବ ଓଭରବ୍ରିଜ୍ ତଳ ପ୍ରସ୍ତୁତ ହେଉଛି କ୍ରିକେଟ୍ ଟର୍ଫ ପିଚ୍

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଖାଲି ପଡ଼ିବନି ରେଳ ଓଭରବ୍ରିଜ୍ ତଳ ଜାଗା । ଜମିବନି ଉଠାଦୋକାନୀଙ୍କ ଭିଡ଼। ମୁକ୍ତ ବ୍ୟାୟାମ କେନ୍ଦ୍ର, କ୍ରୀଡ଼ା ଅଭାସ ସ୍ଥଳ, ଅବସର ବିନୋଦନ, ବରିଷ୍ଠ ନାଗରିକଙ୍କ ପାଇଁ ବିଶ୍ରାମ ସ୍ଥାନ, ଇଲେକ୍ଟ୍ରିକ୍ ଭେହିକଲ୍ ଚାର୍ଜିଂ ଷ୍ଟେସନ୍ ଭଳି ଉପଯୋଗୀ ପ୍ରକଳ୍ପ ସବୁ କରାଯିବ । ପ୍ରଥମ ପର୍ଯ୍ୟାୟରେ ଆମ୍ବପୁଆ ରେଳ ଓଭରବ୍ରିଜ୍ ତଳ ସ୍ଥାନକୁ ବିକଶିତ କରାଯାଉଛି । ଏଠାରେ ଏବେ କ୍ରିକେଟ୍ ଅଭ୍ୟାସ ପିଚ୍ ତିଆରି ଚାଲିଛି । ସହର ସୌନ୍ଦର୍ଯ୍ୟକରଣ ପାଇଁ ଓଭରବ୍ରିଜ୍ ଜଳ ସ୍ଥାନକୁ ବ୍ୟବହାର କରାଯିବ ବୋଲି ବିଇଏମ୍‌ସି କମିଶନର ଏ. ସସ୍ୟା ରେଡ୍ଡି ସୂଚନା ଦେଇଛନ୍ତି। ବିଇଏମ୍‌ସି ଇଞ୍ଜିନିୟରି ବିଭାଗରୁ ମିଳିଥିବା ସୂଚନା ଅନୁସାରେ ଆମ୍ବପୁଆ ରେଳ ଓଭରବ୍ରିଜ୍ ତଳେ ଅନେକ ଫ୍ରି ସ୍ପେସ୍ ରହିଥିବା ବେଳେ ଏଠାରେ ଉପଯୁକ୍ତ ବ୍ୟବହାର ଏବଂ ସୌନ୍ଦର୍ଯ୍ୟକରଣ ପାଇଁ କମିଶନର ପ୍ରସ୍ତାବ ଦେଇଥିଲେ। ପୂର୍ବରୁ ଏହି ବ୍ରିଜ୍‌କୁ ଅଲିଭ୍ ରିଡଲେ ଥିମ୍‌ରେ ଚିତ୍ରିତ କରାଯାଇଥିବାରୁ ବ୍ରିଜ୍‌ର ତଳ ଭାଗରେ ଅର୍ଥାତ୍ ଦୁଇ ପିଲର ମଝି ସ୍ଥାନରେ କ୍ରିକେଟ୍ ଅଭ୍ୟାସ ପିଚ୍ କରାଯିବାକୁ ସ୍ଥିର କରାଯାଇଥିଲା । ତଳ ସ୍ଥାନକୁ ଲୁହା ଫ୍ରେମ୍‌ରେ ଆବଦ୍ଧ କରାଯାଇ ଜାଲ ଲଗାଯିବ । ତଳକୁ ଫ୍ଲୋରିଂ କରାଯାଇ ଟର୍ଫ ପିଚ୍ ବିଛାଯିବ । ସେଠାରେ ଗୋଟିଏ ବୋଲିଂ ମେସିନ୍ ସ୍ଥାପନ ହେବାର ଯୋଜନା ରହିଛି । ଅଭ୍ୟାସ ପାଇଁ ଲୋକ ପଞ୍ଜିକରଣ କରିବେ । ସ୍ଲଟ୍ ବୁକିଂ ଟାଇମ୍ ଅନୁସାରେ ଏଠାରେ ଉପସ୍ଥିତ ହୋଇ ଅଭ୍ୟାସ କରିବେ । ଜଣ ଜଣ କରି ଅଭ୍ୟାସ ସୁଯୋଗ ମିଳିବ । ବୋଲିଂ ମେସିନ୍ ସ୍ଥାପନ ଯୋଜନା ରହିଥିବାରୁ ସାଙ୍ଗରେ ବୋଲର ନେଇ ଆସିବା ଆବଶ୍ୟକ ପଡ଼ିବନି ବୋଲି କୁହାଯାଇଛି । ଏବେ ସୁଦ୍ଧା ଫ୍ଲୋରିଂ ଶେଷ ହୋଇସାରିଛି। ଟର୍ଫ, ନେଟ୍ ବାନ୍ଧିବା ଓ ଫ୍ଲଡ୍ ଲାଇଟ୍ ସଂଯୋଗ ବାକି ରହିଛି । ଶୀଘ୍ର ଏହା କାର୍ଯ୍ୟକ୍ଷମ କରିବାକୁ ଯୋଜନା ରହିଛି । ବ୍ରିଜ୍‌ର ଅନ୍ୟ ପିଲର ମଧ୍ୟ ଭାଗରେ ଗୋଟିଏ ଗୋଟିଏ ବ୍ୟବହାର ଉପଯୋଗୀ ପ୍ରକଳ୍ପ ହେବ। ଯେଉଁଥିରେ ଇଭି ଚାର୍ଜିଂ ଷ୍ଟେସନ୍ କରାଯିବାର ଯୋଜନା ରହିଛି। ସହରରେ ବୈଦ୍ୟୁତିକ ଯାନର ବହୁଳ ବ୍ୟବହାର ହେଉଥିବା ବେଳେ ଏଯାବତ୍ ଚାର୍ଜିଂ ଷ୍ଟେସନ୍ ସ୍ଥାପନ ହୋଇପାରିନି । ପ୍ରାଥମିକତା ଭିତିରେ ଇଭି ଚାର୍ଜିଂ ଷ୍ଟେସନ୍ ପାଇଁ ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗକୁ ପ୍ରସ୍ତାବ ପଠାଇଥିଲା । କ୍ରିକେଟ୍ ପିଚ୍ ପରେ ଆଉ ଗୋଟିଏ ସ୍ଥାନରେ ଇଭି ଚାର୍ଜିଂ ଷ୍ଟେସନ୍ କରାଯିବ ବୋଲି ଜଣାଯାଇଛି । ବ୍ରିଜ୍ ତଳେ ବରିଷ୍ଠ ନାଗରିକଙ୍କ ପାଇଁ ବିଶ୍ରାମ ପାଇଁ ବ୍ୟବସ୍ଥା ହେବ । କ୍ୟାରମ୍, ଚେସ୍ ଭଳିଇନ୍‌ଡ଼ୋର ଗେମ୍ ରହିବ । ସକାଳେ ଓ ଅପରାହ୍ନରେ ବରିଷ୍ଠ ନାଗରିକମାନେ ସେଠାରେ ସମୟ ଅତିବାହିତ କରିବେ। ସେହିଭଳି ଗୋଟିଏ ସ୍ଥାନ ଗାଡ଼ି ପାର୍କିଂ ପାଇଁ ନିରୁପଣ କରାଯାଇଛି ।

# ଗାନ୍ଧୀ ଛକ ଦୁର୍ଗା ପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ସହରର ସର୍ବପ୍ରାଚୀନ ଗାନ୍ଧୀ ଛକ ଦୁର୍ଗା ପୂଜା କମିଟି ପକ୍ଷରୁ ଚଳିତ ବର୍ଷର ଦୁର୍ଗା ପୂଜା ପାଳନ ପାଇଁ ଶୁଭ ଖୁଣ୍ଟି ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସମସ୍ତ ନୀତିକାନ୍ତି ଅନୁଯାୟୀ ପୂଜକ ମାନସ ରଞ୍ଜନ ମିଶ୍ର ପୂଜା କାର୍ଯ୍ୟ ନିର୍ବାହ କରିଥିବା ବେଳେ ପୂଜା କମିଟି ସମ୍ପାଦକ ନଟବର ଅଗ୍ରୱାଲା କର୍ତ୍ତା ଭାବେ ପୂଜାରେ ବସିଥିଲେ । ଗାନ୍ଧୀ ଛକ ଦୁର୍ଗା ପୂଜା କମିଟିର ସଭାପତି ପ୍ରେମାନନ୍ଦ ମିଶ୍ର, ସଦସ୍ୟ ହରିଶ୍ଚନ୍ଦ୍ର ଗୌଡ, ପଦ୍ମଚରଣ ମହାରଣାଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ । ଚଳିତବର୍ଷ ଏହି ଦୁର୍ଗାପୂଜା ୭୩ ବର୍ଷରେ ପଦାର୍ପଣ କରୁଛି । ଏହି ଦୁର୍ଗାପୂଜାକୁ ଚଳିତବର୍ଷ ଆହୁରି ଧୁମଧାମରେ ପାଳନ କରାଯିବ ବୋଲି କମିଟି ତରଫରୁ ସୂଚନା ଦିଆଯାଇଛି ।

# ଆବାସିକ ବିଦ୍ୟାଳୟରେ ସଫେଇ ଅଭିଯାନ

**ରାଉରକେଲା ନ୍ୟୁଜ୍ ବ୍ୟୁରୋ**

ସମଗ୍ର ରାଜ୍ୟରେ 'ସେବା ସଂକଳ୍ପ ଅଭିଯାନ-୨୦୨୬'ର କାର୍ଯ୍ୟକ୍ରମ ଚାଲିଛି । ଏହି ଅଭିଯାନ ସେପ୍ଟେମ୍ବର ୧୭ ତାରିଖରୁ ଅକ୍ଟୋବର ୧୭ ପର୍ଯ୍ୟନ୍ତ ମାସବ୍ୟାପୀ ଚାଲିବ, ଏହା ଅଧୀନରେ ଜିଲ୍ଲାରେ ବିଭିନ୍ନ ଜନକଲ୍ୟାଣମୂଳକ ଓ ସେବାମୂଳକ ତଥା ଅନ୍ୟାନ୍ୟ କାର୍ଯ୍ୟକ୍ରମ ଗୁଡିକ ଆୟୋଜିତ ହେବ। ଏହି ପରିପେକ୍ଷୀରେ ସାଂସଦ ଜୁଏଲ ଓରାମ କୁଆରମୁଣ୍ଡା ସ୍ଥିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରେ ଆୟୋଜିତ ହୋଇଥିବା ସ୍ୱଚ୍ଛତା କାର୍ଯ୍ୟକ୍ରମରେ ଯୋଗଦେବା ସହ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ସେ ସ୍ୱଚ୍ଛତା ଅଭିଯାନ ଅଧୀନରେ ଗ୍ରାମରୁ ସହର, ବିଦ୍ୟାଳୟ, କାର୍ଯ୍ୟାଳୟ, ରାଜ୍ୟ ଏବଂ ଦେଶ କୁ ସ୍ୱଚ୍ଛ ଏବଂ ସୁନ୍ଦର ରଖିବା ପାଇଁ ଶପଥ ପାଠ ଗ୍ରହଣ କରିଥିଲେ। ଏହା ସହ ସେ ପିଲାମାନଙ୍କୁ ଉଚିତ ଶିକ୍ଷା ଗ୍ରହଣ କରି ସୁନ୍ଦର ଭବିଷ୍ୟତ ଗଢ଼ିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ସୁରଞ୍ଜନ ସାହୁ, ପ୍ରକଳ୍ପ ନିର୍ଦ୍ଦେଶକ,ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା,ପାନପୋଷ ବିକ୍ରାଣି କିସ୍ୱଟା, କୁଆରମୁଣ୍ଡା ବିଡ଼ିଓଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ ଜନପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ସରକାରୀ ବିଦ୍ୟାଳୟରେ ମୌଳିକ ଭିତ୍ତିଭୂମି ଓ ଶିକ୍ଷକ ଅଭାବ ଚିନ୍ତା ଜନକ

## ଶିଶୁର ପାଠ୍ୟ ପୁସ୍ତକ ତୁରନ୍ତ ଯୋଗାଣ ସହ ୧୪ ଦଫା ଦାବିପତ୍ର ପ୍ରଦାନ କଲା ମାନବ ଅଧିକାର ସୁରକ୍ଷା ମଞ୍ଚ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ବ୍ରହ୍ମପୁର ସହରର ସରକାରୀ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ଆବଶ୍ୟକ ଶ୍ରେଣୀଗୃହ, ଭିତ୍ତିଭୂମି ଓ ପର୍ଯ୍ୟାପ୍ତ ଶିକ୍ଷକ ଅଭାବ ଦୂର କରିବା ଦାବିରେ ମାନବ ଅଧିକାର ସୁରକ୍ଷା ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟ ଜରିଆରେ ପ୍ରଦାନ କରାଯାଇଛି। ମଞ୍ଚ ପକ୍ଷରୁ କୁହାଯାଇଛି ଯେ, ବ୍ରହ୍ମପୁର ସହରର ବିଭିନ୍ନ ସରକାରୀ ବିଦ୍ୟାଳୟରେ ଶ୍ରେଣୀଗୃହ, ଶୌଚାଳୟ, ପାନୀୟ ଜଳ, ବିଦ୍ୟୁତ, ପାଠାଗାର ଓ ଶିକ୍ଷକ ଅଭାବ ଭଳି ସମସ୍ୟା ରହିଛି। ୧୯୭୦ ମସିହାରେ ସ୍ଥାପିତ ଗୋଇଲୁଣ୍ଡି କ୍ଲଷ୍ଟର ଅଧୀନ ବାଲବାଡ଼ି ପ୍ରାଥମିକ ବିଦ୍ୟାଳୟ ସମେତ ବିଭିନ୍ନ ସରକାରୀ ବିଦ୍ୟାଳୟର ସ୍ଥିତି ଯାଞ୍ଚ କରି ଆବଶ୍ୟକ ସୁବିଧା ଯୋଗାଇବାକୁ ଦାବି କରାଯାଇଛି। ମଞ୍ଚର ପ୍ରମୁଖ ଦାବିଗୁଡ଼ିକ ମଧ୍ୟରେ ଖାଲି ଶିକ୍ଷକ ପଦବୀ ପୂରଣ, ନୂତନ ଶ୍ରେଣୀଗୃହ ନିର୍ମାଣ, ମୌଳିକ ଭିତ୍ତିଭୂମି ଯୋଗାଣ, ନିର୍ଦ୍ଧାରିତ ସମୟରେ ପାଠ୍ୟପୁସ୍ତକ ଓ ଶିକ୍ଷା ସାମଗ୍ରୀ ପ୍ରଦାନ ଏବଂ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବା ରହିଛି। ଏଥିସହ ପ୍ରଥମରୁ ଅଷ୍ଟମ ଶ୍ରେଣୀର ପାଠ୍ୟପୁସ୍ତକରେ ଥିବା ଅନ୍ଧବିଶ୍ୱାସ ଓ ଅବୈଜ୍ଞାନିକ ଧାରଣା ସମ୍ବନ୍ଧୀୟ ବିଷୟବସ୍ତୁର ସମୀକ୍ଷା କରି, ସମ୍ବିଧାନର ଅନୁଚ୍ଛେଦ ୫୧ଇ ର ଭାବନା ଅନୁଯାୟୀ ବୈଜ୍ଞାନିକ ମନୋଭାବ, ମାନବିକତା, ଅନୁସନ୍ଧାନ ଓ ସଂସ୍କାର ମନୋଭାବ ବିକାଶକାରୀ ବିଷୟବସ୍ତୁକୁ ଅଧିକ ପ୍ରାଧାନ୍ୟ ଦେବାକୁ ଦାବି କରାଯାଇଛି। ଆର୍ଥିକ ଦୁର୍ବଳ ଓ ବଞ୍ଚିତ ଛାତ୍ରଛାତ୍ରୀଙ୍କ ପାଇଁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ନିଃଶୁଳ୍କ ଶିକ୍ଷା ସୁବିଧା ସମ୍ପ୍ରସାରଣ ଏବଂ ଶିକ୍ଷା ବଜେଟ୍ ବୃଦ୍ଧି କରିବାକୁ ମଧ ମଞ୍ଚ ଦାବି କରିଛି। ଏହାସହ ବ୍ରହ୍ମପୁରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆଦର୍ଶ ଶିକ୍ଷକ ବିନାୟକ ଆଚାର୍ଯ୍ୟଙ୍କ ଜୟନ୍ତୀ ଓ ତିରୋଧାନ ଦିବସରେ ଆସିକା ରୋଡ଼ ସ୍ଥିତ ବିନାୟକ ଆଚାର୍ଯ୍ୟ ସ୍ମୃତି ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ସରକାରୀ ସ୍ତରରେ ମାଲ୍ୟାର୍ପଣ ଓ ସ୍ମୃତିଚାରଣ କାର୍ଯ୍ୟକ୍ରମ ଆୟୋଜନ ସହ ବ୍ରହ୍ମପୁର ଗିରି ରୋଡ୍ ସ୍ଥିତ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ପୂର୍ବତନ ରାଷ୍ଟ୍ରପତି ଭି.ଭି. ଗିରିଙ୍କ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ମଧ ଦାବି କରାଯାଇଛି। ଘରୋଇ ବିଦ୍ୟାଳୟ ଗୁଡ଼ିକର ସ୍ୱାର୍ଥ ପାଇଁ ସରକାରୀ ସ୍କୁଲ ଗୁଡିକୁ ଗୁରୁତର ଭାବେ ଅବହେଳା କରାଯାଉଛି ବୋଲି ମଞ୍ଚ ଦୃଢ଼ ଅଭିଯୋଗ କରିଛି। ସରକାରୀ ବିଦ୍ୟାଳୟର ଗୁଣାତ୍ମକ ଉନ୍ନତି, ସମାନ ଶିକ୍ଷା ସୁଯୋଗ ଓ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ନିୟମିତ ଭାବେ ପ୍ରତ୍ୟେକ ସ୍କୁଲ୍‌କୁ ଆକସ୍ମିକ ପରିଦର୍ଶନ ଓ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାପାଇଁ ମଞ୍ଚ କର୍ମକର୍ତ୍ତା ମାନେ ଦାବି କରିଛନ୍ତି । ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦୀର୍ଘ ସମୟ ଧରି ଶିକ୍ଷା,ଶିକ୍ଷାନୁଷ୍ଠାନ ଜନିତ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା । ଏଥିରେ ମଞ୍ଚ ଆବାହକ ଆଇନଜୀବି ଅବନୀ ଗୟା,ସଭାପତି ଗଗନ ଚନ୍ଦ୍ର ମଲ୍ଲିକ,ସମ୍ପାଦକ ସତ୍ୟ ନାରାୟଣ ରାଓ, ସାମାଜିକ କର୍ମୀ ଗଗନ ଚାନ୍ଦ ପ୍ରଧାନ,ସମାଜସେବୀ ମନୋଜ କୁମାର ତରାଇ,ସୁରେନ୍ଦ୍ର ନାଥ ପଣ୍ଡା, ବିଜୟ କୁମାର ପାଢୀ, ମହେଶ୍ୱର ବାଡତ୍ୟା, ପ୍ରଶାନ୍ତ କୁମାର ପଣ୍ଡା, ଶିକ୍ଷକ ସଙ୍ଗଠନ ନେତା ଶ୍ୟାମ ସୁନ୍ଦର ଖାଡଙ୍ଗା, ହୃଷୀକେଶ ପାତ୍ର, ଯୁବନେତା କାହ୍ନୁ ଚରଣ ପାତ୍ର ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

# ସେବା ସଂକଳ୍ପ ଅଭିଯାନ-୨୦୨୬ରେ "ଆଶୀର୍ବାଦର ଦୀପ" ପ୍ରଜ୍ୱଳନ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସେବା ସଂକଳ୍ପ ଅଭିଯାନ-୨୦୨୬ ଅନ୍ତର୍ଗତ "ଆଶୀର୍ବାଦର ଦ୍ୱୀପ" କାର୍ଯ୍ୟକ୍ରମ ସୋନପୁର ବ୍ଲକରେ ଉତ୍ସାହ ଓ ଶ୍ରଦ୍ଧାର ସହିତ ପାଳିତ ହୋଇଛି। ରାମେଶ୍ୱର ମନ୍ଦିର, ବ୍ଲକ ସୁଭଦ୍ରା ଶକ୍ତି କେନ୍ଦ୍ର, ସୋନପୁର ପରିସର ଏବଂ ବ୍ଲକର ବିଭିନ୍ନ ୧୪ ଗୋଟି ଗ୍ରାମ ପଞ୍ଚାୟତରେ ସାମୂହିକ ଭାବେ "ଆଶୀର୍ବାଦର ଦ୍ୱୀପ" ପ୍ରଜ୍ୱଳନ କରାଯାଇଥିଲା। ଏହି ଅବସରରେ ସାତ ହଜାର ଗୋଟି ଦ୍ୱୀପ ପ୍ରଜ୍ୱଳନ କରାଯାଇ ସେବା, ସମର୍ପଣ, ଏକତା ଓ ସାମୂହିକ ଦାୟିତ୍ୱର ବାର୍ତ୍ତା ପ୍ରସାର କରାଯାଇଥିଲା। କାର୍ଯ୍ୟକ୍ରମରେ ଅଙ୍ଗନୱାଡ଼ି, ବ୍ଲକ ସ୍ତରୀୟ ମହାସଂଘ ଓ ସ୍ୱୟଂ ସହାୟକ ଗୋଷ୍ଠୀର ର ସଦସ୍ୟା, ଲେଡି ସୁପରଭାଇଜର ଏବଂ ଗୋଷ୍ଠୀ ପ୍ରକଳ୍ପ ସଂଯୋଜକ, ଜିଲ୍ଲା ପ୍ରକଳ୍ପ ସଂଯୋଜକ - ମିଶନ ଶକ୍ତି ସହିତ ସଂପୃକ୍ତ ବିଭିନ୍ନ କର୍ମକର୍ତ୍ତା ଓ ସଦସ୍ୟଓମାନେ ଯୋଗଦେଇଥିଲେ। ସାମୂହିକ ଦୀପ ପ୍ରଜ୍ୱଳନ ମାଧ୍ୟମରେ ସମାଜରେ ଆଲୋକ, ଆଶା ଓ ସକାରାତ୍ମକତାର ପ୍ରସାର ସହିତ ଜନସେବା ଓ ସାମାଜିକ ଦାୟିତ୍ୱ ପ୍ରତି ସାମୂହିକ ସଂକଳ୍ପ ପ୍ରକାଶ ପାଇଥିଲା।



# ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀଙ୍କ ଦାବି

**କେନ୍ଦ୍ରାପଡା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ୧୯ ନମ୍ବର ୱାର୍ଡବେଣିଆମାଳ ଗ୍ରାମର ଆଇନଜିବୀ ଉମେଶସିଂଙ୍କ ଘରଠାରୁ ବାଳକୃଷ୍ଣ ମଲ୍ଲିକଙ୍କ ଘର ପର୍ଯ୍ୟନ୍ତ ରାସ୍ତା ନିର୍ମାଣକରିବା ପାଇଁଗ୍ରାମବାସୀମାନେ ଦାବି କରି ଜିଲ୍ଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପୌରାଞ୍ଚଳର ୧୯ ନମ୍ବର ୱାର୍ଡରେ ଏହି ଗ୍ରାମର ରାସ୍ତାଟି ୨୦୦୮ ମସିହାରେ ନିର୍ମାଣ କରାଯାଇଥିଲା। ପ୍ରାୟ ୧୮ ବର୍ଷବିତିଯାଇଥିଲେ ମଧ୍ୟ ରାସ୍ତା ମରାମତି କିମ୍ବା ପୁନରୁଦ୍ଧାର ହୋଇପାରୁନଥିବାରୁ ଜରାଜୀର୍ଣ୍ଣ ଅବସ୍ଥାରେ ରାସ୍ତାଟି ରହିଛି। ଏହିରାସ୍ତାରେ ଦୈନିକ ଶହଶହ ଲୋକ, ମହିଳା, ବରିଷ୍ଠ ନାଗରିକଙ୍କ ସମେତ ସ୍କୁଲ ଛାତ୍ରଛାତ୍ରୀ ଯିବା ଆସିବାକରନ୍ତି। ରାସ୍ତାରେ ଡ୍ରେନ୍ ପାଣି, ଅଳିଆ ଆବର୍ଜନା ଜମି ରହୁଥିବା ବେଳେ ଖାଲଖମାରେ ଭର୍ତ୍ତି ହୋଇଛି।

# ବୌଦ୍ଧ ନଗର ମଣ୍ଡଳ ପକ୍ଷରୁ 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଅବସରରେ ବିଜେପି ପକ୍ଷରୁ ମାସବ୍ୟାପୀ ସେବା ସଂକଳ୍ପ ଅଭିଯାନ ଆରମ୍ଭ ହୋଇଛି। ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୧୭ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଭିଯାନର ପ୍ରଥମ ଦିନରେ ବୌଦ୍ଧ ନଗର ମଣ୍ଡଳ ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବୌଦ୍ଧ ନଗର ମଣ୍ଡଳ ସଭାପତି ଗଜେନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଚନ୍ଦ୍ରଚୂଡ଼ ମନ୍ଦିର ପ୍ରାଙ୍ଗଣରେ ସଫେଇ କାର୍ଯ୍ୟ କରାଯାଇଥିଲା। ଏଥିରେ ବିଜେପିର ବିଭିନ୍ନ ପଦାଧିକାରୀ ଓ କାର୍ଯ୍ୟକର୍ତ୍ତା ସାମିଲ ହୋଇ ମନ୍ଦିର ପରିସର ସଫେଇ କରିଥିଲେ। ମନ୍ଦିର ପରିସରରେ ଜମିଥିବା ଅଳିଆ ଆବର୍ଜନା ସଫା କରିବା ସହ ପରିବେଶକୁ ପରିଷ୍କାର ରଖିବା ନେଇ ସଚେତନତା ସୃଷ୍ଟି କରାଯାଇଥିଲା। ଏହି ଅବସରରେ ସ୍ୱଚ୍ଛତାକୁ ଦୈନନ୍ଦିନ ଜୀବନର ଅଂଶ କରିବା ସହ ସାର୍ବଜନୀନ ସ୍ଥାନଗୁଡ଼ିକୁ ପରିଷ୍କାର ଓ ସ୍ୱଚ୍ଛ ରଖିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା ବିଜେପି ସଭାପତି ବିପ୍ର ଚରଣ ମହାନ୍ତି, ମନୋରଞ୍ଜନ ଦାଶ, କାର୍ଯ୍ୟକାରିଣୀ ସଦସ୍ୟ ସଂଯୁକ୍ତା ନାଏକ, ବରିଷ୍ଠ ବିଜେପି ନେତା ସୂର୍ଯ୍ୟ ନାରୟଣ ମହାପାତ୍ର, ପ୍ରଦୋଷ କୁମାର ମିଶ୍ରଙ୍କ ସମେତ ଶତାଧିକ କର୍ମୀ ସାମିଲ ହୋଇଥିଲେ ।

# ମାସିକ ଭାଗବତ ସତସଙ୍ଗ ଅଧିବେଶନ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ବ୍ଲକ ଅନ୍ତର୍ଗତ ସନ୍ତୋଷପୁର ଗ୍ରାମ ପଞ୍ଚାୟତ ଅଧିନସ୍ଥ ସାତୁଳି ଗ୍ରାମର ବାବା ମକରେଶ୍ୱର ମନ୍ଦିର ପରିସରରେ ଗଞ୍ଜାମ ବ୍ଲକ ଭାଗବତ ଟୁଙ୍ଗୀ ସୁରକ୍ଷା ସମିତି ପକ୍ଷରୁ ସଭାପତି ନିରଞ୍ଜନ ସ୍ୱାଇଁଙ୍କ ଅଧକ୍ଷତାରେ ଏକ ସାଧାରଣ ଅଧିବେଶନ ଓ ମାସିକ ଭାଗବତ ସତସଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ସର୍ବ ପ୍ରଥମେ ମନ୍ଦିର ପୂଜକ ଦାମୋଦର ପଣ୍ଡା, ଗୋଲଖ ମହାପାତ୍ର ଓ ସନ୍ତୋଷ ମହାପାତ୍ରଙ୍କ ସହଯୋଗରେ ଭଗବତ ପୂଜା ଓ ଆରାଧନା କରାଯାଇଥିଲା। ଏହା ପରେ ପୌରାଣିକ ନାଟକ ଲକ୍ଷ୍ମୀ ପୁରାଣର ନାଟ୍ୟ ଗୁରୁ ଉଲ୍ଲାସ ଜେନାଙ୍କ ନେତୃତ୍ୱରେ ବାବା ମକରେଶ୍ୱର ଭାଗବତ ଟୁଙ୍ଗି ଓ ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ନାମ ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା। ଗଞ୍ଜାମ ଜିଲ୍ଲା ଭାଗବତ ଟୁଙ୍ଗୀ ସୁରକ୍ଷା ସମିତିର ସଂଗଠନ ସମ୍ପାଦକ ଆର୍ ରାମା ରାଓ ଭାଗବତର ଅଧ୍ୟାୟ ଗାନ କରିବା ସହ ଓଁ ନମଃ ଭଗବତେ ବାସୁଦେବାୟ ତତ୍ତ୍ୱରେ ଭଜନ ଓ କୀର୍ତ୍ତନର ଗୁଢ଼ ରହସ୍ୟ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହା ପରେ ଗଞ୍ଜାମ ବ୍ଲକ ଭାଗବତ ଟୁଙ୍ଗିର ସମ୍ପାଦକ ଶେଷଦେବ ବେହେରା ଜଗନ୍ନାଥ ଦାସଙ୍କ ରଚିତ ଓଡ଼ିଆ ଭାଗବତର ମହିମା ରସାମୃତକୁ ପ୍ରବଚନ ମାଧ୍ୟମରେ ବର୍ଣ୍ଣନା କରିଥିଲେ। ଗଞ୍ଜାମ ବ୍ଲକ ଭାଗବତ ଟୁଙ୍ଗୀ ସୁରକ୍ଷା ସମିତିର ଉପ ସଭାପତି ଜୟଦେବ ରେଡ୍ଡୀ,କୋଷାଧକ୍ଷ କବିରାଜ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।ଗଞ୍ଜାମ ବ୍ଲକର ବିଭିନ୍ନ ଗ୍ରାମରୁ ଭାଗବତ ଟୁଙ୍ଗୀର ବହୁ ଭାଗବତ ପ୍ରେମୀ ଯୋଗ ଦେଇଥିଲେ। ଏଥିରେ ସାତୁଳି ଗ୍ରାମର ସିମାଞ୍ଚଳ ଗୌଡ ଓ ବାବୁଲା ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବୌଦ୍ଧ ଜିଲ୍ଲାସ୍ତରୀୟ ଗୋ' ସୁରକ୍ଷା ଅଭିଯାନ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**



ବୌଦ୍ଧଜିଲ୍ଲା ହରଭଙ୍ଗା ବ୍ଲକ ସରସରା ପଞ୍ଚାୟତ ବଘାରପାଲି ଚନ୍ଦ୍ରଶେଖର ଶିବମନ୍ଦିର ପ୍ରାଙ୍ଗଣରେ ଗୋ ସମ୍ମାନ ଆହ୍ୱାନ ଅଭିଯାନ ଉପରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ଜଗନ୍ନାଥଧାମ ପୁରୀ ସ୍ଥିତ କ୍ରିୟାଯୋଗ ଆଶ୍ରମ ଆହ୍ୱାନକ୍ରମେ ବୌଦ୍ଧ ଜିଲ୍ଲା ସଭାପତି ପ୍ରାଣବନ୍ଧୁ ମହାପାତ୍ର ଓ ସମ୍ପାଦକ ବିଶିକେଶନ ପ୍ରଧାନଙ୍କ ଆୟୋଜନ କ୍ରମେ ମୁଖ୍ୟ ଅତିଥି ଭାବେ ରାଜସ୍ଥାନର ସାଧୁ ଭୂପେନ୍ଦ୍ର ସିଂହ, ଅନ୍ୟତମ ଅତିଥି ଭାବେ ବୌଦ୍ଧ ଜିଲ୍ଲା ରାଧାମାଧବ ସେବା ଶ୍ରମ ମୁଖ୍ୟ ଆଚାର୍ଯ୍ୟ ଆଦିତ୍ୟ ଦାସ ବ୍ରହ୍ମଚାରୀ, ପୁରୀ ବାଲିଘାଇ ଆଶ୍ରମ ଗୋ ସେବା ସମିତି ଗୋ ଆଧାରିତ କୃଷି ଉପରେ ମୁଖ୍ୟ ପ୍ରଶିକ୍ଷକ ଭାବେ ସାଧୁ କ୍ରିଷ୍ଣାନନ୍ଦ ଗିରି ମହାରାଜା ଓ ସ୍ୱାମୀ ସ୍ୱରୂପାନନ୍ଦ ଗିରି, ଗୋ ସେବା ସମିତି ରାଜ୍ୟ ସଂଯୋଜକ କୁଳମଣି ବାରିକ ଯୋଗଦେଇ ଗୋ ମହାତ୍ୟଂ, ପାରମ୍ପରିକ କୃଷି ଉପରେ ତାଲିମ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅଗ୍ରଣୀ ଚାଷୀ ଗଦାଧର ମହାକୁଡ଼, ସାମାଜିକକର୍ମୀ କେଦାରନାଥ ସାହୁ, ମାହେଶ୍ୱରୀ ଗୋଶାଳା ସମ୍ପାଦକ କୃତ୍ତିବାସ ପଳିଆ, ବୌଦ୍ଧ ଉନ୍ନୟନ ସଭାପତି ଇଂ ବିକାଶ ମହାକୁଡ଼, ସମ୍ପାଦକ କୁନା ମାହାର ପ୍ରମୁଖ ଉପସ୍ଥିତ ଥିବାବେଳେ ବଘାରପାଲି ଶ୍ରୀ ଚନ୍ଦ୍ରଶେଖର ବାବା ପରିଚାଳନା କମିଟି ସଭାପତି ଗୋବର୍ଦ୍ଧନ ବିଶି ଓ ସମସ୍ତ ସଦସ୍ୟଙ୍କ ସହଯୋଗକ୍ରମେ ଅଂଚଳର ଅନେକ ଗୋ ଭକ୍ତ ଓ ଚାଷୀ ଯୋଗଦେଇ ତାଲିମ ନେଇଥିଲେ। ଗୋ ସମ୍ମାନ ଆହ୍ୱାନ ଅଭିଯାନ ରାଜ୍ୟସ୍ତରୀୟ ସ୍ମାରକପତ୍ର ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ମାଧ୍ୟମରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମ ଡିସେମ୍ବର ୧୭ ତାରିଖରେ ଲୋୟର ପିଏମଜି ଛକ, ମାଷ୍ଟର କ୍ୟାଣ୍ଟିନ, ଭୁବନେଶ୍ୱରରେ ହଜାର ହଜାର ସଂଖ୍ୟାରେ ଯୋଗଦେବା ପାଇଁ ଅନୁରୋଧ କରିଥିଲେ । ଏହି ଅବସରରେ ଏକ ଜିଲ୍ଲା ସ୍ତରୀୟ ଗୋ ସୁରକ୍ଷା କମିଟି ଗଠନ କରାଯାଇଥିଲା। ଶେଷରେ ଆୟୋଜକ ବିଶିକେସନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା ସଭା

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**




ଯାଜପୁର ଜିଲ୍ଲା ଦୌରାଜଜ୍ ତଥା ଆଇନ୍ ସେବା ପ୍ରାଧିକରଣ ଅଧକ୍ଷ ଅମୃତ ରଞ୍ଜନ ନନ୍ଦଙ୍କ ନିର୍ଦ୍ଦେଶ କ୍ରମେ ଯାଜପୁର ବ୍ଲକ୍ ଅନ୍ତର୍ଗତ ଷଠିପୁର ଗାଁ ର ମିଶନ ଶକ୍ତି ଗୃହରେ ଆଇନ୍ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ପ୍ରାଧିକରଣ ସଚୀବ ଲିପା ମହାନ୍ତି ଏଥିରେ ଅଧକ୍ଷତା କରିବା ସହିତ ପ୍ରାଧିକରଣ ର କାର୍ଯ୍ୟ ପରିସର ଓ କେଉଁମାନେ ଆଇନଗତ ସୁବିଧା ବିନାମୂଲ୍ୟରେ ପାଇପାରିବେ ସେ ବିଷୟ ଉଲ୍ଲେଖ କରିବା ସହିତ ଆଜିର ପ୍ରସଙ୍ଗ ସମ୍ବନ୍ଧ ରେ ସୂଚନା ଦେଇଥିଲେ। ଏଥିରେ ଅତିଥି ଆଲୋଚକ ଭାବେ କୋରାଇ ବ୍ଲକ୍ ସହକାରୀ ଶ୍ରମ ଅଧିକାରୀ ଅଭିଜିତ ଜୟପ୍ରକାଶ ପ୍ରଧାନ, ଡିଷ୍ଟ୍ରିକ୍ଟ ଲୟର ଆସୋସିଏସନ ସଂପାଦକ ଦିବାକର ମହାନ୍ତି, ଆରକ୍ଷୀ ଅଧିକାରୀ ବିଶ୍ୱରଞ୍ଜନ ବେହେରା ପ୍ରମୁଖ ଯୋଗଦେଇ ପ୍ରବାସୀ ଶ୍ରମିକ ମାନଙ୍କ ବିବିଧ ସମସ୍ୟା ତାର ପ୍ରତିକାର ଓ ପ୍ରତିଶେଧ, ସାମାଜିକ ଗଣମାଧ୍ୟମ ଓ ସାଇବର ଅପରାଧ ସେ ପାଇଁ ଆଇନ୍ ଗତ ବ୍ୟବସ୍ଥା ସହିତ ଜନସାଧାରଣ ଓ ସରକାରୀ ଅଧିକାରୀ ଙ୍କ ଦାୟିତ୍ୱ ସମ୍ବନ୍ଧ ରେ ବିସ୍ତୃତ ଆଲୋଚନା କରିଥିଲେ। ପ୍ରାଧିକରଣ ପ୍ରାକ୍ତନ ସଦସ୍ୟ ଡ ରୁଦ୍ରନାରାୟଣ ପୁଷ୍ଟି ସଭା ସଂଚାଳନ କରିବା ସହିତ ମାନବ ଚାଲାଣ ଏବଂ ବାଣିଜ୍ୟିକ ଯୌନ ଶୋଷଣ ରେ ପୀଡତ ପାଇଁ ନାଲସାର କାର୍ଯ୍ୟକାରୀ ହେଉଥିବା ୨୦୧୫ ଯୋଜନା ବିଷୟ ରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା ରେ ପ୍ରାଧିକରଣ କର୍ମଚାରୀ ମାନେ ସହଯୋଗ କରିଥିଲେ।

# ସେବା ସଙ୍କଳ୍ପ ଅଭିଯାନରେ ୨୦୦୦ ରୋଗୀଙ୍କ ନିଃଶୁଳ୍କ ଚିକିତ୍ସା

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦିଜୀଙ୍କ ୨୫ବର୍ଷ ସେବା ଏବଂ ସମର୍ପଣର ସେବା ସଂକଳ୍ପ ଅଭିଯାନ ଉପଲକ୍ଷେ ମାନ୍ୟବର କୋରେଇ ବିଧାୟକ ତଥା ଯାଜପୁର ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଆକାଶ ଦାସନାୟକଙ୍କ ନେତୃତ୍ୱରେ କୋରେଇ ଭାରତୀୟ ଜନତା ପାର୍ଟି ତରଫରୁ ଏକ ବିଶାଳ ମାଗଣା ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ରବିବାର ସକାଳ ୯ ଘଟିକା ଠାରୁ ଅପରାହ୍ନ ୩ ଘଟିକା ପର୍ଯ୍ୟନ୍ତ ବ୍ୟାସନଗର ସ୍ଥିତ ବ୍ୟାସଦେବ ଟାଉନ୍ ହଲ୍ ଠରେ ଅନୁଷ୍ଠିତ ହୋଇଯାଇଛି। ଏହି ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିରରେ ୨୦୦୦ରୁ ଉର୍ଦ୍ଧ୍ୱ ରୋଗୀଙ୍କୁ ଚିକିତ୍ସିତ କରାଯାଇ ଔଷଧ ବଂଟନ କରାଯାଇଥିଲା। ଏହି ନିଃଶୁଳ୍କ ସେବା ଶିବିରରେ ସମ୍ପୂର୍ଣ୍ଣ ମାଗଣା ପରାମର୍ଶ, ଚିକିତ୍ସା ଓ ଔଷଧ ପ୍ରଦାନ କରାଯାଇଥିଲା। ଏହି ଶିବିରରେ ମେଡିସିନ୍ ବିଭାଗ, ହୃଦ୍‌ରୋଗ ବିଭାଗ, ମଧୁମେହ ରୋଗ ବିଭାଗ, ସ୍ନାୟୁରୋଗ ବିଭାଗ, ଇ.ଏନ୍.ଟି. (କାନ, ନାକ ଓ ଗଳା ବିଭାଗ), ଚର୍ମ ରୋଗ ବିଭାଗ, ଦନ୍ତ ରୋଗ ବିଭାଗ, ଚକ୍ଷୁ ରୋଗ ବିଭାଗ, ଅସ୍ଥି ଓ ହାଡ ଜନିତ ରୋଗ ବିଭାଗ, ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଭାଗ ଓ ଶିଶୁ ରୋଗ ବିଭାଗର ଅଭିଜ୍ଞ ଓ ସୁନାମଧନ୍ୟ ପ୍ରଫେସର ମାନଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣା ଔଷଧ ବିତରଣ କରାଯାଇଥିଲା। ଏହି ସ୍ୱାସ୍ଥ୍ୟ ଶିବିରରେ ଡାଇବେଟିସ୍ ବିଭାଗର ପରାମର୍ଶଦାତା ଡ. ସାତିକ୍ ୱସିମ୍ ବାରି, ନ୍ୟୁରୋଲୋଜି ବିଭାଗର ଡ. ସିଦ୍ଧାର୍ଥ ପଟ୍ଟନାୟକ, ମେଡିସିନ୍ ବିଭାଗର ଡ. ଶୁଭମ୍ ପଟ୍ଟନାୟକ, ଅର୍ଥୋପେଡିକ୍ ବିଭାଗର ଡ. ଅଭିଳାଷ ବରାଳ, ଓପଥାଲମୋଲୋଜି ବିଭାଗର ଡ. ସଞ୍ଜନା ସାହୁ, ଚର୍ମରୋଗ ବିଭାଗର ଡ. ପୂଜା ନାୟକ, ଇ.ଏନ୍.ଟି. ବିଭାଗର ଡ. ଭାଗ୍ୟଲକ୍ଷ୍ମୀ ନାୟକ, ଓ ଏଣ୍ଡ୍ ଜି. ବିଭାଗର ଡ. ସ୍ନେହବର୍ଷା ମିଶ୍ର, ଶିଶୁ ରୋଗ ବିଭାଗର ଡ. ପ୍ରୀତିନନ୍ଦା ପ୍ରିୟଦର୍ଶିନୀଙ୍କ ଭଳି ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ବିଭିନ୍ନ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏମାନଙ୍କ ବ୍ୟତିତ ୨ ଜଣ ଦାନ୍ତ ଡାକ୍ତର, ୧୫ ଜଣ ନର୍ସିଂ ଛାତ୍ରଛାତ୍ରୀ, ଲ୍ୟାବ୍ ଟେଷ୍ଟ ପାଇଁ ୩ ଜଣ ଷ୍ଟାଫ୍, ଜଣେ ଇସିଜି ଟେକ୍ନିସିଆନ୍, ୨ ଜଣ ଫାର୍ମାସିଷ୍ଟ, ମିସ୍ ମୋନାଲିନା ସ୍ୱାଇଁ ଏବଂ ଗୋଟିଏ ମ୍ୟାଜିକ୍ ମିରର୍ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଯାଜପୁର ଜିଲ୍ଲା ବିଜେପି ସଭାନେତ୍ରୀ ଦେବଯାନୀ ପ୍ରଧାନ, କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦ, ଅତିରିକ୍ତ ତହସିଲଦାର ବ୍ୟାସନଗର ପ୍ରଶାନ୍ତ କୁମାର ପୁହାଣ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ନଗେନ୍ଦ୍ର ନାଥ ମହାପାତ୍ର, ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଦିପ୍ତିମୟୀ କୁଅଁର, ବ୍ୟାସନଗର ମଣ୍ଡଳ ସଭାପତି ଅଚ୍ୟୁତାନନ୍ଦ ଦାସ, ବ୍ୟାସନଗର ସାଧାରଣ ସଂପାଦକ ପ୍ରଶାନ୍ତ ବୋଇତାଇ, ଜିଲ୍ଲା ସହ-ସଂପାଦକ ଅଯୋଧ୍ୟା ଜେନା, କୋରେଇ ବିଧାୟକଙ୍କ ପ୍ରତିନିଧି ଧନେଶ୍ୱର ବାରିକ, ବ୍ୟାସନଗର ବିଧାୟକଙ୍କ ପ୍ରତିନିଧି ଶିଶିର କୁମାର ରାଉତ, ରସୁଲପୁର ବିଧାୟକଙ୍କ ପ୍ରତିନିଧି ପ୍ରହଲ୍ଲାଦ ପଣ୍ଡା, କୋରେଇ ସାଂସଦ ପ୍ରତିନିଧି ପ୍ରମୋଦ କୁମାର ସାହୁ, ଆଦି ଯୋଗ ଦେଇଥିଲେ।



# ୨୨୦୦ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗାନ୍ଧୀକ୍ୱିଜ୍ ପ୍ରତିଯୋଗିତା

**କେନ୍ଦ୍ରାପଡା, ନ୍ୟୁଜ୍ ବ୍ୟୁରୋ**

ଗାନ୍ଧୀ ଆଦର୍ଶ ଓ ବିଚାରଧାରା ସହିତ ଉତ୍ତର ପିଢିଙ୍କୁ ପରିଚିତ କରିବା ଉଦ୍ଦେଶ୍ୟରେ ଜିଲ୍ଲାର ୯ଗୋଟି ବ୍ଲକ ଓ ୨ଟି ସହରାଞ୍ଚଳରେ ୫ଟି ଲେଖାଏଁ କରି ମୋଟ ୫୫ ଟି ଉଚ୍ଚ ବିଦ୍ୟାଳୟର ପ୍ରାୟ ୨୨୦୦ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗାନ୍ଧୀ କ୍ୱିଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଗୋଟିଏ ଦିନରେ ଓ ଏକ ସମୟରେ ହୋଇଥିବା ଏହି ପ୍ରତିଯୋଗିତାକୁ ଜିଲ୍ଲାର ବିଭିନ୍ନ ବ୍ଲକ୍ ଓ ସହରାଞ୍ଚଳରେ ଅଧାପକ ଅଜୟ ସାମଲ, ରବୀନ୍ଦ୍ର ପ୍ରସାଦ ଜେନା, ଅବଧୂତ ରାଉତ, ଅବନ୍ତୀ ବେହେରା, ଭାଗୀରଥି ଜେନା, ନରୋତ୍ତମ ପାର୍ଥସାରଥୀ, ମହେନ୍ଦ୍ର ପଟ୍ଟନାୟକ, ରାଜେନ୍ଦ୍ର ମହାପାତ୍ର, ସରୋଜକାନ୍ତ ନାୟକ, ବିଷ୍ଣୁପ୍ରିୟା ସାମଲ, ଅଭୟ କୁମାର ସ୍ୱାଇଁପ୍ରମୁଖ ସଙ୍ଗଠନର କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ଭାରତର ଏଆଇ, ଇଲେକ୍ଟ୍ରୋନିକ୍ସ, ଇଞ୍ଜିନିୟରିଂ ସାମଗ୍ରୀ ଚାହିଦା ଚୀନରେ ଅଧିକ

୨୦୨୬ ଅଗଷ୍ଟ ପର୍ଯ୍ୟନ୍ତ ୫ ମାସରେ ଚୀନକୁ ଭାରତର ରପ୍ତାନିରେ ପ୍ରାୟ ୪୦% ବୃଦ୍ଧି ଘଟିଛି। ଏଥିରେ ବଡ଼ ଯୋଗଦାନ ଦେଇଛି ଇଲେକ୍ଟ୍ରୋନିକ୍ସ, ଇଞ୍ଜିନିୟରିଂ ଗୁଡ୍ସ ଏବଂ ଏଆଇ। ଯଦିଓ ଦ୍ୱିପାକ୍ଷିକ ବ୍ୟାପାରରେ ଚୀନ୍‌ର ସିଂହଭାଗ ରହିଛି। ବିଶ୍ୱ ଯୋଗାଣ ଶୃଙ୍ଖଳରେ ବଡ଼ ଭୂମିକା ନିର୍ବାହ କରିବାକୁ ଚାହାନ୍ତି ଭାରତୀୟ ନିର୍ମାତା। ନୂଆଦିଲ୍ଲୀ ଏବଂ ବେଜିଂ ପାରସ୍ପରିକ ସମ୍ପର୍କକୁ ସୁଧାରିବା କାର୍ଯ୍ୟରେ ଲାଗିଛନ୍ତି। ରପ୍ତାନି ବୃଦ୍ଧି ପାଇଁ ଏହା ଏକ ବଡ଼ କାରଣ। ଆମେରିକାର ଶୁଳ୍କ ନୀତି ଏବଂ ବିଶ୍ୱ ବାଣିଜ୍ୟିକ ଅନିଶ୍ଚିତତା ମଧ୍ୟରେ ଭାରତ ଏବଂ ଚୀନ୍ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ସୁଧୁରୁଛି। ରପ୍ତାନି ବୃଦ୍ଧିରେ ସବୁଠାରୁ ବଡ଼ ଯୋଗଦାନ ଦେଇଛି ଇଲେକ୍ଟ୍ରୋନିକ୍ସ। ତଥ୍ୟ ଅନୁସାରେ, ଚଳିତ ଆର୍ଥିକ ବର୍ଷର ଏପ୍ରିଲରୁ ଅଗଷ୍ଟ ମଧ୍ୟରେ ଭାରତରୁ ଚୀନ୍‌କୁ ଇଲେକ୍ଟ୍ରୋନିକ୍ସ ରପ୍ତାନିରେ ୧୫% ରୁ ଅଧିକ ବୃଦ୍ଧି ଦେଖିବାକୁ ମିଳିଛି। ଶିଳ୍ପ ଅଧିକାରୀମାନଙ୍କ କହିବାନୁସାରେ, ଅଭିବୃଦ୍ଧି ପାଇଁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଏବଂ ଡାଟା ସେଣ୍ଟର ବିଶ୍ୱସ୍ତରୀୟ ସମ୍ପ୍ରସାରଣ କାରଣ। ଇଲେକ୍ଟ୍ରୋନିକ୍ସ ଇଣ୍ଡଷ୍ଟ୍ରିଜ୍ ଆସୋସିଏସନ୍ ଅଫ୍ ଇଣ୍ଡିଆର ମହାସଚିବ ରଜୋ ଗୋଏଲ କୁହନ୍ତି, ଏଆଇ ଭିତ୍ତିକ ଉତ୍ପାଦ ପାଇଁ ହାଇଏଣ୍ଡ୍ ଉପକରଣ ଚାହିଦା ବୃଦ୍ଧି ପାଇଛି। ଏପରିକି ଏତେ ମାତ୍ରାରେ ବର୍ଦ୍ଧିତ ଚାହିଦା ପୂରଣ କରିବାକୁ ଯୋଗାଣକାରୀ ଚାପରେ ଅଛନ୍ତି। ଏହା ଚୀନ୍‌କୁ ଭାରତର ଇଲେକ୍ଟ୍ରୋନିକ୍ସ ରପ୍ତାନି ବଢ଼ାଇବାରେ ସହାୟକ ହୋଇଛି। ମାର୍ଚ୍ଚରେ ଶେଷ ହୋଇଥିବା ଆର୍ଥିକ ବର୍ଷରେ ଚୀନ୍‌କୁ ଭାରତର ଇଲେକ୍ଟ୍ରୋନିକ୍ସ ରପ୍ତାନି ୩ ଗୁଣା ହୋଇ ୩.୧୮ ବିଲିୟନ ଡଲାରରେ ପହଞ୍ଚିଛି। ବିଶେଷକରି ପ୍ରିଣ୍ଟେଡ୍ ସର୍କିଟ ବୋର୍ଡ ଆସେମ୍ବଲେଜ୍, ସ୍ମାର୍ଟଫୋନ, ଡିସ୍‌ପ୍ଲେ ମଡ୍ୟୁଲ ଏବଂ ଟେଲିକମ୍ ଉପକରଣ ରପ୍ତାନି ବୃଦ୍ଧି ପାଇଛି। ରପ୍ତାନି କେବଳ ଇଲେକ୍ଟ୍ରୋନିକ୍ସ ଉତ୍ପାଦରେ ସୀମିତ ନାହିଁ। ଏପ୍ରିଲ-ଅଗଷ୍ଟରେ ଚୀନ୍‌କୁ ଇଞ୍ଜିନିୟରିଂ ରପ୍ତାନି ପାଖାପାଖି ୨୧% ବୃଦ୍ଧି ପାଇଥିବା ରପ୍ତାନିକାରୀଙ୍କ ପକ୍ଷରୁ ପ୍ରକାଶ। ମେସିନାରୀ ଏବଂ ପାର୍ଟସ, ଅଟୋ ଉପକରଣ ଏବଂ ହ୍ୟାଣ୍ଡ୍ ଟୁଲ୍ ରପ୍ତାନି ବଡ଼ ଆକାରରେ ବୃଦ୍ଧି ପାଇଛି।



## ନିଶାପ

### (ନିରପେକ୍ଷ ଶାସନ ପଦ୍ଧତି)

### ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

**ପ୍ରତିଷ୍ଠା**

ଶ୍ରଦ୍ଧେୟ ଭକ୍ତବୃନ୍ଦ ଯିଏ ସାରା ବ୍ରହ୍ମାଣ୍ଡର ମାଲିକ ଆଉ ଯାହା ଉପରେ ଚଉଦ ବ୍ରହ୍ମାଣ୍ଡ ତିଷ୍ଠି ପାରିଛି ସେହିଁ ଅନନ୍ତ ଅବିନାଶୀ, ପରଂବ୍ରହ୍ମ ତାକୁ ଆମେ କଣ ପ୍ରତିଷ୍ଠା କରିବା।

ସେତ ଆମକୁ ପଠାଇଛନ୍ତି, ତାଙ୍କ କର୍ମ କରିବା ପାଇଁ ଆଉ ଆମେ କଣ ତାଙ୍କୁ ପ୍ରତିଷ୍ଠା କରିବା ଏଇ ପ୍ରତିଷ୍ଠା ହିଁ ଏକ ଅହଂକାର ଏହା ବି ଏକ ବ୍ୟାଧି। ଯିଏ ସ୍ୱୟଂ ପ୍ରକାଶ୍ୟ ଯାହାଦ୍ୱାରା ଚଳ ଅଚଳ ସବୁ ନିମିଷକେ ଓଲଟ ପାଲଟ ହୋଇଯାଏ। ସେହି ପ୍ରଭୁ ହେଲେ ଜୀବ ଜଗତର ପ୍ରାଣ। ପ୍ରାଣକୁ ପୁଣି କଣ ପ୍ରତିଷ୍ଠା କରିବା, ସେହିଁ ସତ୍ୟ, ଶିବ, ସୁନ୍ଦର, ତେଣୁ ହେ ଭକ୍ତ ତୁମ ଭିତରେ ସତ୍ୟ, ଶାନ୍ତି, ଦୟା, କ୍ଷମା, ଶ୍ରଦ୍ଧା, ବିଶ୍ୱାସ, ଭକ୍ତି, ଜ୍ଞାନକୁ ପ୍ରତିଷ୍ଠା କରି ଇଶ୍ୱରଙ୍କ ଉପାସନାରେ ବ୍ରତୀ ହେଲେ ସେହିଁ ହେବ ଈଶ୍ୱରଙ୍କ ପାଇଁ ପ୍ରତିଷ୍ଠା, କେବଳ ଭାବ ଟିକିଏ ରଖ ଦେଖିବ ସେ ତୁମକୁ କିପରି ସରଳ ସୁନ୍ଦର ଭାବରେ ଏ ଜଗତରେ ତୁମକୁ ପ୍ରତିଷ୍ଠା କରି ଦେଇଥିବେ। ଆଉ ତୁମେ ତାକୁ କଣ ପ୍ରତିଷ୍ଠା କରିବା

ତାଙ୍କର ଧନ, ତାଙ୍କରି ମନ, ତାଙ୍କରି ଫୁଲ ଫଳକୁ ତାଙ୍କୁ ଦେଇ ତୁମେ ଭାବୁଛ ଆମେ ସବୁ କରି ଦେଉଛୁ। ଆମଠାରୁ ଦାନୀ, ମାନୀ, ଧନୀ ଏ ଦୁନିଆରେ ଆଉ କେହି ନାହାଁନ୍ତି। ଆଉ ନିଜକୁ ଟିକେ ଭାବ ତୁମେ ସେହି ପାଣି ଫୋଟକା ମିଳେଇ ଯିବ ନିମିଷକ ମଧ୍ୟରେ ତୁମର ସତା ଓ ପତା ତୁମର ପୁତ୍ର ନାତିମାନେ ମଧ୍ୟ ମନେରଖିନଥିବେ। ଏଣୁ କାହାକୁ ନେଇ ଏତେ ଗର୍ବ ଅହଂକାର ଟିକେ ଭାବି ଦେଖ ସତ୍ୟକୁ ଆଧାରରେ କର ଦେଖିବ ସବୁ ସେଇ ଏକ ପରମାତ୍ମା ପରମ ପିତା। ହରି ଓଁ।

# ଅକ୍ଟୋବର ଆସିଲେ ବାତ୍ୟାର ଭୟ ଆସେ



ହିମାଂଶୁ ଶେଖର ଆଚାର୍ଯ୍ୟ
ସାରସ୍ୱତ ପରିଷଦ, ଜଗତସିଂହପୁର
ମୋ : ୯୩୩୭୨୨୧୯୨୪

ଜଳବାୟୁ ପରିବର୍ତ୍ତନ ଆମ ପାଇଁ ବିପଦକୁ ଡାକି ଆଣୁଛି। ଏନେଇ ସାମୁଦ୍ରିକ ବିଜ୍ଞାନୀମାନେ ଅଙ୍କକଷା ଆରମ୍ଭ କରିଛନ୍ତି। ଏହି ଜଳ ବାୟୁ ପରିବର୍ତ୍ତନ ପ୍ରଭାବରେ ସମୁଦ୍ର ପୂର୍ବାପେକ୍ଷା ଅଧିକ ଉତ୍ତପ୍ତ ରହୁଛି। ଫଳରେ ପ୍ରତିବର୍ଷ ହାରାହାରି ଗୋଟିଏ ବଡ ବାତ୍ୟା ରାଜ୍ୟର ମେରୁଦଣ୍ଡ ଉପରେ ପ୍ରଚଣ୍ଡ ଆଘାତ ଦେଉଛି। ସୂଚନାଯୋଗ୍ୟ ଯେ, ଗତ ୩ବର୍ଷ ମଧ୍ୟରେ ପାଖା ପାଖି ଦେଢଲକ୍ଷ ଘର ମାଟିରେ ମିଶିଛି। ୭ଲକ୍ଷ ହେକ୍ଟର ଜମିର ଫସଲ ଉଜୁଡିଛି। ୪ହଜାରରୁ ଉର୍ଦ୍ଧ୍ୱ ଗୋସମ୍ପଦ ନଷ୍ଟ ହୋଇଛନ୍ତି। ଏଥିରୁ ଜଣା ପଡୁଛି ଯେ, ଓଡିଶା ଏବେ ବାତ୍ୟା ଦୃଷ୍ଟିରୁ ଅତି ସମ୍ବେଦନଶୀଳ ରାଜ୍ୟ ହୋଇପଡିଛି। ଯଦିଓ ୧୮୯୧ରୁ ୨୦୨୧ମସିହା ମଧ୍ୟରେ ବାତ୍ୟା ସଂଖ୍ୟା ଧୀରେଧୀରେ କମିବାରେ ଲାଗଛି ତଥାପି ଆସୁଥିବା ବାତ୍ୟାର ପ୍ରକୋପ ପୂର୍ବ ତୁଳନାରେ ଅଧିକ ରହୁଛି। ଚଳିତ ବର୍ଷ ଲଘୁଚାପ ବର୍ଷା ଓଡିଶା ପାଇଁ ବାତ୍ୟା ଓ ବନ୍ୟାଡର ସୃଷ୍ଟି କରିଛି। ଏବେସୁଦ୍ଧା ବଙ୍ଗୋପ ସାଗରରୁ ବାରମ୍ବାର ଲଘୁଚାପ ସୃଷ୍ଟି ହେବାରେ ଲାଗିଛି। ଏ ବର୍ଷ ଅକ୍ଟୋବରରୁ ଡିସେମ୍ବର ମଧ୍ୟରେ ତିନୋଟି ବଡ ବାତ୍ୟା ଆସିବାର ସମ୍ଭାବନା ରହିଛି। ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ)ର ଆକଳନ ଅନୁଯାୟୀ ଏହି ସମୟ ମଧ୍ୟରେ ଆରବସାଗର ଓ ବଙ୍ଗୋପସାଗରରେ ଏହି ବାତ୍ୟା ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହି ବାତ୍ୟାକୁ ଏକ ଅସ୍ୱାଭାବିକ ଝଡ ବୋଲି କୁହାଯାଇପାରେ। ସେହିପରି ପୁଣି ଆସୁଛି ବଡ ବର୍ଷା। ସେପ୍ଟେମ୍ବର ୨୨ରୁ ଲଘୁଚାପ ଘନୀଭୂତ ହୋଇ ଓଡିଶା ମୁହାଁଇପାରେ। ଅତିପ୍ରବଳ ବର୍ଷା ଆଶଙ୍କା ଥିବାବେଳେ ବାତ୍ୟାର ସମ୍ଭାବନାକୁ ମଧ୍ୟ ଏଡାଇ ହେବ ନାହିଁ ବିଗତ ଦିନରେ ବି ନେପାଳରେ ଘଟିଥିବା ବାଦଲଫଟା ବର୍ଷା ଓ ଜଳପ୍ରଳୟକୁ ଆମେ ଅଙ୍ଗେନିଭେଇଛୁ। ସୂଚନାଯୋଗ୍ୟଯେ, ଭାରତ ଇତିହାସରେ ସବୁଠାରୁ ପ୍ରଳୟଙ୍କରୀ ବାତ୍ୟା ଆସିଥିଲା ୧୯୯୯ ମସିହାରେ। ଆଣ୍ଡାମାନ ସାଗରରେ ୨୫ ଅକ୍ଟୋବରରେ ସୃଷ୍ଟି ହୋଇ ଏହା ଧୀରେ ଧୀରେ ଶକ୍ତିଶାଳୀ ହୋଇ ମହାବାତ୍ୟା ରୂପ ନେଇଥିଲା। ଜଗତସିଂହପୁର ଜିଲ୍ଲାରେ ଅକ୍ଟୋବର ୨୯ ତାରିଖରେ ଏହା ସ୍ଥଳଭାଗ ଅତିକ୍ରମ କରିଥିଲା। ବାତ୍ୟା ସ୍ଥଳଭାଗରେ ମାଡ ସମୟରେ ଘଣ୍ଟା ପ୍ରତି ୨୬୦ କି.ମି ବେଗରେ ପବନ ବହିଥିଲା। ଫଳରେ ଜଗତସିଂହପୁର ଜିଲ୍ଲା ସମେତ ଉପକୂଳିଆ ଜିଲ୍ଲାଗୁଡିକ ଛାରଖାର ହୋଇଯାଇଥିଲା। ବାତ୍ୟା ମାଡ ହେବା ପରେ ସମୁଦ୍ରରେ ୧୫ରୁ ୨୦ ଫୁଟ ଉଚ୍ଚର ଜୁଆର ଉଠିବା ସହିତ ପ୍ରାୟ ୩୫ କି.ମି ପର୍ଯ୍ୟନ୍ତ ସମୁଦ୍ର ପାଣି ମାଡି ଆସିଥିଲା। ଏହି ବାତ୍ୟାରେ ସରକାରୀ ଭାବେ ରାଜ୍ୟରେ ପ୍ରାୟ ୧୦ ହଜାର ଲୋକ ପ୍ରାଣ ହରାଇଥିବା ବେଳେ ୧ କୋଟି ୨୫ ଲକ୍ଷ ଲୋକ ପ୍ରଭାବିତ ହୋଇଥିଲେ। ୧୮ଲକ୍ଷରୁ ଅଧିକ ଘର ମାଟିରେ ମିଶିଥିଲା। ଅଦ୍ୟାବଧି ଏହାକୁ ଭାରତର ସବୁଠାରୁ ବଡ ବାତ୍ୟା ଭାବେ ବେବେଚନା କରାଯାଉଛି। ଏହି ବାତ୍ୟାକୁ ଏବେ ୨୪ ବର୍ଷରେ ପହଞ୍ଚିଛି। ସେହିପରି ୧୯୯୯ ମହାବାତ୍ୟାକୁ ଛାଡ଼ି ଦେଲେ ୨୦୧୩ ଅକ୍ଟୋବର ୧୨ରେ ଫାଇଲିନ୍ ଓ ୨୦୧୪ ଆକ୍ଟୋବର ୧୨ରେ ହୁଡୁହୁଡୁ ଓଡ଼ିଶାରେ ହା'ହା'କାର ସୃଷ୍ଟି କରିଥିଲା। ଏହିସବୁକୁ ରାଜ୍ୟବାସୀ ସାମ୍ନା କରିଛନ୍ତି ଓ ଏହି ଦିନ ଗୁଡ଼ିକ ଅଭୁଲା ସ୍ମୃତି ହୋଇ ରହିଛି। ପ୍ରାକୃତିକ ବିପର୍ଯ୍ୟୟର ଚିରସହଚର ହୋଇଛି ଓଡ଼ିଶା। ଏକ ତଥ୍ୟ ମୁତାବକ ୧୮୯୧ରୁ ୧୯୦୦ ମସିହା ମଧ୍ୟରେ ୨୦ଟି ବାତ୍ୟ ସୃଷ୍ଟି ହୋଇଥିବା ବେଳେ ପରବର୍ତ୍ତୀ ଦଶନ୍ଧିରେ ଏହି ବାତ୍ୟା ସଂଖ୍ୟା ୯ ଥିଲା। ୧୯୧୧ରୁ ୧୯୨୦ ମଧ୍ୟରେ ୧୨ଟି, ୧୯୪୧ରୁ ୧୯୫୦ ମଧ୍ୟରେ ୧୦ଟି ବାତ୍ୟ ସାମ୍ନା କରିଛି ଓଡିଶା। ଏ ପ୍ରସଙ୍ଗରେ ଜଣାପଡିଛି ଯେ, ୧୯୯୯ ମହାବାତ୍ୟା ପରେ ୧୦ ବର୍ଷ ଧରି ରାଜ୍ୟ ଆଦୌ ବାତ୍ୟା ସାମ୍ନା କରିନଥିଲା। ଅଥଚ ୨୦୧୧ରୁ ୨୦୨୦ ମଧ୍ୟରେ ୩ଟି ବଡ ବାତ୍ୟା ସହ ୭ଟି ବାତ୍ୟା ଓଡିଶା ଉପକୂଳ ଦେଇ ଯାଇଛି। ନିକଟରେ 'ୟସ'କୁ ମିଶାଇଲେ ଏହି ସଂଖ୍ୟା ୪ ହେବ। ଆଉ ଏକ ରିପୋର୍ଟରୁ ଜଣାପଡିଛି ଭାରତବର୍ଷର ୯୬ଟି ଜିଲ୍ଲା ବାତ୍ୟା ପ୍ରବଣ। ତନ୍ମଧ୍ୟରୁ ଗଞ୍ଜାମ, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡା, ବାଲେଶ୍ୱର, ଭଦ୍ରକଓ ଆନ୍ଧ୍ରର ମଛଲିପଟନ ଆଦି ବାତ୍ୟା ଦୃଷ୍ଟିରୁ ଅତି ସମ୍ବେଦନଶୀଳ ବୋଲି କୁହାଯଉଛି। ଗବେଷଣାରୁ ଜଣାପଡିଛି ମୌସୁମୀ ପରବର୍ତ୍ତୀ ସମୟରେ ଅଧିକ ବାତ୍ୟା ଆସୁଛି। ବିପର୍ଯ୍ୟୟ ମୁକାବିଲା କ୍ଷେତ୍ରରେ ଯଦିଓ ରାଜ୍ୟ ସରକାର ଅନେକାଂଶରେ ସକ୍ଷମ ହୋଇଛନ୍ତି ତଥାପି ଏହାର ପ୍ରଭାବ ଅଧିକ ଘାତକ ହେଉଛି। ଏବେ ଲଘୁଚାପ ଆସିଲେ ଲୋକଙ୍କ ମନରେ ବାତ୍ୟା ଭୟ ଲୋକଙ୍କୁ ଘାରୁଛି। ସତେ ଯେମିତି ଲଘୁଚାପ ଦେଖାଉଛି ବାତ୍ୟା ଡର। ତାପାୟନ ବୃଦ୍ଧି ଓ ଜଳବାୟୁରେ ଅସ୍ୱାଭାବିକ ପରିବର୍ତ୍ତନ ଏବେ ଆମ ପାଇଁ ଚିନ୍ତାର କାରଣ ହୋଇଛି। ବିଗତ ଦିନରେ ୨୦୧୬ ମଇ ୨୩ ତାରିଖରେ ରାଜଧାନୀ ଭୁବନେଶ୍ୱର କଟକ ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରେ କାଳବୈଶାଖୀର ତାଣ୍ଡବଲୀଳାକୁ ଦେଖି ଲାଗୁଥିଲା ଯେପରି ମହାବାତ୍ୟା ହେଉଛି। ସେହିପରି ୨୦୧୫ରେ ଭୟଙ୍କର ଭୂକମ୍ପ ନେପାଳର ଜନଜୀବନ ଓ ଅର୍ଥନୀତିକୁ ଧ୍ୱସ୍ତବିଧ୍ୱସ୍ତ କରିଦେଇଥିବା ବେଳେ ଆମ ଦେଶ ତଥା ରାଜ୍ୟରେ ମଧ ଏହାର ପ୍ରଭାବ ଅନୁଭୂତ ହୋଇଥିଲା। ଏହି ଭୂକମ୍ପର ନିର୍ଘାତ ପ୍ରହାରରେ ନେପାଳ ସମେତ ସିକିମ୍, ଭୁଟାନ୍, ଭାରତ, ପାକିସ୍ତାନ ପର୍ଯ୍ୟନ୍ତ ଏସୀୟ ଭୂଖଣ୍ଡ ଥରିଉଠିଥିଲା। ହିମାଳୟରେ ବାଦଲଫଟା ବର୍ଷାରୁ ସୃଷ୍ଟ ଉତ୍ତରାଖଣ୍ଡ ମହାପ୍ରଳୟକୁ ଏବେ ଛଅବର୍ଷ ପୁରିବାକୁ ଯାଉଛି। ସେହି ପ୍ରଳୟର କଥା ମନେପଡିଲେ ଏବେବି ଲୋମ ଟାଙ୍କୁରି ଉଠେ, ଦୀର୍ଘଶ୍ୱାସ ବାହାରି ଆସେ। ବିଗତ ଦିନରେ ଜାପାନରେ ଘଟିଯାଇଥିବା ଭୂକମ୍ପ ଓ ସୁନାମି ପ୍ରକୃତିର କ୍ରୁରତା ଓ ପରିବେଶ ପ୍ରଦୂଷଣ ଭୟାବହତାର ଜ୍ୱଳନ୍ତ ଦୃଷ୍ଟାନ୍ତ।

କାରଣ ଖୋଜି ବସିଲେ ପ୍ରକୃତି ବିଶ୍ୱ ମାନବ ସମାଜକୁ ଦେଇଛି ଜଳ, ବାୟୁ, ମୃତ୍ତିକା, ଶିଳ୍ପ ଅଭିବୃଦ୍ଧି, ସଡକ ନିର୍ମାଣ, ଲୋକଙ୍କ ଚାହିଦା ମେଣ୍ଟାଇବା ପାଇଁ ବସତି ନିର୍ମାଣ ପ୍ରଭୃତି ହେତୁ ବ୍ୟାପକ ଜଙ୍ଗଲ କଟା ଚାଲିଛି। ଫଳରେ ବାୟୁମଣ୍ଡଳରୁ ଅମ୍ଳଜାନ କମି ବିଷାକ୍ତ ଅଙ୍ଗାରକାମ୍ଳ ଗ୍ୟାସ୍ ବୃଦ୍ଧି ପାଇ ବିଶ୍ୱ ତାପମାତ୍ରା ବଢିବାରେ ଲାଗିଛି। ଖାଲି ସେତିକି ନୁହେଁ କଳକାରଖାନାରୁ ନିର୍ଗତ ଗ୍ୟାସ୍ ଏବଂ ଅନ୍ୟାନ୍ୟ ରାସାୟନିକ ପ୍ରକ୍ରିୟା ଓ ପ୍ରତିକ୍ରିୟାରୁ ବାୟୁ, ଜଳ, ମୃତ୍ତିକା ମଧ ପ୍ରଦୂଷିତ ହେଉଛି। ପାଣିପାଗ ବିଶେଷଜ୍ଞଙ୍କ କହିବା ଅନୁଯାୟୀ ଏହି ସମୟରେ ଉତ୍ତର ପଶ୍ଚିମ ମହାସାଗରରୁ ସୃଷ୍ଟି ବାତ୍ୟା ଆରବ ସାଗର ଅପେକ୍ଷା ବଙ୍ଗୋପସାଗରରେ ଅଧିକ ଶକ୍ତିଶାଳୀ ହୋଇ ତୁଳନାତ୍ମକ ଭାବେ ଅଧିକ ଶକ୍ତିଶାଳୀ ହୋଇ ବଡ ବାତ୍ୟା ସୃଷ୍ଟି କରିଥାଏ। ତେଣୁ ଏବେ ବି ଅକ୍ଟୋବର ଆସିଲେ ବାତ୍ୟାର ଭୟ ଆସେ।

# ଗ୍ରାମୀଣ ମହିଳାଙ୍କ ହାତରେ ଓଡ଼ିଶାର ଶିଳ୍ପ ବିପ୍ଳବ

କାଳୀପ୍ରସାଦ ସ୍ୱାଇଁ
ସାମାଜିକ କର୍ମୀ,
କାକଟପୁର, ପୁରୀ
ମୋ: ୮୧୧୪୮୧୦୩୧୩

ଯେଉଁ ହାତ ସକାଳୁ ଅଗଣାରେ ଝୋଟି ପକାଏ ଦାଣ୍ଡ ଓଳାଏ ଆଜି ସେହି ହାତ ରାଜ୍ୟ ଅର୍ଥନୀତିର ଭାଗ୍ୟ ବଦଳାଇବାରେ ଲାଗିଛି। ଚୁଲିମୁଣ୍ଡରୁ ବାହାରି ଓଡ଼ିଶାର ଗ୍ରାମୀଣ ମହିଳାମାନେ ଆଜି ଏକ ନୀରବ ଅର୍ଥନୈତିକ ବିପ୍ଳବର ମୂଳଦୁଆ ସାଜିଛନ୍ତି। ଦିନ ଥିଲା, ଯେତେବେଳେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (SHG) କହିଲେ କେବଳ କିଛି ଟଙ୍କା ସଞ୍ଚୟ ଓ କିଛି ଋଣ ନେଣଦେଣ ପରି କ୍ଷୁଦ୍ର ବ୍ୟବସ୍ଥାକୁ ବୁଝାଉଥିଲା। କିନ୍ତୁ ଆଜି ପ୍ରାୟ ୬୦ ଲକ୍ଷ ମହିଳାଙ୍କ ଏହି ବିଶାଳ ସଙ୍ଗଠନ ଆମ ରାଜ୍ୟର ସବୁଠାରୁ ଶୃଙ୍ଖଳିତ ଓ କର୍ମଠ ମାନବସମ୍ବଳ ଭାବେ ଉଭା ହୋଇଛି। ବର୍ତ୍ତମାନ ରାଜ୍ୟରେ ଏହି ଗୋଷ୍ଠୀଗୁଡ଼ିକ ସରକାରୀ ପ୍ରକଳ୍ପ ଓ କ୍ଷୁଦ୍ର ବ୍ୟବସାୟ ମାଧ୍ୟମରେ ବାର୍ଷିକ ପ୍ରାୟ ୩,୦୦୦ କୋଟି ଟଙ୍କାର କାରବାର କରୁଛନ୍ତି। ବ୍ୟାଙ୍କ ଋଣ ପରିଶୋଧ କ୍ଷେତ୍ରରେ ଏମାନଙ୍କ ସଫଳତା ହାର ୯୬% ରୁ ୯୮% ମଧ୍ୟରେ ରହିଛି, ଯାହା ବଡ଼ ବଡ଼ କୋର୍ପୋରେଟ୍ ସଂସ୍ଥା ତୁଳନାରେ ଯଥେଷ୍ଟ ଭଲ। ପ୍ରଶ୍ନ ଉଠୁଛି, ଅସୀମ ସମ୍ଭାବନାର ଏହି ସଂଗଠିତ ଶକ୍ତିକୁ ଆମେ କେବଳ ମଧ୍ୟାହ୍ନ ଭୋଜନ ରାନ୍ଧିବା, ଛତୁ ଚାଷ କରିବା କିମ୍ବା ବିଦ୍ୟୁତ୍ ବିଲ୍ ଆଦାୟ କରିବାରେ ସୀମିତ ରଖିବା କି? ସମୟ ଆସିଛି ଏହି ମାତୃଶକ୍ତିକୁ ଏକ ବିଶାଳ ଶିଳ୍ପ ସାମ୍ରାଜ୍ୟରେ ପରିଣତ କରିବାର, ଯେଉଁଠି ମହିଳାମାନେ କେବଳ ଯୋଜନାର ହିତାଧିକାରୀ ନ ହୋଇ ବିକଶିତ ଓଡିଶାର ନୂତନ ଅର୍ଥନୀତିରେ ଉଦ୍ୟୋଗପତି ସାଜିପାରିବେ। ଏହି ଆକାଂକ୍ଷାକୁ ବାସ୍ତବ ରୂପ ଦେବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସଂକଳ୍ପ 'ବିକଶିତ ଓଡ଼ିଶା ୨୦୩୬' ଅଧୀନରେ ଏକ ତ୍ରିସ୍ତରୀୟ ରୋଡମ୍ୟାପ୍ ପ୍ରସ୍ତୁତ କରାଯାଇପାରିଲେ ତାହା ରାଜ୍ୟର ବିକାଶ ଦିଗରେ ଏକ ବିଶେଷ ମାଇଲଷ୍ଟମ୍ଭ ସାବ୍ୟସ୍ତ ହୋଇପାରିବ। ଏହି ଯୋଜନା ଅନୁସାରେ ପ୍ରଥମ ପର୍ଯ୍ୟାୟରେ (୨୦୨୬-୨୦୨୯) ରାଜ୍ୟର ସମସ୍ତ ୩୧୪ଟି ବ୍ଲକ୍‌ରେ 'ସୁଭଦ୍ରା ଶକ୍ତି ଇଣ୍ଡଷ୍ଟ୍ରିଆଲ୍ ପାର୍କ' ନିର୍ମାଣ ସହ ମହିଳାମାନଙ୍କୁ କୃଷିଜାତ ଦ୍ରବ୍ୟ, ବସ୍ତ୍ର, ସେବା ଓ ହସ୍ତଶିଳ୍ପ ଭଳି ୪ଟି କ୍ଲଷ୍ଟରରେ ବିଭାଜିତ କରାଯାଇ ସେମାନଙ୍କ ମୂଳଦୁଆ ସୁଦୃଢ଼ କରାଯିବ। ଦ୍ୱିତୀୟ ପର୍ଯ୍ୟାୟରେ (୨୦୩୦-୨୦୩୩) ସେମି ଅଟୋମେଟିକ୍ ସ୍ମାର୍ଟ ଫ୍ୟାକ୍ଟ୍ରି ସ୍ଥାପନ, ଜାତୀୟ FMCG ବ୍ରାଣ୍ଡ୍ ସହ B2B ଚୁକ୍ତି, ଏବଂ 'Brand Odisha' ଅଧୀନରେ ଏକକ ପ୍ୟାକେଜିଂ ପ୍ରଚଳନ କରାଯିବ। ଅନ୍ତିମ ପର୍ଯ୍ୟାୟରେ (୨୦୩୪-୨୦୩୬) USA, UAE ଓ ୟୁରୋପ ସହ ପୃଥିବୀର ବିଭିନ୍ନ ଦେଶକୁ ରପ୍ତାନି ବୃଦ୍ଧି ସହ ଶ୍ରେଷ୍ଠ ୧୦-୨୦ଟି SHG ପ୍ରଡ୍ୟୁସର କମ୍ପାନୀକୁ ସେୟାର ବଜାର (BSE/NSE)ରେ ସୂଚୀବଦ୍ଧ (IPO) କରି ବାର୍ଷିକ କାରବାରକୁ ୨ ଲକ୍ଷ କୋଟି ରୁ ୪ ଲକ୍ଷ କୋଟି ରେ ପହଞ୍ଚାଇବା ଏହାର ମୁଖ୍ୟ ଲକ୍ଷ୍ୟ ରହିବ। ଏହି ବୃହତ୍ ଲକ୍ଷ୍ୟ ହାସଲ ପାଇଁ ଓଡ଼ିଶା ସରକାରଙ୍କୁ କେତେକ ଗୁରୁତ୍ୱପୂର୍ଣ୍ଣ ଆଇନଗତ ଓ ଆର୍ଥିକ ନୀତିଗତ ସୁପାରିଶ ଆପଣାଇବାକୁ ହେବ। ଏକ ନୂତନ 'ମହିଳା ଶିଳ୍ପ ନୀତି ୨୦୩୬' ଅଧୀନରେ SHG କମ୍ପାନୀଗୁଡ଼ିକୁ ୧୦ ବର୍ଷ ପାଇଁ ୧୦୦% ରାଜ୍ୟ ଜିଏସଟି (SGST) ଫେରସ୍ତ, ମାଗଣା ବିଜୁଳି ଓ ଜମି ପଞ୍ଜୀକରଣ ଫି' ଛାଡ଼ ବ୍ୟବସ୍ଥା କରାଯିବା ଆବଶ୍ୟକ। ଏଥିସହିତ, ସରକାରୀ ଆଇନ ଦ୍ୱାରା ସମସ୍ତ ବିଭାଗୀୟ ଆବଶ୍ୟକତାର ଅତି କମରେ ୫୦ ପ୍ରତିଶତ ସାମଗ୍ରୀ ସିଧାସଳଖ SHG କ୍ଲଷ୍ଟରରୁ କିଣିବା ବାଧ୍ୟତାମୂଳକ କରାଯିବା ସହ ବିନା ବନ୍ଧକରେ ୫୦ ଲକ୍ଷ ପର୍ଯ୍ୟନ୍ତ କ୍ୟାପିଟାଲ୍ ଲୋନ୍ ଯୋଗାଇବା ପାଇଁ ରାଜ୍ୟ ସରକାର ୨,୦୦୦ କୋଟିର 'କ୍ରେଡିଟ୍ ଗ୍ୟାରେଣ୍ଟି ଫଣ୍ଡ୍' ଗଠନ କରିବା ଉଚିତ୍।

ଭିତ୍ତିଭୂମି ଓ ବଜାର ସଂଯୋଗ ପ୍ରକ୍ରିୟାକୁ ସୁଦୃଢ଼ କରିବା ପାଇଁ ଶିଳ୍ପ ତାଲିମ କେନ୍ଦ୍ର ଓ ପଲିଟେକ୍ନିକ୍ ଅନୁଷ୍ଠାନ ଗୁଡିକ ମାଧ୍ୟମରେ ମହିଳାମାନଙ୍କୁ ବିଭିନ୍ନ ଉତ୍ପାଦ ପ୍ରକ୍ରିୟାକରଣ, ସରକାରୀ ଯୋଜନା ପରିଚାଳନା, ମେସିନ୍ ମେଣ୍ଟେନାନ୍ସ, କ୍ୱାଲିଟି କଣ୍ଟ୍ରୋଲ୍ ଓ ଡିଜିଟାଲ୍ ମାର୍କେଟିଂରେ ତାଲିମ ଦିଆଯିବ। ଗ୍ରାମାଞ୍ଚଳରୁ ସହରକୁ ସାମଗ୍ରୀ ପରିବହନ ପାଇଁ ଉକ୍ତ ଗୋଷ୍ଠୀ ଗୁଡିକୁ ଇଲେକ୍ଟ୍ରିକ୍ ମାଲବାହୀ ଗାଡ଼ି ଉପରେ ୫୦% ସବସିଡି ପ୍ରଦାନ କରାଯାଇ ପାରିବ। SHG ନିର୍ମିତ ଉତ୍ପାଦ ମାନଙ୍କର ଗୁଣବତ୍ତା ନିୟନ୍ତ୍ରଣ ପାଇଁ 'Certified by Odisha' ସିଲ୍, ମାତ୍ର ୭ ଦିନ ମଧ୍ୟରେ ଋଝଝଇଓ ଓ ଟ୍ରେଡ଼ ଲାଇସେନ୍ସ ତଥା କମ୍ପାନୀ ରେଜିଷ୍ଟ୍ରେସନ ଆଦି ପାଇଁ ଡିଜିଟାଲ୍ ସିଙ୍ଗଲ୍ ୱିଣ୍ଡୋ ପୋର୍ଟାଲ୍, ଏବଂ ପ୍ରତ୍ୟେକ ଉତ୍ପାଦର ପ୍ୟାକେଜିଂରେ ଗ୍ରାମୀଣ ମହିଳାଙ୍କ ସଂଘର୍ଷର କାହାଣୀ ଦର୍ଶାଉଥିବା ଛଜ ଉକ୍ଟୟର ଆଦି ଆଧୁନିକ ଓ ବୈଜ୍ଞାନିକ ବ୍ୟବସ୍ଥା ଯୋଡ଼ାଯାଇପାରିବ। ୨୦୩୬ ସୁଦ୍ଧା ଏହି ମାଷ୍ଟରପ୍ଲାନ୍ କାର୍ଯ୍ୟକାରୀ ହେଲେ SHG ସଦସ୍ୟାମାନଙ୍କ ହାରାହାରି ମାସିକ ଆୟ ୩,୦୦୦ରୁ ବୃଦ୍ଧି ପାଇ ୩୦,୦୦୦ ରୁ ୪୦,୦୦୦ ରେ ପହଞ୍ଚିବ, ଯାହା ଓଡିଶା ର ଗ୍ରାମୀଣ କ୍ଷେତ୍ର ରୁ ଦାରିଦ୍ର୍ୟକୁ ସମ୍ପୂର୍ଣ୍ଣ ଦୂର କରିପାରିବ। ଫଳରେ, ଓଡ଼ିଶାର ୩୧୪ଟି ବ୍ଲକ୍‌ରେ ସ୍ମାର୍ଟ ଫ୍ୟାକ୍ଟ୍ରି ପ୍ରତିଷ୍ଠା ହେବା ସହ ଗ୍ରାମୀଣ ମହିଳାମାନେ ଆଞ୍ଚଳିକ ବ୍ୟବସାୟ ମେଳାରେ ସୀମିତ ନରହି ରାଜ୍ୟ ବାହାରେ ଜାତୀୟ FMCG ଓ ବିଶ୍ୱ ରପ୍ତାନି ବଜାରରେ ପ୍ରବେଶ କରିପାରିବେ। ଏହି ଯୋଜନା ବାସ୍ତବରେ ରୂପାନ୍ତରିତ ହେଲେ ୨୦୩୬ ସୁଦ୍ଧା ଓଡ଼ିଶା କେବଳ ଭାରତର ଶିଳ୍ପ ମାନଚିତ୍ରରେ ଅଗ୍ରଣୀ ହେବ ନାହିଁ, ବରଂ ସମଗ୍ର ବିଶ୍ୱ ପାଇଁ 'ମହିଳା ମାନଙ୍କ ଦ୍ୱାରା ପରିଚାଳିତ ଗ୍ରାମୀଣ ଶିଳ୍ପ ବିପ୍ଳବ' ବା Women led Rural Industrialization ନିମିତ୍ତ ସବୁଠାରୁ ବଡ଼ ପ୍ରେରଣା ସାଜିପାରିବ। ରାଜ୍ୟର ନୂଆ ଡବଲ ଇଞ୍ଜିନ ସରକାରର ମାନନୀୟ ମୁଖ୍ୟମନ୍ତ୍ରୀ ତଥା ବିଶେଷ ଭାବେ ମହିଳା ମାନଙ୍କ ବିକାଶ ପାଇଁ ପ୍ରତିଶୃତିବଦ୍ଧ ଥିବା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଏସବୁ ଦିଗରେ ମାନସ ମନ୍ଥନ କରିବା ପୂର୍ବକ ଓଡିଶା ର ସ୍ୱାର୍ଥ ଦୃଷ୍ଟିରୁ ଦୃଢ ନିଷ୍ପତି ନେବା ବିଧେୟ।

# ଖଣିରୁ ଜ୍ଞାନ ଅର୍ଥନୀତି: ଓଡ଼ିଶାର ନୂଆ ସିଲିକନ୍ ସ୍ୱପ୍ନ



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ,
ଗାଙ୍ଗୋତ୍ରୀ ନଗର,ଶିଶୁପାଳଗଡ,
ମୋ-୯୪୩୭୯୯୪୩୭୯

ଓଡ଼ିଶାର ବିକାଶ ଯାତ୍ରାରେ କେତେକ ମୁହୂର୍ତ୍ତ କେବଳ ଏକ ଘୋଷଣା ହୋଇ ରହେନାହିଁ, ସେଗୁଡ଼ିକ ଭବିଷ୍ୟତର ଦିଗନିର୍ଦ୍ଦେଶ ହେବାର ସମ୍ଭାବନା ଧାରଣ କରେ। ସେମିକନ୍ ଇଣ୍ଡିଆ ୨୦୨୬ ମଞ୍ଚରେ ନରାଜଠାରେ ୮୭୦ ଏକର ଜମିରେ ଓଡ଼ିଶା ସିଲିକନ୍ ଭାଲି ଗଢ଼ିବାର ଘୋଷଣା, ପ୍ରାୟ ୨୩,୬୦୦ କୋଟି ଟଙ୍କାର ନିବେଶ ପ୍ରସ୍ତାବ ଏବଂ ପ୍ରାୟ ୬,୧୦୦ ନିଯୁକ୍ତିର ସମ୍ଭାବନା ଓଡ଼ିଶାର ଶିଳ୍ପ ଚିତ୍ରରେ ଏକ ନୂଆ ଅଧ୍ୟାୟର ସଙ୍କେତ ଦେଇଛି। ଏହି ପଦକ୍ଷେପକୁ କେବଳ ଆଉ ଏକ ଶିଳ୍ପ ପ୍ରକଳ୍ପ ଭାବେ ଦେଖିଲେ ଏହାର ବ୍ୟାପକ ଅର୍ଥ ଧରାପଡ଼ିବ ନାହିଁ। ଖଣିଜ, ଧାତୁ ଓ ଭାରୀ ଶିଳ୍ପରେ ଦୀର୍ଘଦିନର ପରିଚୟ ଥିବା ଓଡ଼ିଶା ଏବେ ଜ୍ଞାନ, ପ୍ରଯୁକ୍ତି, ଗବେଷଣା, ନବସୃଜନ ଓ ଉଚ୍ଚଦକ୍ଷତାକୁ ନିଜ ଅର୍ଥନୈତିକ ଆକାଂକ୍ଷାର ଅଧିକ ଗୁରୁତ୍ୱପୂର୍ଣ୍ଣ ଅଂଶ କରିବାକୁ ଚାହୁଁଛି। ନରାଜର ପ୍ରସ୍ତାବିତ ଅଞ୍ଚଳର ମୂଲ୍ୟ ତେଣୁ ଜମିର ପରିମାଣରେ ନୁହେଁ, ସେଠାରେ କେମିତି ଏକ ସମନ୍ୱିତ ପ୍ରଯୁକ୍ତି ପରିବେଶ ଗଢ଼ିଉଠିବ, ତାହାରେ ରହିଛି। ସେମିକଣ୍ଡକ୍ଟର ଶିଳ୍ପ ଏକାକୀ କୌଣସି କାରଖାନାରେ ସୀମିତ ନୁହେଁ; ଏହା ସହ ଜଡ଼ିତ ରହେ ଉପକରଣ, କଞ୍ଚାମାଲ, ଅତିଶୁଦ୍ଧ ପଦାର୍ଥ, ଶକ୍ତି, ଜଳ, ପରୀକ୍ଷଣ, ପ୍ୟାକେଜିଂ, ନକ୍ସା ପ୍ରସ୍ତୁତି, ଗବେଷଣା, ପରିବହନ, ପ୍ରଶିକ୍ଷଣ ଓ ଦକ୍ଷ ମାନବ ସମ୍ବଳ। ତେଣୁ ନରାଜକୁ ଯଦି ଏହି ସମଗ୍ର ଶୃଙ୍ଖଳର ଏକ କେନ୍ଦ୍ର ଭାବେ ବିକଶିତ କରାଯାଏ, ତେବେ ଏହାର ପ୍ରଭାବ କେବଳ ଏକ ଶିଳ୍ପ ଅଞ୍ଚଳରେ ଅଟକି ରହିବ ନାହିଁ। ଭୁବନେଶ୍ୱର ଓ କଟକର ଶିକ୍ଷା, ଗବେଷଣା, ଯାତାୟାତ ଓ ସେବା କ୍ଷମତା ସହ ଏହାର ସମ୍ପର୍କ ଗଢ଼ିଲେ ଏକ ବ୍ୟାପକ ପ୍ରଯୁକ୍ତି ପରିବେଶର ଭିତ୍ତି ସୃଷ୍ଟି ହୋଇପାରେ। ଏହି ଦିଗରେ ରାଜ୍ୟ ସରକାରଙ୍କ ସେମିକଣ୍ଡକ୍ଟର ନୀତିର ବିସ୍ତାର ମଧ୍ୟ ଉଲ୍ଲେଖନୀୟ। ନୀତିରେ ପ୍ରକଳ୍ପ ସହିତ ଦକ୍ଷତା ବିକାଶ, ପ୍ରଶିକ୍ଷଣ, ଗବେଷଣା, ଆନ୍ତର୍ଜାତୀୟ ପେଟେଣ୍ଟ ଓ ଯନ୍ତ୍ରପାତି, କଞ୍ଚାମାଲ, ଗ୍ୟାସ ଓ ଯୋଗାଣ ଶୃଙ୍ଖଳ ଭଳି ସହାୟକ କ୍ଷେତ୍ରକୁ ସମର୍ଥନ ଦେବାର ଉଦ୍ୟମ ଦେଖାଯାଉଛି। ଏହାର ଅର୍ଥ ହେଉଛି ଓଡ଼ିଶା କେବଳ କାରଖାନା ଆଣିବାକୁ ନୁହେଁ, ଏକ ପୂର୍ଣ୍ଣ ପରିବେଶ ଗଢ଼ିବାକୁ ଚେଷ୍ଟା କରୁଛି। ସେମିକନ୍ ଇଣ୍ଡିଆରେ ଓଡ଼ିଶା ପକ୍ଷରୁ ଦେଖାଯାଇଥିବା 'ବାଲିରୁ ସିଲିକନ୍' ଧାରଣା ଏହି ପରିବର୍ତ୍ତନକୁ ଏକ ସୁନ୍ଦର ଅର୍ଥ ଦେଇଛି। ଯେଉଁ ରାଜ୍ୟର ଶିଳ୍ପ ପରିଚୟ ଖଣିଜ ସମ୍ପଦ ସହ ଦୃଢ଼ ଭାବରେ ଜଡ଼ିତ, ସେହି ରାଜ୍ୟ ଏବେ ସେହି ଅତୀତକୁ ଅସ୍ୱୀକାର ନକରି ନୂଆ ପ୍ରଯୁକ୍ତି ଯୁଗ ସହ ଯୋଡ଼ିବାର ଚେଷ୍ଟା କରୁଛି। ଏହା ଖଣି ଅର୍ଥନୀତିରୁ ଜ୍ଞାନ ଅର୍ଥନୀତି ଦିଗକୁ ଏକ ଧାରଣାତ୍ମକ ପରିବର୍ତ୍ତନର ସୂଚନା। କିନ୍ତୁ ସ୍ୱପ୍ନର ସଫଳତା ଘୋଷଣାରେ ନୁହେଁ, କାର୍ଯ୍ୟାନ୍ୱୟନରେ ପ୍ରମାଣିତ ହେବ। ନିବେଶ ପ୍ରସ୍ତାବ ଓ ବାସ୍ତବ ନିବେଶ ମଧ୍ୟରେ ଦୀର୍ଘ ପଥ ରହେ। ଜମି, ଅନୁମତି, ଅର୍ଥବ୍ୟବସ୍ଥା, ନିର୍ମାଣ, ପ୍ରଯୁକ୍ତି ସ୍ଥାପନ, ପରୀକ୍ଷା ଓ ବ୍ୟାବସାୟିକ ଉତ୍ପାଦନ ପର୍ଯ୍ୟନ୍ତ ପ୍ରତ୍ୟେକ ପଦକ୍ଷେପରେ ସମୟ, ନିଶ୍ଚିତତା ଓ ସମନ୍ୱୟ ଦରକାର। ତେଣୁ ୨୩,୬୦୦ କୋଟି ଟଙ୍କାର ପ୍ରସ୍ତାବ ନିଶ୍ଚୟ ଉତ୍ସାହଜନକ ସଙ୍କେତ, କିନ୍ତୁ ତାହାକୁ ପ୍ରକଳ୍ପ, ଉତ୍ପାଦନ ଓ ନିଯୁକ୍ତିରେ ପରିଣତ କରିବା ହିଁ ଆସଲ ମାପକାଠି। ଏହି ସତର୍କତା ଆଶାକୁ କମାଏ ନାହିଁ; ବରଂ ଆଶାକୁ ବାସ୍ତବତା ସହ ଯୋଡ଼େ। ଓଡ଼ିଶାର ଯୁବପିଢ଼ି ଏହି ପରିବର୍ତ୍ତନର ସବୁଠାରୁ ବଡ଼ ସାମାଜିକ ଲାଭାର୍ଥୀ ହୋଇପାରେ। ରାଜ୍ୟର ଯାନ୍ତ୍ରିକ, ବିଜ୍ଞାନ ଓ ପ୍ରଯୁକ୍ତି ଶିକ୍ଷିତ ଯୁବକଯୁବତୀଙ୍କ ପାଇଁ ଉଚ୍ଚଦକ୍ଷତା ଆଧାରିତ ଚାକିରି, ଗବେଷଣା ଓ ଉଦ୍ୟମୀତାର ଦ୍ୱାର ଖୋଲିପାରେ। ଶିକ୍ଷାନୁଷ୍ଠାନର ପାଠ୍ୟକ୍ରମ ଯଦି ଶିଳ୍ପର ଆବଶ୍ୟକତା ସହ ଯୋଡ଼ିହୁଏ, ଛାତ୍ରଛାତ୍ରୀଙ୍କୁ ପ୍ରାୟୋଗିକ ପ୍ରଶିକ୍ଷଣ ମିଳେ ଏବଂ ଗବେଷଣାକୁ ବ୍ୟବସାୟିକ ପ୍ରୟୋଗ ସହ ଯୋଡ଼ାଯାଏ, ତେବେ ଓଡ଼ିଶାରୁ ପ୍ରତିଭା ବାହାରିଯିବାର ପ୍ରବଣତା କିଛି ମାତ୍ରାରେ ରୋକାଯାଇପାରେ। ତାହାଠାରୁ ମଧ୍ୟ ବଡ଼ କଥା ହେଉଛି, ଏକ ନୂଆ ଉଦ୍ୟମୀ ପରିବେଶ ଜନ୍ମ ନେଇପାରେ। ଚିପ୍ ନକ୍ସା, ଯନ୍ତ୍ରପାତି, ପରୀକ୍ଷଣ, ସଫ୍ଟୱେର, ଶିଳ୍ପ ସେବା ଓ ପ୍ରଯୁକ୍ତି ପରାମର୍ଶ ଭଳି କ୍ଷେତ୍ରରେ ଛୋଟ ଓ ମଧ୍ୟମ ଉଦ୍ୟମର ସୁଯୋଗ ବଢ଼ିପାରେ। ଏହି ଶିଳ୍ପର ଆଉ ଏକ ଦିଗ ହେଉଛି ରପ୍ତାନି। ଖୋର୍ଦ୍ଧାର ଇନ୍ନୋଭ୍ୟାଲି ଦ୍ୱିତୀୟ ପର୍ଯ୍ୟାୟରେ ସିଲିକନ୍ କାର୍ବାଇଡ୍ ଉପକରଣ ନିର୍ମାଣ ପାଇଁ ୩,୪୦୬ କୋଟି ଟଙ୍କାର ପ୍ରକଳ୍ପକୁ ଅନୁମୋଦନ ମିଳିଥିବା ଏବଂ ୧,୨୭୦ ନିଯୁକ୍ତି ସହ ରପ୍ତାନି ଆୟର ସମ୍ଭାବନା ଉଲ୍ଲେଖ ହୋଇଥିବା ଓଡ଼ିଶାର ଏହି ଯାତ୍ରାକୁ ଆହୁରି ଅର୍ଥପୂର୍ଣ୍ଣ କରେ। ଏହା ଦର୍ଶାଏ ଯେ ପ୍ରଯୁକ୍ତି ଶିଳ୍ପରେ ରାଜ୍ୟର ପ୍ରବେଶ କେବଳ ଭବିଷ୍ୟତର କଳ୍ପନା ନୁହେଁ; କିଛି ପ୍ରକଳ୍ପ ଅନୁମୋଦନ ଓ ନିର୍ମାଣ ଦିଗରେ ଆଗକୁ ବଢୁଛି। ତଥାପି ଏଠାରେ ଗୁଣମାନ ଓ ପରିବେଶର ପ୍ରଶ୍ନକୁ ଅବହେଳା କରାଯିବା ଉଚିତ ନୁହେଁ। ସେମିକଣ୍ଡକ୍ଟର ଶିଳ୍ପକୁ ନିରବିଚ୍ଛିନ୍ନ ବିଦ୍ୟୁତ, ଉଚ୍ଚମାନର ଜଳ, ସୁରକ୍ଷିତ ପଦାର୍ଥ ପରିଚାଳନା, ବିଶ୍ୱସନୀୟ ଯୋଗାଣ ଶୃଙ୍ଖଳ ଓ ଦୃଢ଼ ଗୁଣନିୟନ୍ତ୍ରଣ ଆବଶ୍ୟକ। ବିକାଶର ଗତି ସହ ପରିବେଶୀୟ ଦାୟିତ୍ୱ ଓ ସ୍ଥାନୀୟ ଲୋକଙ୍କ ହିତକୁ ସମାନ ଗୁରୁତ୍ୱ ଦେବାକୁ ହେବ। ଏହି ସମତୁଳନ ରହିଲେ ମାତ୍ର ଉଚ୍ଚ ପ୍ରଯୁକ୍ତି ଶିଳ୍ପ ଦୀର୍ଘସ୍ଥାୟୀ ହୋଇପାରିବ। ରାଜ୍ୟ ସରକାରଙ୍କ ସାମ୍ନାରେ ଏବେ ତିନିଟି ବଡ଼ ଦାୟିତ୍ୱ ସ୍ପଷ୍ଟ। ପ୍ରଥମ, ନିବେଶକଙ୍କ ପାଇଁ ଦ୍ରୁତ ଓ ପୂର୍ବାନୁମାନଯୋଗ୍ୟ ପ୍ରଶାସନିକ ବ୍ୟବସ୍ଥା। ଦ୍ୱିତୀୟ, ଶିକ୍ଷା ଓ ଦକ୍ଷତା ବିକାଶକୁ ଶିଳ୍ପର ଚାହିଦା ସହ ମେଳ କରିବା। ତୃତୀୟ, ପ୍ରକଳ୍ପ ଘୋଷଣାରୁ ଉତ୍ପାଦନ ପର୍ଯ୍ୟନ୍ତ ସ୍ୱଚ୍ଛ ନିରୀକ୍ଷଣ ଓ ସାର୍ବଜନୀନ ଦାୟିତ୍ୱ ସୁନିଶ୍ଚିତ କରିବା। ଏହି ତିନି ଦିଗ ଦୃଢ଼ ହେଲେ ନରାଜ କେବଳ ଏକ ଶିଳ୍ପ ଅଞ୍ଚଳ ନୁହେଁ, ପୂର୍ବ ଭାରତର ଉଚ୍ଚ ପ୍ରଯୁକ୍ତି ମାନଚିତ୍ରରେ ଏକ ଉଲ୍ଲେଖନୀୟ କେନ୍ଦ୍ର ହୋଇଉଠିପାରେ। ସେମିକନ୍ ଇଣ୍ଡିଆ ୨୦୨୬ରେ ଓଡ଼ିଶାର ପ୍ରଦର୍ଶନର ମୂଳ ଶକ୍ତି ହେଉଛି ଏହି ସମଗ୍ର ଚିନ୍ତାଧାରା। ନିର୍ମାଣ ସହ ଗବେଷଣା, ନକ୍ସା ପ୍ରସ୍ତୁତି ସହ ପ୍ରଶିକ୍ଷଣ, ନିବେଶ ସହ ନିଯୁକ୍ତି ଏବଂ ପ୍ରଯୁକ୍ତି ସହ ଉଦ୍ୟମୀତାକୁ ଏକାଠି ଦେଖିବାର ଆବଶ୍ୟକତା ଏବେ ସ୍ପଷ୍ଟ। ଭାରତର ଜାତୀୟ ସେମିକଣ୍ଡକ୍ଟର ପ୍ରୟାସ ମଧ୍ୟ ଏହି ସମଗ୍ର ମୂଲ୍ୟଶୃଙ୍ଖଳକୁ ଶକ୍ତିଶାଳୀ କରିବା ଦିଗରେ ଆଗୁଆଁ ବଢୁଛି। ଏହି ଜାତୀୟ ପରିପ୍ରେକ୍ଷିତରେ ଓଡ଼ିଶାର ପଦକ୍ଷେପକୁ ଦେଖିଲେ ରାଜ୍ୟର ସୁଯୋଗ ଆହୁରି ବଡ଼ ହୋଇଉଠେ। ନରାଜର ୮୭୦ ଏକର ଆଜି ଏକ ଯୋଜନା; ଆସନ୍ତାକାଲି ଏହା ଗବେଷଣାଗାର, କାରଖାନା, ପ୍ରଶିକ୍ଷଣ କେନ୍ଦ୍ର, ନୂଆ ଉଦ୍ୟମ ଓ ଉଚ୍ଚଦକ୍ଷତାର ନିଯୁକ୍ତିର ସଂଯୁକ୍ତ ପରିସର ହୋଇପାରେ। ସେହି ସମ୍ଭାବନାକୁ ବାସ୍ତବ କରିବାରେ ସରକାର, ଶିଳ୍ପ, ଶିକ୍ଷାନୁଷ୍ଠାନ, ବୈଜ୍ଞାନିକ ଓ ଯୁବସମାଜ—ସମସ୍ତଙ୍କର ଭୂମିକା ରହିବ। ଓଡ଼ିଶାର ପରିଚୟ ଖଣିଜ ସମ୍ପଦରେ ଗଢ଼ିଉଠିଛି; ଏବେ ତାହାର ଭବିଷ୍ୟତ ମାନବ ସମ୍ପଦର ଜ୍ଞାନରେ ଅଧିକ ଦୀପ୍ତ ହେବାର ସୁଯୋଗ ଆସିଛି। ଖଣିରୁ ଜ୍ଞାନ, ଧାତୁରୁ ପ୍ରଯୁକ୍ତି, ସମ୍ପଦରୁ ନବସୃଜନ ଏବଂ ନିବେଶରୁ ନିଯୁକ୍ତି—ଏହି ଯାତ୍ରା ଯଦି ନୀତିର ସ୍ଥିରତା, ପ୍ରଶାସନିକ ଦ୍ରୁତତା, ଶିଳ୍ପୀୟ ଶୃଙ୍ଖଳା ଓ ଯୁବ ପ୍ରତିଭାର ସମନ୍ୱୟରେ ଆଗକୁ ବଢ଼େ, ତେବେ ଓଡ଼ିଶାର ନୂଆ ସିଲିକନ୍ ସ୍ୱପ୍ନ କେବଳ ସ୍ୱପ୍ନ ହୋଇ ରହିବ ନାହିଁ। ଏହା ଏକ ନୂଆ ଅର୍ଥନୈତିକ ପରିଚୟର ଭିତ୍ତି ହୋଇପାରିବ। ଏହି ନୂଆ ଅଧ୍ୟାୟରେ ରାଜ୍ୟର ପୁରୁଣା ଶକ୍ତିଗୁଡ଼ିକୁ ମଧ୍ୟ ନୂଆ ଭାବରେ ବ୍ୟବହାର କରିବାର ସୁଯୋଗ ରହିଛି। ଶକ୍ତି ଉତ୍ପାଦନ, ଶିଳ୍ପ ଭିତ୍ତି, ବନ୍ଦର, ରେଳପଥ, ସଡ଼କ, ଜଳସମ୍ପଦ ଓ ଉଚ୍ଚଶିକ୍ଷା ପରିସର ଭଳି ଭୌତିକ ଭିତ୍ତିଭୂମି ଯଦି ପ୍ରଯୁକ୍ତି ଶିଳ୍ପର ଆବଶ୍ୟକତା ସହ ସୁନିୟୋଜିତ ଭାବେ ଯୋଡ଼ାଯାଏ, ତେବେ ନୂଆ ଶିଳ୍ପ ପରିବେଶର ଗତି ବଢ଼ିପାରେ। ଏହା ସହିତ ଗ୍ରାମାଞ୍ଚଳର ଯୁବକଯୁବତୀଙ୍କୁ ମଧ୍ୟ ଦକ୍ଷତା ପ୍ରଶିକ୍ଷଣର ମୁଖ୍ୟ ଧାରାରେ ଆଣିବା ଆବଶ୍ୟକ। କେବଳ ବଡ଼ ସହରର ଛାତ୍ରଛାତ୍ରୀ ନୁହେଁ, ଜିଲ୍ଲା ଓ ଉପଜିଲ୍ଲା ସ୍ତରର ପ୍ରତିଭାମାନେ ମଧ୍ୟ ଏହି ନୂଆ ଅର୍ଥନୀତିର ଅଂଶ ହେବା ଦରକାର। ମହିଳାଙ୍କ ଅଂଶଗ୍ରହଣ ମଧ୍ୟ ଏଠାରେ ଅତ୍ୟନ୍ତ ଜରୁରୀ। ପ୍ରଯୁକ୍ତି, ଗବେଷଣା, ନକ୍ସା, ପରିଚାଳନା ଓ ଉଦ୍ୟମୀତାରେ ଅଧିକ ମହିଳାଙ୍କୁ ସୁଯୋଗ ମିଳିଲେ ଏହି ଅର୍ଥନୈତିକ ପରିବର୍ତ୍ତନର ସାମାଜିକ ଭିତ୍ତି ଆହୁରି ବ୍ୟାପକ ହେବ। ସେହିପରି ଉଚ୍ଚ ପ୍ରଯୁକ୍ତି ଶିଳ୍ପର ବିକାଶକୁ କେବଳ ଚାକିରିର ସଂଖ୍ୟାରେ ମାପିବା ଠିକ୍ ହେବ ନାହିଁ। କେତେ ଉଚ୍ଚମାନର ଦକ୍ଷତା ସୃଷ୍ଟି ହେଲା, କେତେ ନୂଆ ଉଦ୍ୟମ ଜନ୍ମ ନେଲା, କେତେ ଗବେଷଣା ଫଳ ଶିଳ୍ପରେ ପରିଣତ ହେଲା, କେତେ ସ୍ଥାନୀୟ ସଂସ୍ଥା ଯୋଗାଣ ଶୃଙ୍ଖଳରେ ସ୍ଥାନ ପାଇଲା ଏବଂ କେତେ ରପ୍ତାନି ବଢ଼ିଲା—ଏହି ସବୁ ମାପକାଠି ମଧ୍ୟ ଗୁରୁତ୍ୱ ପାଇବା ଦରକାର। ଏହି ମାପକାଠି ଉପରେ ନିୟମିତ ଭାବେ ସାର୍ବଜନୀନ ତଥ୍ୟ ଦେବା ରାଜ୍ୟର ନୀତି ପ୍ରତି ଆସ୍ଥାକୁ ଆହୁରି ବଢ଼ାଇବ। ନିବେଶକଙ୍କ ଆସ୍ଥା ଯେତିକି ଦରକାର, ନାଗରିକଙ୍କ ଆସ୍ଥା ମଧ୍ୟ ସେତିକି ଦରକାର। ତେଣୁ ପ୍ରକଳ୍ପର ଅଗ୍ରଗତି, ନିଯୁକ୍ତି, ଜମି ବ୍ୟବହାର, ପରିବେଶୀୟ ଅନୁମତି ଓ ସାମାଜିକ ପ୍ରଭାବ ସମ୍ପର୍କରେ ସ୍ୱଚ୍ଛତା ରଖିବା ଦୀର୍ଘମିଆଦୀ ସଫଳତାର ଏକ ଅଂଶ ହେବ। ନରାଜର ଏହି ପଦକ୍ଷେପ ସଫଳ ହେଲେ ତାହାର ପ୍ରଭାବ ଓଡ଼ିଶାର ଅନ୍ୟ ଅଞ୍ଚଳକୁ ମଧ୍ୟ ପହଞ୍ଚିପାରେ। ଭୁବନେଶ୍ୱର ଓ କଟକ ଜ୍ଞାନ କେନ୍ଦ୍ର ଭାବେ, ଖୋର୍ଦ୍ଧା ଉତ୍ପାଦନ କେନ୍ଦ୍ର ଭାବେ, ରାଉରକେଲା ଓ ବ୍ରହ୍ମପୁର ଭଳି ସହର ଗବେଷଣା ଓ ପ୍ରତିଭା କେନ୍ଦ୍ର ଭାବେ ଏବଂ ବନ୍ଦର ଅଞ୍ଚଳ ରପ୍ତାନି ଓ ଯୋଗାଣ କେନ୍ଦ୍ର ଭାବେ ଯୋଡ଼ିହେଲେ ଏକ ବହୁକେନ୍ଦ୍ରିକ ପ୍ରଯୁକ୍ତି ଅର୍ଥନୀତି ଗଢ଼ିଉଠିପାରେ। ଏହା ଓଡ଼ିଶାର ଶିଳ୍ପ ଇତିହାସରେ ଏକ ନୂଆ ସମତୁଳନ ଆଣିପାରିବ। ଭାରୀ ଶିଳ୍ପ ଓ ଖଣିଜ ଆଧାରିତ ଅର୍ଥନୀତି ଯେଉଁ ଭିତ୍ତି ତିଆରି କରିଛି, ଜ୍ଞାନଭିତ୍ତିକ ଶିଳ୍ପ ସେହି ଭିତ୍ତି ଉପରେ ଉଚ୍ଚମୂଲ୍ୟର ନୂଆ ମହଲ ଗଢ଼ିପାରେ। ଏହି କାରଣରୁ ନୂଆ ସିଲିକନ୍ ସ୍ୱପ୍ନକୁ ପୁରୁଣା ଓ ନୂଆ ଓଡ଼ିଶା ମଧ୍ୟରେ ପ୍ରତିସ୍ପର୍ଦ୍ଧା ଭାବେ ନୁହେଁ, ଦୁଇ ପିଢ଼ିର ଶିଳ୍ପ ଶକ୍ତିର ସମନ୍ୱୟ ଭାବେ ଦେଖିବା ଅଧିକ ଯୁକ୍ତିସଙ୍ଗତ। ଆଜିର ଖଣିଜ ସମ୍ପଦ ଯଦି ଆସନ୍ତାକାଲିର ଗବେଷଣା, ଯନ୍ତ୍ରପାତି, ଚିପ୍ ନକ୍ସା ଓ ଉଚ୍ଚମୂଲ୍ୟ ଉତ୍ପାଦନରେ ପରିଣତ ହୁଏ, ତେବେ ସେହି ପରିବର୍ତ୍ତନ ଓଡ଼ିଶାକୁ ଅର୍ଥନୈତିକ ଭାବେ ଅଧିକ ବିବିଧ, ପ୍ରଯୁକ୍ତିଗତ ଭାବେ ଅଧିକ ସକ୍ଷମ ଏବଂ ମାନବ ସମ୍ପଦ ଦୃଷ୍ଟିରୁ ଅଧିକ ଆତ୍ମବିଶ୍ୱାସୀ କରିପାରିବ। ଏହି ଯାତ୍ରାରେ ସମୟ ମଧ୍ୟ ଏକ ନିର୍ଣ୍ଣାୟକ ଉପାଦାନ। ବିଶ୍ୱରେ ପ୍ରଯୁକ୍ତି ଓ ଉତ୍ପାଦନ କ୍ଷେତ୍ର ଦ୍ରୁତ ବଦଳୁଛି। କୃତ୍ରିମ ବୁଦ୍ଧିମତ୍ତା, ବିଦ୍ୟୁତ ଯାନ, ଦୂରସଞ୍ଚାର, ରକ୍ଷା ପ୍ରଯୁକ୍ତି, ଶକ୍ତି ପରିବର୍ତ୍ତନ ଓ ଅନ୍ୟାନ୍ୟ ଆଧୁନିକ କ୍ଷେତ୍ରର ବିକାଶ ସହ ସେମିକଣ୍ଡକ୍ଟରର ଚାହିଦା ଜଡ଼ିତ। ତେଣୁ ଓଡ଼ିଶା ଯଦି ଏବେ ନୀତି, ଭିତ୍ତିଭୂମି ଓ ପ୍ରତିଭା ବିକାଶରେ ସମନ୍ୱିତ ଗତି ରଖିପାରେ, ତେବେ ଆଗାମୀ ଶିଳ୍ପ ପରିବର୍ତ୍ତନରେ ନିଜ ପାଇଁ ସ୍ଥାନ ସୃଷ୍ଟି କରିବାର ଅବକାଶ ରହିଛି। କିନ୍ତୁ ଏହି ସୁଯୋଗକୁ ଧରିବା ପାଇଁ କେବଳ ନିବେଶ ପ୍ରସ୍ତାବ ଯଥେଷ୍ଟ ନୁହେଁ। ଦ୍ରୁତ ନିଷ୍ପତ୍ତି, ସୁଦକ୍ଷ ପ୍ରଶାସନ, ନିର୍ଭରଯୋଗ୍ୟ ଭିତ୍ତିଭୂମି, ଗୁଣମାନସମ୍ପନ୍ନ ଶିକ୍ଷା ଏବଂ ନିରନ୍ତର ଗବେଷଣା ହିଁ ଏହି ସ୍ୱପ୍ନର ମୂଳ ଆଧାର। ସରକାର ଦିଗ ଦେଇପାରେ, ନୀତି ତିଆରି କରିପାରେ ଓ ପରିବେଶ ସୃଷ୍ଟି କରିପାରେ; ଶିଳ୍ପ ନିବେଶ ଓ ପ୍ରଯୁକ୍ତି ଆଣିପାରେ; ଶିକ୍ଷାନୁଷ୍ଠାନ ପ୍ରତିଭା ଓ ଗବେଷଣା ଦେଇପାରେ; ଯୁବସମାଜ ଏହି ସମସ୍ତ ଶକ୍ତିକୁ ନୂଆ ଉଦ୍ୟମରେ ପରିଣତ କରିପାରେ। ଏହି ଚାରି ଶକ୍ତିର ସମନ୍ୱୟ ହିଁ ନରାଜର ସ୍ୱପ୍ନକୁ ସ୍ଥାୟୀ ସଫଳତାରେ ପରିଣତ କରିପାରିବ। ତେଣୁ ଆଜିର ଘୋଷଣାକୁ ଆନନ୍ଦର ସହ ସ୍ୱାଗତ କରିବା ସହିତ ଆସନ୍ତା ଦିନର କାର୍ଯ୍ୟଦକ୍ଷତା ଉପରେ ମଧ୍ୟ ଦୃଢ଼ ଦୃଷ୍ଟି ରଖିବା ଦରକାର। କାରଣ ଏକ ସ୍ୱପ୍ନର ମହତ୍ତ୍ୱ ତାହାର ଆକାରରେ ନୁହେଁ, ତାହା କେତେ ଲୋକଙ୍କ ଜୀବନରେ ସୁଯୋଗ ସୃଷ୍ଟି କରେ, ସେଥିରେ ରହେ। ନରାଜର ଆଠଶହ ସତୁରି ଏକର ଯଦି ହଜାର ହଜାର ଯୁବ ପ୍ରତିଭାକୁ ନୂଆ ପଥ ଦେଖାଏ, ଗବେଷକଙ୍କୁ ନୂଆ ପରୀକ୍ଷାଗାର ଦିଏ, ଉଦ୍ୟମୀଙ୍କୁ ନୂଆ ବଜାର ଦିଏ ଏବଂ ଓଡ଼ିଶାକୁ ଉଚ୍ଚମୂଲ୍ୟ ଉତ୍ପାଦନର ନୂଆ ମାନଚିତ୍ରରେ ସ୍ଥାନ ଦିଏ, ତେବେ ଏହି ପଦକ୍ଷେପର ଐତିହାସିକ ମୂଲ୍ୟ ସ୍ପଷ୍ଟ ହେବ। ଖଣିରୁ ଆସିଥିବା ସମୃଦ୍ଧି ଯଦି ଜ୍ଞାନରେ ପରିଣତ ହୁଏ, ଜ୍ଞାନ ଯଦି ନବସୃଜନରେ ପରିଣତ ହୁଏ ଏବଂ ନବସୃଜନ ଯଦି ନିଯୁକ୍ତି ଓ ଲୋକକଲ୍ୟାଣରେ ପରିଣତ ହୁଏ, ତେବେ ଓଡ଼ିଶାର ବିକାଶ ଯାତ୍ରା ଏକ ନୂଆ ଉଚ୍ଚତାକୁ ପହଞ୍ଚିବ। ଏହି ହେଉଛି ନୂଆ ସିଲିକନ୍ ସ୍ୱପ୍ନର ସାର୍ଥକ ଅର୍ଥ। ଏହି ଦୃଷ୍ଟିରୁ ନରାଜ କେବଳ ଏକ ସ୍ଥାନର ନାମ ନୁହେଁ, ଏହା ଏକ ଆକାଂକ୍ଷାର ପ୍ରତୀକ। ଏଠାରେ ଆଜି ଯେଉଁ ଯୋଜନାର ଚିତ୍ର ଅଙ୍କିତ ହେଉଛି, ତାହାର ଆସଲ ପରୀକ୍ଷା ଆସନ୍ତା ବର୍ଷଗୁଡ଼ିକରେ ହେବ। ଘୋଷଣାର ଆଲୋକ ଯେତେବେଳେ କାର୍ଯ୍ୟାନ୍ୱୟନର ଆଲୋକରେ ପରିଣତ ହେବ, ସେତେବେଳେ ଓଡ଼ିଶାର ନୂଆ ପରିଚୟ ଆହୁରି ସ୍ପଷ୍ଟ ହେବ। ସେହି ଦିନ ପାଇଁ ଆଜିଠାରୁ ପ୍ରସ୍ତୁତି ହିଁ ସର୍ବୋତ୍ତମ ଦାୟିତ୍ୱ। ଏହି ପଥରେ ସଫଳତା ମିଳିଲେ ଓଡ଼ିଶାର ଯୁବ ମନରେ ଏକ ନୂଆ ବିଶ୍ୱାସ ଜନ୍ମ ନେବ—ସୁଯୋଗ ପାଇଁ ଦୂରକୁ ଯିବା ହିଁ ଏକମାତ୍ର ପଥ ନୁହେଁ, ନିଜ ମାଟିରେ ମଧ୍ୟ ବିଶ୍ୱମାନର ସ୍ୱପ୍ନ ଗଢ଼ାଯାଇପାରେ। ଏହି ବିଶ୍ୱାସ ହିଁ ଜ୍ଞାନ ଅର୍ଥନୀତିର ସବୁଠାରୁ ବଡ଼ ପୁଞ୍ଜି। ଓଡ଼ିଶା ଏବେ ସେହି ପୁଞ୍ଜି ଗଢ଼ିବାର ଦ୍ୱାରରେ ଠିଆ ହୋଇଛି। ଏହା ଆଗାମୀ ଓଡ଼ିଶାର ନୂଆ ପରିଚୟ।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy** E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : **ଜୟାଶୀଷ ରାୟ**





ନିତ୍ୟାନନ୍ଦ ପଣ୍ଡା

# ପିଲାଙ୍କ ମହାଭାରତ-୧୦୧

## କର୍ଣ୍ଣ ଓ କୁନ୍ତୀଙ୍କର ମିଳନ-୧



ଆଶା କରାଯାଉଥିଲା, କୃଷ୍ଣଙ୍କ ଦ୍ୱାରା ଉଭୟ ପକ୍ଷଙ୍କ ମଧ୍ୟରେ ଶାନ୍ତି ରାଜିନାମା ହେବ । କିନ୍ତୁ ହେଲାନାହିଁ । କୃଷ୍ଣ ଫେରିଗଲେ । କୁନ୍ତୀ ଯେତେବେଳେ କୃଷ୍ଣଙ୍କ ଠାରୁ ସବିଶେଷ ଶୁଣିଲେ, ତାଙ୍କ ହୃଦୟ ଦୁଃଖରେ ଭାଙ୍ଗିପଡ଼ିଲା ।

ବର୍ତ୍ତମାନ ଯୁଦ୍ଧ ସୁନିଶ୍ଚିତ । ଭାଇ ଭାଇ ମଧ୍ୟରେ ଯୁଦ୍ଧ । ଦୁନିଆ ଦେଖିବ କେବଳ ମୃତ୍ୟୁ ଆଉ ମୃତ୍ୟୁ । ନୀରବରେ କାନ୍ଦୁଥିଲେ କୁନ୍ତୀ ।

ବନ୍ଦ ଘରେ ଥାଇ କୁନ୍ତୀ ନିଜକୁ ନିଜେ କହୁଥିଲେ :

ହେ ପୁଅମାନେ! ଯୁଦ୍ଧରୁ କ'ଣ ମିଳିବ ! ଭାଇମାନଙ୍କୁ ମାରି ତୁମେ କ'ଣ ପାଇବ ! ଜାଣୁଛି, ତୁମେ ଅପମାନ ପାଇଛ । ଅପମାନକୁ ସହିଯାଅ ଓ କୌଣସି ରାଜ୍ୟ ପାଇଁ ଦାବି କରନାହିଁ ।

ପରମୁହୂର୍ତ୍ତରେ ଭାବୁଥିଲେ, ଏପରି କଥା କ'ଣ ପୁଅମାନଙ୍କୁ କହିପାରିବି ! କ୍ଷତ୍ରିୟ କୁଳରେ ସେମାନଙ୍କର ଜନ୍ମ । କ୍ଷତ୍ରିୟ ଧର୍ମ ବିରୋଧୀ କଥା ସେମାନେ ଗ୍ରହଣ କରିବେନାହିଁ । ହେ ଭଗବାନ !

ଯୁଦ୍ଧରେ ପରସ୍ପରକୁ ହତ୍ୟାକରି ଏମାନେ କି ଲାଭ ପାଇବେ ! ଆପଣାର ବଂଶ ଧ୍ୱଂସକରି କି ଯଶ ଅର୍ଜିବେ ! ଯେଉଁ ରାଜ୍ୟ ପାଇଁ ଯୁଦ୍ଧ କରିବାକୁ ଯାଉଛ, ଯୁଦ୍ଧ ପରେ ରାଜ୍ୟ ଭୋଗ କରିବାକୁ କିଏ ଥିବ !

ଏହିପରି ଚିନ୍ତା କୁନ୍ତୀଙ୍କୁ ଅସ୍ଥିର କରିପକାଉଥିଲା । ପୁଣି କୁଭାବନା ତାଙ୍କୁ ମୁହୂର୍ତ୍ତେ ବି ଛାଡ଼ି ଯାଉନଥିଲା ।

ମୋର ପୁଅମାନେ କୌରବଙ୍କର ବିରାଟ ସୈନ୍ୟବାହିନୀକୁ ପରାସ୍ତ କରିପାରିବେ ତ ? ନା, ଯେଉଁ ସେନାର ନେତୃତ୍ୱ ନେଉଛନ୍ତି ଭୀଷ୍ମ, ଦ୍ରୋଣ ଓ କର୍ଣ୍ଣ, ତାଙ୍କୁ ପରାସ୍ତ କରିବ କିଏ ! ଭୀଷ୍ମ, ଦ୍ରୋଣ ଓ କର୍ଣ୍ଣ । ଏମାନେ ଜଗତପ୍ରସିଦ୍ଧ ବୀର । ପରାଜୟ କ'ଣ ଜାଣିନାହାଁନ୍ତି । ହାଃ, ମୋର ପୁଅମାନେ !

ପୁଣି କୁନ୍ତୀଙ୍କର ଭାବନା ବଦଳୁଥିଲା । ଦ୍ରୋଣାଚାର୍ଯ୍ୟଙ୍କର ମୋ ପୁଅମାନେ ଶିଷ୍ୟ । ତାଙ୍କର ସ୍ନେହ ଓ ପ୍ରେମ ସେମାନଙ୍କ ଉପରେ ରହିଛି । ସେ ମୋ ପୁଅମାନଙ୍କୁ ହତ୍ୟା କରିବେନାହିଁ । ପିତାମହ ଭୀଷ୍ମ ! ସେ କ'ଣ ମୋ ପୁଅଙ୍କୁ ହତ୍ୟା କରିବେ । ନା । କିନ୍ତୁ କର୍ଣ୍ଣ ! ସେ ମୋ ପୁଅମାନଙ୍କର ମୁଖ୍ୟ ଶତ୍ରୁ । ସେ ଜଗତ ପ୍ରସିଦ୍ଧ ଯୋଦ୍ଧା । ସେ ଦୁର୍ଯ୍ୟୋଧନଙ୍କୁ ସନ୍ତୁଷ୍ଟ କରିବାକୁ ଚହେଁ । କାହିଁକିନା ଦୁର୍ଯ୍ୟୋଧନ ଦ୍ୱାରା ସେ ଉପକୃତ ହୋଇଛି। ସେ ଯୁଦ୍ଧରେ ଯୋଗଦେଲେ ମୋର ଅନ୍ୟ ପୁଅଙ୍କ ଅବସ୍ଥା କ'ଣ ହେବ ! କଳନା କରିପାରୁନି । ହଁ, ବର୍ତ୍ତମାନ ଉପଯୁକ୍ତ ସମୟ । ମୁଁ କର୍ଣ୍ଣଙ୍କୁ ଭେଟିବି ଓ ତା'ର ଜନ୍ମ ରହସ୍ୟ ପ୍ରକାଶ କରିଦେବି । ସେ ଯେତେବେଳେ ଜାଣିବ ପାଣ୍ଡବମାନେ ତା'ର ଭାଇ, ସେ ଦୁର୍ଯ୍ୟୋଧନଙ୍କୁ ଆଉ ସମର୍ଥନ କରିବନାହିଁ । ସମ୍ଭବହେଲେ ସେ ପାଣ୍ଡବଙ୍କ ପକ୍ଷରେ ଯୋଗଦେବ ।

ଏଇପରି ଭାବି କୁନ୍ତୀ କର୍ଣ୍ଣଙ୍କୁ ଭେଟିବାକୁ ଠିକ୍ କଲେ । **(କ୍ରମଶଃ ...)**

*ନରଣପୁର, କୋଦଣ୍ଡପୁର*
*ଯାଜପୁର ଟାଉନ୍- ୭*
*ମୋ- ୮୨୪୯୬୯୩୩୦୮*

# ପାଉଁଜି ବାଜେ ଝୁମୁ ଝୁମୁ

*ସୁରମା ମିଶ୍ର*



ଗେଲୁ ନାଚୁ ଅଛି ତା ଥେଇ ଥେଇ
ଗୀତ ଗାଇ ଗୁଣୁ ଗୁଣୁ
ବେଙ୍ଗ ଛାଡୁଥାଏ ରଡ଼ି
ବେଗେ ନାଚ ସାରି ଆସେଲୋ ଗେଲୁ
ବରଷା ଆସୁଛି ମାଡ଼ି ॥

ମ୍ୟାଉଁ ମ୍ୟାଉଁ ଡାକେ ପୁଷି
ଦୁଧଭାତ ଦିଅ ଭୋକ ଲାଗିଲାଣି
ଖାଇଲେ ହେବି ମୁଁ ଖୁସି ॥

କୁକୁର ଡ଼ାକଇ ଭୋଓ
ଆସେ ଲୋ ଗେଲୁ
ତୋର ମୋର ଖେଳିବା
ବେଲୁନ ଫୁଟାଇ ଢୋଓ ॥

ଗାଈ ଡାକେ ହମା ହମା
କହଇ କ୍ଷୀରଟା ଭାରି ଉପକାରୀ
ପିଉନୁ କିଆଁ ତୁ ଜମା ॥

ଗଛ ଡାକେ ଗେଲୁ ଆ ଆ
ମୋ ଛାଇରେ ବସି ମୋ ଠୁ ଭରପୂର
ଅମ୍ଳଜାନ ନେଇ ଯା ॥

ମୋ କଥାଟି ତୁହି ମାନ
ରୋଗ ବଇରାଗ ଦୂରେଇ ଯିବ ଲୋ
କାଟିବୁ ସୁସ୍ଥ ଜୀବନ ॥

ଗେଲୁ ସବୁ କଥା ମାନି
ସୁନା ପିଲା ହୋଇ ଘରକୁ ଆସିଲା
ପାଟିଟାକୁ ରଖି ତୁନି ॥

ନନା ବୋଉ ଖୁସି ହୋଇ
ଗେଲୁକୁ କୋଳେଇ କେତେ ଗେଲ କଲେ
(ସେ) ଗେଲର କଳନା ନାହିଁ ॥

*ବିଏଲ୍-୩୯, ଭିଏସ୍ଏସ୍ ନଗର, ଭୁବନେଶ୍ୱର*
*ମୋ-୯୮୫୩୩୪୩୯୬୫*



# ପବିତ୍ର ଭାଗବତ ଜନ୍ମ

*ରାମଚନ୍ଦ୍ର ବେହେରା*

ବାରମାସ ଅନ୍ତେ ଆସିଛି ଜଗତେ
ଭାଦ୍ରବ ପୁନେଇଁ ମିତ
ଭାଗବତ ଜନ୍ମ ପାଳିବେ ସରବେ
ସାଜି ଶ୍ରୀକୃଷ୍ଣଙ୍କ ଭକ୍ତ ।
ଭାଗବତ ଗୃହେ ବିଧିରେ ହୋଇବ
ଭାଗବତ ପୋଥି ପୂଜା
ସାରା ଗ୍ରାମବାସୀ ହେବେ ଏକତ୍ରିତ
ବାଜିବ ମୃଦଙ୍ଗ ବାଜା ।
ଏହି ପୁଣ୍ୟ ଦିନେ ଭାଗବତ ପୋଥି
ଲେଖିଥିଲେ ବେଦବ୍ୟାସ
ସେଥିପାଇଁ ମିତ ଭାଗବତ ଜନ୍ମ
ପାଳଇ ସମଗ୍ର ବିଶ୍ୱ ।
ଓଡ଼ିଆ ଭାଷାରେ ନବାକ୍ଷରୀ ଛନ୍ଦେ
ଲେଖି ଭାଗବତ ଗ୍ରନ୍ଥ
ରାଇଜବାସୀଙ୍କୁ ଭେଟି ଦେଇଥିଲେ
ଅତିବଡ଼ି ଜଗନ୍ନାଥ ।
ମହା ପୁରାଣରେ ଭାଗବତ ଗଣା
ପଢ଼ି ପାପ ହୁଏ କ୍ଷୟ
ତା'ନୀତିବାଣୀକୁ ହୃଦୟେ ମାନିଲେ
ନରୁହେ ପରାଣେ ଭୟ ।
ସତ୍ୟ ନ୍ୟାୟ ଦୟା ଅହିଂସା ନୀତିକୁ
ଶିକ୍ଷାଦିଏ ଭାଗବତ
ସତ୍ୟକୁ ଆଦରି ଯେ'ବାଟ ଚାଲଇ
ପଥହୁଏ କୁସୁମିତ ।
ଆସ ସର୍ବେ ମିଳି ଭାଗବତ ଗୃହେ
ବିନମ୍ର ପ୍ରଣତି ଢାଳି
ପ୍ରଭୁଙ୍କ ଚରଣେ ପ୍ରଣିପାତ କରି
ଦୀପଟିଏ ଦେବା ଜାଳି ।

*ତେନ୍ତୁଳିପଦା, ଜଗତସିଂହପୁର*
*ମୋ-୭୩୫୫୬୩୪୩୪୬*

# ମାମୁଁ ଘର

*ଡଃ ସଫଳା ଦାସ*

ମାମୁଁ ଘରଟି ଭାରି ସୁନ୍ଦର
ଆଈ ପାଖରେ ଥିଲେ,
କୋଳରେ ତାର ମଥାଟି ରଖି
ଟିକିଏ ଶୋଇ ଗଲେ ।

ଦୁଧଭାତକୁ ଆଳୁ ଚକଟା
ମତେ ଖୁଆଇ ଦିଏ,
ଖଣ୍ଡିଆ ଭୂତ ପାଳଭୂତର
କାହାଣୀ କହିଥାଏ ।

ଖୁସିରେ ଖାଏ ପେଟକୁ ଭରି
ଆଈର କଥା ଶୁଣି,
ଏଡ଼େ ସୁଆଦ ସେ ଦୁଧ ଭାତ
ମନକୁ ନିଏ କିଣି ।

ମାମୁଁ ପରିକା କେହି ହେବେନି
କରନ୍ତି ଗେହ୍ଲା କେତେ,
ମାଈଁ ଆମରି ବୋଉ ପରିକା
ଦେବୀ ପ୍ରତିମା ସତେ ।

ଅଜାର ମୋର ପାକୁଆ ପାଟି
ପାନକୁ ଜାକି ଦେଇ,
ହାଟକୁ ଗଲେ ବାଟକୁ ଚାହିଁ
ଜଗି ବସଇଁ ମୁହିଁ ।

ମାମୁଁ ଘରର ଗାଆଁ ଦାଣ୍ଡରେ
ଖେଳିଲେ ଖେଳ ମିଳି,
ସରଗ ଧାମ ମୋ ପାଇଁ ସିଏ
ମଥାରେ ମାରେ ଧୂଳି ।

*ବାଳ ବିକାଶ ଗୁରୁ, କଟକ*
*ମୋ-୮୯୧୭୪୬୫୩୬୭*

# ଆମେ ସବୁ ଟିକି ପିଲା

*ଶରତ କୁମାର ଦାସ*

ଆମେ ସବୁ ଟିକି ପିଲା
ଖେଳୁଛୁ ତ ଖୁସିରେ
ରାଗନାହିଁ ଜମା ତମେ
ରାଗିଲେ ତ
ଯିବୁ ଆମେ ରୁଷିରେ ।
ଟିକି ଟିକି ମନ ଆମ
ଉଡୁଛି ତ ଗଗନେ
ଫୁଲପରି ବାସ ଆମ
ଚହଟୁଛି
ସରାଗରେ ପବନେ ।
ଟିକିଟିକି ହାତ ଦୁଇ
ଲାଗିଛି ତ କାମରେ
ଅଳସୁଆ ନୁହଁ ଆମେ
କୁହନାହିଁ
କିଛି ଆମ ନାମରେ ।
ଧୂଳିରେ ତୋଳିଛୁ ଆମେ
ଟିକିଟିକି ଘରରେ
ଭାଙ୍ଗନାହିଁ, ଦେଖ ଥରେ
ସେ'ତ ଆମ
ହସଖୁସି ଝରରେ ।
ଖେଳିବାର ବୟସ ଏ
ଖେଳି ଖୁସି ପାଇବୁ
ଧୀରେ ଧୀରେ ବଡ଼ ହୋଇ
ଏ ଦୁନିଆ-
ଦାଣ୍ଡେ ଆମେ ଧାଇଁବୁ ।
ଯାଅନାହିଁ ନାକଟେକି
ଆସ ପାଖେ ବସରେ
ମିଠାମିଠା କଥା କହି
କୋଳେ ନିଅ
ମନ ଆମ ରସରେ ।

*ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ, ବଡ଼ବିଲ ମହାବିଦ୍ୟାଳୟ, କେନ୍ଦୁଝର*
*ମୋ-୮୨୪୯୧୩୭୦୮୧*

# ଶରତ ଆସିଛି ମରତ ହସୁଛି

*ଧ୍ରୁବ ଚରଣ ଘିବେଲା*



ଶରତ ଆସିଛି ମରତ ହସୁଛି
ବାଣ୍ଟି ସ୍ୱଚ୍ଛତା ବାରତା
ମରତ ଭୁବନ ଲାଗେ ଶୋଭାବନ
ସବୁଠାରେ ସରସତା ।

ସ୍ୱଚ୍ଛତା ସୁନ୍ଦର ପରିବେଶ ଭଲ
ଶରତର ଭୁବନରେ
ଫେରିଛି ବରଷା ନାହିଁ ବର୍ଷା ଚିନ୍ତା
ହସୁଛି ଶରତ ମହୀରେ ।

ଶାଗୁଆ ସବୁଜ ସଜ ଓ ସତେଜ
ସବୁଜିମା ସବୁଠାରେ
ଶାଗୁଆ ଶାଗୁଆ ଧାନ କ୍ଷେତ ଭଲ
ସୁନ୍ଦର ଧରା ପୃଷ୍ଠରେ ।

ଶାଗୁଆ ସବୁଜ ପାଟ ପିନ୍ଧି ଧରା
ସଜେଇ ହୋଇଛି ବାଗରେ
ସବୁଜିମା ପାଇଁ ଲାଗୁଛି ସୁନ୍ଦର
ମାଟି ମାଆ ଶରତରେ ।

ଶରତର ଶୋଭା ଆଜି ମନଲୋଭା
ସୌନ୍ଦର୍ଯ୍ୟ ସୁଷମା ପାଇଁ
ବରଷା ପାଇଁ କି ମାଟି ମାଆ ରହିଛି
ଶାଗୁଆ ପାଟକୁ ନାଇ ।

ବରଷା ଭରିଛି ସୌନ୍ଦର୍ଯ୍ୟ ସୁଷମା
ସବୁଠି ବରଷି ଯାଇ
ମାଟି ମା' ଶୋହେ ଶାଗୁଆ ପାଟରେ
ଏଠି ସେଠି ସବୁଠେଇ ।

କାଶ ଗାଇ ଗୀତ ରହି ଉପସ୍ଥିତ
ପଥିକର ମନ ଜିଣେ
ପଥିକ କରେ ଅନୁମାନ ଧିରେ
ପଥେ ରହିଯାଇ କ୍ଷଣେ ।

ଧାନ କିଆରୀରେ ହସେ ହରଷରେ
ଧାନ ହୋଇ କେରା କେରା
ଯହିଁ ଦେଖ ତହିଁ ସବୁଜ ସୁନ୍ଦର
ସବୁଜିମା ହରା ଭରା ।

ବରଷା ଫେରିଛି ଶରତ ଆସିଛି
ବାଢ଼ିବାକୁ ଧରା ଶୋଭା
ସ୍ୱଚ୍ଛତା ଥାଇ କି ସୌନ୍ଦର୍ଯ୍ୟ ଭରିକି
ସବୁଠି ପ୍ରକାଶି ଆଭା ।

*ବୌଦ୍ଧ, ବଉଦରାଜ-୭୬୨୦୧୪*
*ମୋ-୯୪୩୭୪୭୮୪୬୬*



# ମାସକ ପୂଜା ହୋଇଲା ଶେଷ

*ପ୍ରଫୁଲ୍ଲ କୁମାର ସାହୁ*

ଗୋଟିଏ ଭଉଣୀ ସାତୋଟି ଭାଇ
ଭଉଣୀର ନାମଟି ତଅପୋଇ
ସାଧବ ଘରର ଝିଅ,
ବାପାଙ୍କ ପାଖରେ ଅଳି କରୁଥିଲା
ସୁନା ଚାନ୍ଦ ଗଢ଼ି ଦିଅ ।୧।
ପିଲାଟି ଦିନରୁ ବାପା ମାଆ ମଲେ
ଭାଇମାନେ ବିଦେଶକୁ ଚାଲି ଗଲେ
ସାତ ଭାଉଜଙ୍କ ପାଶେ,
ତଅପୋଇ ରହି ଦିନ ବିତାଇଲା
ନିଜର ଜନମ ଦେଶେ ।୨।
ସମୟ ଯେବେରେ ଗଲା ବଦଳି
ଭାଉଜ କରିଲେ ତା ସାଥେ କଳି
ଛେଳି ଜଗାଇଲେ ନେଇ,
ବଣରେ ବୁଲି ସେ ଛେଳି ଚରାଇଲା
ଉପାସ ଭୋକରେ ରହି ।୩।
ଦିନୁ ଦିନୁ ଦେହ ହେଲା ଦୁର୍ବଳ
କାମ କରିବାକୁ ନପାଏ ବଳ
ଯାଇଥିଲା ଟିକେ ଶୋଇ,
ନିଦ ଭାଙ୍ଗି ଯେବେ ଦେଖିଲା ବେଳକୁ
ଘର ମଣି ଛେଳି ନାହିଁ ।୪।
କାନ୍ଦି ଫେରିଲା ସେ ନିଜ ଘରକୁ
ଭାଉଜ ଡାକିଲେ ତାକୁ ପାଖକୁ
କହିଲେ ଏବେରେ ଯାଅ,
ରାତିକ ଭିତରେ ଯେଉଁଠି ଥିଲେବି
ଛେଳି ଖୋଜି ଆଣି ଦିଅ ।୫।
ଶୁଣି ତଅପୋଇ ଅତି ଦୁଃଖରେ
ବଣକୁ ଗଲା ସେ ସେହି ରାତିରେ
ମା' ମଙ୍ଗଳାଙ୍କୁ ଡାକି,
ଫେରି ପାଇଲା ସେ ନିଜର ଛେଳିକୁ
ଜନଶ୍ରୁତି ତା'ର ସାକ୍ଷୀ ।୬।
ବିଦେଶରୁ ଭାଇ ଆସିଲେ ଫେରି
ତଅପୋଇ ଦୁଃଖ ଗଲା ଯେ ସରି
ସେ ଦିନରୁ ଆଜି ଯାଏ,
ଝିଅ ପୂଜୁଛନ୍ତି ମା' ମଙ୍ଗଳାଙ୍କୁ
ଏ କଥାଟି ମିଛ ନୁହେଁ ।୭।
ମାସକ ପୂଜା ହୋଇଲା ଶେଷ
ବିଦାୟ ଦେବା ମାଆଙ୍କୁ ଆସ
ଆମେ ସଭିଏଁ ମିଶି,
ଫୁଟାଇ ବାଣ ବଜାଇ ବାଜା
ସଭିଏଁ ହସି ହସି ।୮।

*ଯଦୁ - ମାଳତୀ କୃପା ନିବାସ, ଶକ୍ତି ବିହାର/ବାଲିପଡ଼ା, ମାହାଙ୍ଗା, କଟକ*
*ମୋ-୭୬୦୯୦୪୩୮୩*

# ପକ୍ଷୀପରି ଯିବା ଉଡ଼ି

*ପ୍ରଶାନ୍ତ କୁମାର ଦାଶ*

ପକ୍ଷୀ ପରି ଦୂରେ ଉଡ଼ିବା
ଯିବା ଆକାଶ ଛାତି
ଡରିବାନି ଆଖି ଆଗରେ
ଦେଖି ଅନ୍ଧାର ରାତି ।।
ଗଛପରି ହେବା ଉଦାର
ସହି ବରଷା ଖରା
ଆନହିତ ପାଇଁ କରିବା
ଫୁଲ ଫଳ ଯେ ଭରା ।।
ଝରଣା ପରିକା ନାଚିବା
ଯିବା ଆଗକୁ ମାଡି
ନଈ ପରି ଗୀତ ଗାଇବା
ମନୁ ଗରବ ଛାଡ଼ି ।।
ସୂରୁଜ ଉଇଁଲେ ସଅଳ
ଶେଯ ଛାଡ଼ିବା ନିତି
ରୁପାଜହ୍ନ ପରି ଯିବତ
ଆମ ଜୀବନ ବିତି ।।
ମାଆ ମାଟି ପାଇଁ ଜୀବନ
ଆମ ଲଗେଇ ବାଜି
ରଖିବା ତା ମାନ ମହତ
ବୀର ପୁରୁଷ ସାଜି ।।
କଳି ଗୋଳ ମନ୍ଦ ଭାବନା
ମନେ ରଖିବା ନାଇଁ
ପର ହିତ ସାଧି ଜିଇଁଲେ
ସୁଖ ଆସିବ ଧାଇଁ ।।

*କୁଞ୍ଜର-ସଙ୍ଗଳାଇ, ପିପିଲି-ପୁରୀ*
*ମୋ-୯୬୬୮୮୨୨୧୯୦*

# ଶରତ ଋତୁରେ

*ଦଶରଥ ମାଝୀ*

ଶରତ ଋତୁରେ ଟୋପା ଟୋପା ଜଳ
ଯାଇଥାଏ ଅପସରି
ଚୁନାଚୁନା ଢେଉ ତଟିନୀର ଜଳ
ଦିଶେ କାଚ କେନ୍ଦୁ ପରି (୧)

ଶରତଋତୁରେ ନିର୍ମଳ ଆକାଶେ
ଉଇଁଗଲେ ସୁଧାକର
ରୁପା ଥାଳି ପରି କିରିକିରି ହସେ
ଦିଶିଥାଏ ମନୋହର (୨)

ଶରତ ଋତୁରେ ଶସ୍ୟ କ୍ଷେତ୍ର ଠାରେ
ସତେଜର ଶ୍ୟାମଳିମା
ମରତ ଭୂଇଁରେ ଭରି ଦେଇଥାଏ
ସତେ ସ୍ୱର୍ଗୀୟ ସୁଷମା (୩)

ଶରତ ଋତୁରେ ନଦୀ ପଠା ସ୍ଥିତ
ଶୁଭ୍ର କାଶତଣ୍ଡୀ ଫୁଲ
ବ୍ୟାପ୍ତ ଗଗନରେ ସ୍ଥାନେ ସ୍ଥାନେ ଭାସେ
ଧଳା ବର୍ଣ୍ଣର ବାଦଲ (୪)

ଶରତ ଋତୁରେ ଶେଫାଳି ଫୁଲର
ଭୁରୁଭୁରୁ ବାସ୍ନା ଛୁଟେ
ଆକାଶରେ ତାରା ଫୁଟିଲା ପରିକା
ଟଗର କୁସୁମ ଫୁଟେ (୫)

*କୁରୁମାଚୁଆଁ, କୁଳିଆମାଲ, ଭବାନୀପାଟଣା, କଳାହାଣ୍ଡି*
*ମୋ-୮୨୪୯୨୧୨୪୭୨*



ପ୍ରଭାତ କୁମାର ମହାପାତ୍ର

# ଅପେକ୍ଷା



ବାହାର ଦେଇ ଯାଇଥିବା ସେହି କଚ୍ଚା ରାସ୍ତା, ଯାହା ପ୍ରାଥମିକ ବିଦ୍ୟାଳୟ ଏବଂ ସରକାରୀ ଟିଉବ୍‌ୱେଲ୍‌କୁ ଯୋଡୁଥିଲା, ପ୍ରତି ସକାଳେ ପିଲାମାନଙ୍କ କୋଳାହଳରେ ଜୀବନ୍ତ ହୋଇଉଠୁଥିଲା । ଧୂଳି ଉଡୁଥିଲା, ପାଦ ମାଟିରେ ଭର୍ତ୍ତି ହୋଇଯାଉଥିଲା, କିନ୍ତୁ ପିଲାମାନେ ସମ୍ପୂର୍ଣ୍ଣ ନିଡର ଏବଂ ନିଶ୍ଚିନ୍ତ ରହୁଥିଲେ । ସେହି ରାସ୍ତାରେ ପ୍ରତିଦିନ ଜଣେ ସାନ ଝିଅ ଚାଲୁଥିଲା- ତା'ର ପ୍ରକୃତ ନାମ ଲଲି ଥିଲା, କିନ୍ତୁ ପୂରା ଗାଁରେ କେହି ତାକୁ ଏହି ନାମରେ ଡାକୁନଥିଲେ । ସମସ୍ତଙ୍କ ପାଇଁ ସେ କେବଳ 'ଗୁଡୁ' ଥିଲା । 'ଆରେ ଗୁଡୁ ! ଧୀରେ ଦୌଡ଼, ପଡ଼ିଯିବୁ !'- ପଛରୁ ପିଲାମାନେ ତାକୁ ପାଟି କରି କହୁଥିଲେ ।

ସେ ହସି ହସି ଉତ୍ତର ଦେଉଥିଲା- 'ମୋର କିଛି ହେବନି ! ଦେଖ, ମୁଁ ସେହି ଚଢ଼େଇ ଭଳି ଉଡୁଛି !' ସତରେ ସେ ଚଢ଼େଇ ଭଳି ହିଁ ଥିଲା । ଖରାରେ ଖେଳିବା, ଗଛ ଚଢ଼ିବା, ବର୍ଷା ଟୋପାକୁ ପାପୁଲିରେ ଧରିବା, ଗଛ ତଳେ ବସି ମାଟି ଘର ତିଆରି କରିବା, ଯେମିତି ଦୁନିଆ ତା' ପାଇଁ କେବଳ ଏକ ଖେଳ ଘର ଥିଲା । କିନ୍ତୁ ତା'ର ଦୁନିଆ ଏତେ ସହଜ ବି ନଥିଲା । ଗୁଡୁ ଗାଁ ତିନୋଟି ନଦୀ ଦ୍ୱାରା ଘେରି ହୋଇ ରହିଥିଲା, ବନ୍ୟା ଆସିଲେ ତା' ଗାଁକୁ ପାଣି ଆସିଯାଉଥିଲା, ସେହି ସମୟରେ ସେ ନିଜ ମା'କୁ ମନେ ପକାଇ ବହୁତ କାନ୍ଦୁଥିଲା ଏବଂ ଗ୍ରୀଷ୍ମ ଛୁଟିକୁ ଅପେକ୍ଷା କରି ରହୁଥିଲା ।

ଗୁଡୁ ନିଜ କକେଇ ଖୁଡିଙ୍କ ଘରେ ରହୁଥିଲା । ତା'ର ବାପା-ମା' ସହରରେ ରହୁଥିଲେ । ତା' ବାପା ସହରରେ ଚାକିରି କରୁଥିଲେ, ସେମାନେ ତାକୁ ଗାଁରେ କାହିଁକି ଛାଡିଥିଲେ ସେ କଥା ସେ ଜାଣିନଥିଲା । ଖାଲି ସେ ଏତିକି ଜାଣିଥିଲା ଯେ ସେ ନିଜ ବାପା-ମା'ଙ୍କ ଠାରୁ ଦୂରେଇ ରହିପାରୁନଥିଲା । ଖୁଡିଙ୍କୁ ତାର ଭାରି ଭୟ । ଖୁଡି ପ୍ରାୟତଃ ତାକୁ ଟାହିଟାପରା କରୁଥିଲେ- 'ଗୁଡୁ ! ହାତ ଧୋଇଲୁ କି ନାହିଁ ?' 'ଏତେ ସମୟ ବାହାରେ କ'ଣ କରୁଥିଲୁ ?' ପୋଡ଼ା ମୁହିଁ 'ଘର କାମରେ ସାହାଯ୍ୟ କରିବୁନି କି ?' ଗୁଡୁ ଚୁପ୍‌ଚାପ୍ ମୁଣ୍ଡ ନୁଆଇଁ ଦେଇ କହୁଥିଲା- 'ହଁ ଖୁଡି, ଏବେ କରୁଛି' । ତା'ର ସ୍ୱର ବହୁତ ଧୀମା ଥିଲା- ଯେମିତି ନିଜ ଶବ୍ଦକୁ ବି ସେ ଡରୁଥିଲା ।

ସକାଳ ହେବା ମାତ୍ରେ ସେ ଉଠିପଡି ଆଖି ମଳି ମଳି ବାହାରକୁ ଆସି, କୁଅର ଥଣ୍ଡା ପାଣି ମୁହଁରେ ମାରୁଥିଲା ଏବଂ ପୁଣି ଚୁଲି ପାଖରେ ବସି ବାସନ ମାଜିବାକୁ ବାହାରି ପଡୁଥିଲା । ଚୁଲିର ପାଉଁଶ ତାକୁ ବହୁତ ଭଲ ଲାଗୁଥିଲା ବୋଲି ସେ ତାକୁ ହାତରେ ନେଇ ଶୁଙ୍ଘୁଥିଲା, କେବେ କେବେ ଆଙ୍ଗୁଠିରେ ଚାଖି ବି ନେଉଥିଲା- ଯେମିତି ମାଟିରେ ହିଁ ଘରର ସ୍ୱାଦ ଲୁଚି ରହିଥିଲା । ଦିନେ ସେ ଧୀରେ କରି ପଚାରିଲା- 'ଖୁଡି, ମା' କେବେ ଆସିବେ ?' ଖୁଡି ଶୀଘ୍ର ଉତ୍ତର ଦେଲେ- 'ଯେତେବେଳେ ସମୟ ହେବ, ସେତେବେଳେ ଆସିବେ ! ଏବେ ତୁ କାମ କର !' ଗୁଡୁ ଚୁପ୍ ହୋଇଗଲା ।

ସ୍କୁଲ ତା'ର ଦ୍ୱିତୀୟ ଦୁନିଆ ଥିଲା । ସେ ମସିଣା ଉପରେ ବସି ନିଜ ସ୍ଲେଟ୍‌ରେ ସୂତା ସାହାଯ୍ୟରେ ଗାର ଟାଣୁଥିଲା କିନ୍ତୁ ତା'ର ଅକ୍ଷର ବହୁତ ସୁନ୍ଦର ଥିଲା । ମାଷ୍ଟର ବାବୁ ପଚାରୁଥିଲେ- 'ଆରେ ଗୁଡୁ, ପାଠପଢ଼ା ହେଉଛି କି ନାହିଁ ?' ସେ ହାଲୁକା ହସି ଦେଇ କହୁଥିଲା- 'ହେଉଛି ଆଜ୍ଞା !' ଖୁବ୍ ଭଲ ହେଉଛି । କିଛି ପିଲା ତା' ସହ ଖେଳୁଥିଲେ, କିଛି ତାକୁ ଅଣଦେଖା ବି କରୁଥିଲେ, କିନ୍ତୁ ସେଥିରେ ତାକୁ କିଛି ଫରକ୍ ପଡୁନଥିଲା । ସହରରେ ରହିବା କାରଣରୁ ମା' ଟିକେ ଅଲଗା ଥିଲେ, ତାଙ୍କ କଥାବାର୍ତ୍ତା ଶୈଳୀରେ ଟିକେ ପାର୍ଥକ୍ୟ ଥିଲା । ଦିନେ ଘରକୁ ଖବର ଆସିଲା, ଖୁଡି କହିଲେ- 'ଶୁଣ ଗୁଡୁ ! ଆମେ ସହର ଯାଉଛୁ, ତୁ ବି ଆମ ସାଙ୍ଗରେ ଯିବୁ !' ଗୁଡୁ ଆଖି ଚମକି ଉଠିଲା । 'ସତ ଖୁଡି ? ମା'ଙ୍କୁ ଭେଟିବି ?'

'ହଁ, ଭେଟିବୁ !' ତା'ର ହୃଦୟ ଏମିତି ଧଡ଼ଧଡ଼ ହେବାକୁ ଲାଗିଲା ସତେ ଯେମିତି ପିଞ୍ଜରାରେ ବନ୍ଦ ଥିବା ପକ୍ଷୀ ଅଚାନକ୍ ଉଡ଼ିବାକୁ ଚାହୁଁଛି । ସହର ପହଞ୍ଚିବା ମାତ୍ରେ ସେ ମା'କୁ ଦେଖି ଦୌଡ଼ି ଯାଇ ତାଙ୍କୁ କୁଣ୍ଢାଇ ପକାଇ କହିବାକୁ ଲାଗିଲା ମା' ! ମା' ତାକୁ ଜୋର୍‌ରେ ଧରିନେଲେ- 'ଆରେ ମୋ ଝିଅ, କେତେ ଶୁଖି ଯାଇଛୁ !' ଗୁଡୁ ତାଙ୍କ କୋଳରେ ମୁହଁ ଲୁଚାଇ କହିଲା- 'ମା', ଏବେ ମୁଁ ଏଇଠି ରହିବି ନା ?' ମା' କିଛି ସମୟ ଚୁପ୍ ରହିଲେ । ପୁଣି ତା'ର ବାଳ ଆଉଁସି ଦେଇ କହିଲେ- 'ଏବେ ପାଠପଢ଼ା ଶେଷ କରିଦେ, ପୁଣି ତୋତେ ଆମ ସାଙ୍ଗରେ ନେଇଯିବୁ' । 'ଫେର୍...' ଏହି ଶବ୍ଦଟି ଗୁଡୁର ମନରେ ଅଟକିଗଲା ।

ସେହି କିଛି ଦିନ ସେ ବହୁତ ଖୁସିରେ ଥିଲା । ମା' ତା' ବାଳରେ ତେଲ ଲଗାଇ ଦେଉଥିଲେ । ବାପା ତାକୁ କୋଳରେ ବସାଉଥିଲେ । ସମସ୍ତେ ମିଶି ଖାଉଥିଲେ । ରାତିରେ ସେ ମା'ଙ୍କ ଛାତିରେ ଲାଗି ଶୋଉଥିଲା ଏବଂ ଭାବୁଥିଲା- 'ଏବେ ମୁଁ କେଉଁଆଡେ ଯିବିନି' । କିନ୍ତୁ ଦିନେ ସକାଳେ ଖୁଡି କହିଲେ- 'ଚାଲ, ଏବେ ଗାଁକୁ ଫେରିବାକୁ ହେବ' । ଗୁଡୁର ମନ ଭାଙ୍ଗିଗଲା । ସେ ମା'ଙ୍କ ଶାଢ଼ି କାନି ଧରି ପକାଇଲା- 'ମା', ମୁଁ ଏଇଠି ରହିବିନି ?' ମା'ଙ୍କ ଆଖି ଭରି ଆସିଲା । ସେ ଖାଲି ଏତିକି କହିଲେ- 'ଏବେ ନୁହେଁ ଝିଅ' ।

ଷ୍ଟେସନ୍‌ରେ ଟ୍ରେନ୍ ବିଳମ୍ବରେ ଆସିବାର ଥିଲା । ସକାଳ ଚାରିଟା ବାଜିଥିଲା । ଥଣ୍ଡା ପବନ ବହୁଥିଲା । ଗୁଡୁ ପ୍ଲାଟ୍‌ଫର୍ମରେ ଘୋଡ଼ି ହୋଇ ବସିଥିଲା । ତାକୁ ଭୋକ ଲାଗୁଥିଲା । ସେ ଧୀରେ କରି କହିଲା- 'ଖୁଡି, ଭୋକ ଲାଗୁଛି' । ଖୁଡି କହିଲେ- 'ଏବେ କ'ଣ ଖାଇବୁ ? ଟ୍ରେନ୍ ଆସିବାକୁ ଦେ' । ଗୁଡୁ ଚୁପ୍ ହୋଇଗଲା । ସେ ମନେ ମନେ ଭାବିଲା- 'ଯଦି ମା' ଥାଆନ୍ତେ, ତେବେ ନିଶ୍ଚୟ କିଛି ଖାଇବାକୁ ଦେଇଥାନ୍ତେ' ।

ଏକ ମୁହୂର୍ତ୍ତ ପାଇଁ ତା' ମନକୁ ଆସିଲା- 'ଦୌଡ଼ି କରି ମା'ଙ୍କ ପାଖକୁ ଚାଲିଯିବି' । ସେ ଉଠିପଡ଼ିଲା । ଦୁଇ ପାଦ ଚାଲିଲା । ପୁଣି ପଛକୁ ବୁଲି ଚାହିଁଲା- ଖୁଡି ସେଇଠି ବସିଥିଲେ । ଡର ତା'ର ପାଦକୁ ଅଟକାଇ ଦେଲା । ଗାଁକୁ ଫେରିବା ପରେ ପୁଣି ସବୁ ପୂର୍ବପରି ହୋଇଗଲା । କିନ୍ତୁ ଗୁଡୁ ଏବେ ପୂର୍ବପରି ନଥିଲା । ସେ ଏବେବି ନଦୀକୁ ଯାଉଥିଲା, ଖେଳୁଥିଲା, କାମ କରୁଥିଲା- କିନ୍ତୁ ତା' ଭିତରେ କେଉଁଠି ଏକ ଶୂନ୍ୟତା ଭରି ଯାଇଥିଲା ।

ରାତିରେ ସେ ଅଗଣାରେ ଶୋଇ ଆକାଶକୁ ଚାହୁଁଥିଲା । ଧୀରେ କରି କହୁଥିଲା- 'ମା', ମୁଁ ପଢୁଛି, ଆପଣ ମୋତେ ନିଜ ପାଖକୁ ନେଇଯିବେ ନା ?'

ପରୀକ୍ଷାର ଶେଷ ଦିନ ଥିଲା । ସ୍କୁଲରୁ ଫେରିବା ସମୟରେ ସେହି କଞ୍ଚା ରାସ୍ତା ଥିଲା । ବାକି ପିଲାମାନେ ଆଗକୁ ଚାଲିଯାଇଥିଲେ । ଗୁଡୁ ଧୀରେ ଧୀରେ ଚାଲୁଥିଲା । ତା' ଖାତାର ପ୍ରଥମ ପୃଷ୍ଠାରେ ପେନ୍‌ସିଲ୍‌ରେ ଲେଖାଥିଲା- ମା' । ହଠାତ୍ ଦୂର ରାସ୍ତାରେ ଏକ ଜିପ୍ ଦେଖାଗଲା । ତା' ହୃଦୟ ଜୋର୍‌ରେ ଧଡ଼ଧଡ଼ ହେବାକୁ ଲାଗିଲା । 'ବୋଧହୁଏ ବାପା' । ଜିପ୍ ପାଖକୁ ଆସିଲା ଏବଂ ନଅଟକି ଚାଲିଗଲା । ଧୂଳିର ବାଦଲ ଉଠି ପୁଣି ବସିଗଲା । ଗୁଡୁ ବହୁତ ସମୟ ପର୍ଯ୍ୟନ୍ତ ସେଆଡ଼େ ଚାହିଁ ରହିଲା । ପୁଣି ସେ ଧୀରେ କରି ଖାତା ଖୋଲିଲା । ମା' ଶବ୍ଦକୁ ଆଙ୍ଗୁଠିରେ ଛୁଇଁଲା ଏବଂ ଧୀରେ କରି କହିଲା- 'ମା', ମୁଁ ପାସ୍ ହୋଇଗଲି, ଏବେ ବାପା ମୋତେ ସାଙ୍ଗରେ ନେଇଯିବେ' । ତା' ଆଖିରୁ ଲୁହ ଝରିବାକୁ ଲାଗିଲା । କିଛି ସମୟ ପରେ ସେ ଆକାଶକୁ ଚାହିଁଲା- 'ମା', ଯଦି ଆପଣ ଆସିଥାନ୍ତେ, ତେବେ ମୁଁ ଆଜି ଆପଣଙ୍କ କୋଳରେ ବସି କହିଥାନ୍ତି' ।

ପବନ ଧୀରେ ଧୀରେ ବହୁଥିଲା । ଗଛର ପତ୍ର ହଲୁଥିଲା । ଗୁଡୁ ବହୁତ ଧୀରେ କହିଲା- 'କାଲେ ଏହି ମୁହୂର୍ତ୍ତରେ ଆପଣ ମୋ ପାଖରେ ଥାଆନ୍ତେ ଏବଂ ମୋ ପାଇଁ କିଛି ରୋଷେଇ କରିଥାନ୍ତେ' । ଏହା କହି ସେ ଧୀରେ ଧୀରେ ଘରକୁ ଚାଲିଲା । ସେଦିନ ତାକୁ ପ୍ରଥମ ଥର ବୁଝାପଡ଼ିଲା- କିଛି ପିଲା ଏଥିପାଇଁ ବଡ଼ ହୁଅନ୍ତି ନାହିଁ ଯେ ସମୟ ବିତିଯାଏ, ସେମାନେ ଏଥିପାଇଁ ବଡ଼ ହୋଇଯାନ୍ତି କାରଣ ସେମାନଙ୍କ ଅପେକ୍ଷା ବହୁତ ଲମ୍ବା ହୋଇଯାଏ । ଏବଂ ଗୁଡୁ ମନରେ ସେହି ପ୍ରଶ୍ନ ଏବେ ବି ଧୀରେ ଧୀରେ ବଢୁଥିଲା- କ'ଣ ମା'-ବାପା ମୋତେ ଏଇଠୁ ନେଇଯିବେ, ନା ଏହି ବର୍ଷ ବି ମୋତେ ସମସ୍ତଙ୍କ ସହ ରହି ମଧ୍ୟ ଏକୁଟିଆ ଛାଡିଦେବେ ।

*ସ୍ୱାମୀ ବିବେକାନନ୍ଦ ବନ ଭାରତୀ ବିଦ୍ୟାପୀଠ, କୋରାପୁଟ*
*ମୋ-୭୮୯୪୦୦୫୪୫୫*

# ଅଷ୍ଟ୍ରେଲିଆକୁ ୬ ୱିକେଟ୍‌ରେ ହରାଇଲା ଭାରତୀୟ ଯୁବ ଦଳ

**ରାଜକୋଟ୍**

ସ୍ଥାନୀୟ ନିରଞ୍ଜନ ଶାହ ଷ୍ଟାଡିୟମଠାରେ ବୁଧବାର ଖେଳାଯାଇଥିବା ତୃତୀୟ ୧୯ ବର୍ଷରୁ କମ୍ ଅନୌପଚାରିକ ଦିନିକିଆରେ ଅଷ୍ଟ୍ରେଲିଆକୁ ୬ ୱିକେଟ୍‌ରେ ପରାସ୍ତ କରିଛି ଭାରତୀୟ ଯୁବ ଦଳ। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ୪୯.୩ ଓଭରରେ ୨୫୪ ରନ୍ କରି ଅଲଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଜେଡ୍ ହଲିକ୍ ୮୭ ରନ୍ କରିଥିବାବେଳେ ନିଲ୍ ପଟେଲ୍ ୫୧, ବ୍ଲାକ୍ କ୍ୟାଟଲ୍ ୩୮ ରନ୍ କରିଥିଲେ।

ଭାରତ ପକ୍ଷରୁ ମୋହିତ ଉଲ୍‌ଭା ଓ ମନାଲ ଚୌହାନ ୩ ୱିକେଟ୍ ଲେଖାଏଁ ଅକ୍ତିଆର କରିଥିଲେ। ଜବାବରେ ଭାରତ ଓପନର ଲକ୍ଷ୍ୟ ରାଜେଶ ରାଇଚନ୍ଦାନିଙ୍କ ଅପରାଜିତ ଶତକ ବଦଳରେ ୪୧.୨ ଓଭରରେ ୪ ୱିକେଟ୍ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଘରୋଇ ଦଳ ପକ୍ଷରୁ କୁଶାଗ୍ର ଓଝା ୪୫ ଓ ରଜତ ବଘେଲ ୪୪ ରନ୍‌ର ଯୋଗଦାନ ଦେଇଥିଲେ। ଆର୍ଯ୍ୟବୀର ସେହ୍ୱାଗ୍ ୩୪ ରନ୍ କରିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ସ୍ୱେନ୍ସର ଗ୍ରିନ ୨ ୱିକେଟ୍ ଅକ୍ତିଆର କରିଥିଲେ।



## ଏସିଆନ ଗେମ୍ସରେ ଭାରତୀୟ ମହିଳା ହକି ଦଳର ଆଉ ଏକ ବଡ଼ ବିଜୟ

# ଥାଇଲାଣ୍ଡକୁ ୨୦-୧ ଗୋଲରେ ପରାସ୍ତ କଲା ଭାରତ

**ଗିଫୁ**

ଏସିଆନ ଗେମ୍ସ ୨୦୨୬ରେ ଭାରତୀୟ ମହିଳା ହକି ଦଳର ବିଜୟଯାତ୍ରା ଜାରି ରହିଛି। ଉଜ୍‌ବେକିସ୍ତାନ ଏବଂ ଇଣ୍ଡୋନେସିଆକୁ ପରାସ୍ତ କରିବା ପରେ ଭାରତୀୟ ଦଳ ଥାଇଲାଣ୍ଡକୁ ମଧ୍ୟ ବଡ଼ ବ୍ୟବଧାନରେ ହରାଇ କ୍ରମାଗତ ତୃତୀୟ ଚମତ୍କାର ବିଜୟ ହାସଲ କରିଛି। ବୁଧବାର ଖେଳାଯାଇଥିବା ପୁଲ୍-ବି ମ୍ୟାଚ୍‌ରେ ଭାରତ ଚମତ୍କାର ପ୍ରଦର୍ଶନ କରି ଥାଇଲାଣ୍ଡକୁ ୨୦-୧ର ବଡ଼ ବ୍ୟବଧାନରେ ପରାସ୍ତ କରିଛି। ୬୦ ମିନିଟ୍ ଧରି ଚାଲିଥିବା ଏହି ମ୍ୟାଚରେ ଭାରତୀୟ ଦଳ ସମ୍ପୂର୍ଣ୍ଣ ଏକତରଫା ଭାବେ ପ୍ରାଧାନ୍ୟ ବିସ୍ତାର କରିଥିଲା।

ଏସିଆନ ଗେମ୍ସ ୨୦୨୬ରେ ଭାରତୀୟ ମହିଳା ହକି ଦଳ ଏପର୍ଯ୍ୟନ୍ତ ଖେଳିଥିବା ତିନିଟି ମ୍ୟାଚରେ ୫୬ଟି ଗୋଲ୍ କରିସାରିଛି। ଦୀପିକା ଏସିଆନ ଗେମ୍ସ ମହିଳା ହକିର ଗୋଟିଏ ମ୍ୟାଚ୍‌ରେ ସର୍ବାଧିକ ଗୋଲ୍ କରିଥିବା ଖେଳାଳି ହୋଇଛନ୍ତି। ସେ ଏହି ମାମଲାରେ ନିଜର ପୂର୍ବ ରେକର୍ଡକୁ ହିଁ ପଛରେ ପକାଇ ଦେଇଛନ୍ତି।



ଏହାପୂର୍ବରୁ ଦୀପିକା ଉଜବେକିସ୍ତାନ ବିପକ୍ଷ ମ୍ୟାଚ୍‌ରେ ଆଠଟି ଗୋଲ୍ କରିଥିଲେ। କିନ୍ତୁ ଏହି ମ୍ୟାଚ୍‌ରେ ସର୍ବାଧିକ ୯ଟି ଗୋଲ୍ ଦେଇଛନ୍ତି।

ଭାରତ ପକ୍ଷରୁ ଦୀପିକା (୨ୟ, ୮ମ, ୯ମ, ୨୪ତମ, ୩୩ତମ, ୩୬ତମ, ୩୯ତମ, ୫୧ତମ ଓ ୫୬ତମ ମିନିଟ୍)ରେ ନଅଟି ଗୋଲ୍ କରିଥିଲେ। ଅଭିଜ୍ଞ ଫରୱାର୍ଡ ନବନୀତ କୌର ଚାରିଟି (୪ର୍ଥ, ୨୯ତମ, ୩୫ତମ ଓ ୫୧ତମ ମିନିଟ୍) ଓ ଋତୁଜା ପିସାଲ୍ ତିନିଟି (୧୦ମ, ୧୧ତମ ଓ ୪୬ତମ ମିନିଟ୍) ଗୋଲ୍ କରିଛନ୍ତି। ସେହିପରି ଅଭିଜ୍ଞ ମିଡ୍‌ଫିଲ୍ଡର ନେହା (୧୯ତମ), ଲାଲ୍‌ରେମ୍‌ସିଆମୀ (୨୬ତମ), ସାକ୍ଷୀ ରାଣା (୨୯ତମ) ଓ ଅଧିନାୟିକା ସଲିମା ଟେଟେ (୪୫ତମ ମିନିଟ୍) ଗୋଟିଏ ଲେଖାଏଁ ଗୋଲ୍ କରିଛନ୍ତି। ଥାଇଲାଣ୍ଡ ପକ୍ଷରୁ ଏକମାତ୍ର ଗୋଲ୍ ୪୯ତମ ମିନିଟ୍‌ରେ ଇମ୍ପା କୁଞ୍ଜିରା କରିଥିଲେ।

ପ୍ରଥମ ତିନିଟି କ୍ୱାର୍ଟରରେ ଭାରତୀୟ ଦଳର ଦବ୍‌ଦବା ଏଭଳି ଥିଲା ଯେ ଥାଇଲାଣ୍ଡ ଦଳ ଗୋଟିଏ ହେଲେ ଗୋଲ୍ କରିପାରି ନଥିଲା। ତେବେ ମ୍ୟାଚ୍‌ର ଚତୁର୍ଥ କ୍ୱାର୍ଟରରେ ଥାଇଲାଣ୍ଡର ଖାତା ଖୋଲିଥିଲା। ଖେଳ ଶେଷ ହେବାର କିଛି ସମୟ ପୂର୍ବରୁ ଥାଇଲାଣ୍ଡକୁ ଏକ ପେନାଲ୍ଟି କର୍ନର ମିଳିଥିଲା। ୫୬ତମ ମିନିଟ୍‌ରେ ସୁପାନ୍ସା ସାମାନ୍ସୋ ଥାଇଲାଣ୍ଡ ପକ୍ଷରୁ ଏକମାତ୍ର ଗୋଲ୍ କରିଥିଲେ। ଏହି ମ୍ୟାଚ୍‌ରେ ଭାରତୀୟ ଦଳ ସମ୍ପୂର୍ଣ୍ଣ ଭାବେ ପ୍ରାଧାନ୍ୟ ବିସ୍ତାର କରିଥିଲା ଏବଂ ୨୦-୧ର ଏକତରଫା ବ୍ୟବଧାନରେ ବିଜୟ ହାସଲ କରିଥିଲା।

ଥାଇଲାଣ୍ଡ ବିପକ୍ଷରେ ୨୦-୧ ର ଏହି ଚମତ୍କାର ବିଜୟ ପୂର୍ବରୁ ଭାରତୀୟ ଦଳ ଉଜ୍‌ବେକିସ୍ତାନ ଏବଂ ଇଣ୍ଡୋନେସିଆକୁ ମଧ୍ୟ ବଡ଼ ବ୍ୟବଧାନରେ ପରାସ୍ତ କରିଥିଲା। ଥାଇଲାଣ୍ଡ ପୂର୍ବରୁ ଭାରତ ଉଜ୍‌ବେକିସ୍ତାନକୁ ୧୯-୦ ଏବଂ ଇଣ୍ଡୋନେସିଆକୁ ୧୭-୧ ରେ ହରାଇଥିଲା। କ୍ରମାଗତ ତିନିଟି ବଡ଼ ବିଜୟ ସହ ଭାରତୀୟ ଦଳ ବର୍ତ୍ତମାନ ପୁଲ୍-ବି'ର ଶୀର୍ଷ ସ୍ଥାନରେ ପହଞ୍ଚିଯାଇଛି। ବର୍ତ୍ତମାନ ଭାରତ ନିଜର ପରବର୍ତ୍ତୀ ମ୍ୟାଚ୍ ଶୁକ୍ରବାର (ସେପ୍ଟେମ୍ବର ୨୫) ଆୟୋଜକ ଜାପାନ ସହିତ ଖେଳିବ।

# ଉଷୁ ଫାଇନାଲ୍‌ରେ ରୋଶିବିନା



**ନୂଆଦିଲ୍ଲୀ**

ଲଗାତାର ତୃତୀୟ ଏସୀୟ କ୍ରୀଡ଼ା ପଦକ ପକ୍କା କରି ହ୍ୟାଟ୍ରିକ୍ ଅର୍ଜନ କରିଥିବା ଭାରତୀୟ ଉଷୁ ଖେଳାଳି ନାଓରେମ ରୋଶିବିନା ଦେବୀ ଏବେ ସ୍ୱର୍ଣ୍ଣ ଦୌଡ଼ରେ ସାମିଲ ହୋଇଛନ୍ତି। ୨୦୧୮ ଓ ୨୦୨୩ ସଂସ୍କରଣରେ ଯଥାକ୍ରମେ କାଂସ୍ୟ ଓ ରୌପ୍ୟ ପଦକ ଜିତିଥିବା ରୋଶିବିନା ବୁଧବାର ୬୦ କିଲୋଗ୍ରାମ୍ ସେମିଫାଇନାଲ୍‌ରେ ଇଣ୍ଡୋନେସିଆର ତାନିଆ କୁସୁମାନିଙ୍ଗ୍‌ତିଆସ୍‌ଙ୍କୁ ୨-୦ରେ ମାତ୍ ଦେଇ ଫାଇନାଲ୍‌ରେ ପହଞ୍ଚିଛନ୍ତି।

ଫଳରେ ସେ ପଦକର ରଙ୍ଗ ବଦଳାଇବା ଦ୍ୱାରର ନିକଟବର୍ତ୍ତୀ ହୋଇଛନ୍ତି। ଗୁରୁବାର ଫାଇନାଲ୍‌ରେ ସେ ଚୀନ୍‌ର ଜିଆଓୟୁ ଝାଙ୍ଗ୍‌ଙ୍କୁ ଭେଟିବେ। ପ୍ରଥମ ସେମିଫାଇନାଲ୍‌ରେ ଝାଙ୍ଗ୍ ଡବ୍ଲ୍ୟୁପିଡିରେ ଭିଏତ୍‌ନାମ୍‌ର ଥି ଥୁ ଥୁଇ ଗୁଏଁଙ୍କୁ ପରାସ୍ତ କରିଥିଲେ।

# ଏସିଆନ ଗେମ୍ସରେ ଇତିହାସ ରଚିଲେ ମୀରାବାଈ : ୨୮ ବର୍ଷ ପରେ ଜିତିଲେ ରୌପ୍ୟ ପଦକ

**ନାଗୋୟା**

୨୦ତମ ଏସିଆନ ଗେମ୍ସର ବୁଧବାର ପଞ୍ଚମ ଦିନ। ସମ୍ମାନଜନକ ଟୁର୍ଣ୍ଣାମେଣ୍ଟରେ ଭାରତୀୟ ଆଥଲେଟ୍ ଅନେକ ଇଭେଣ୍ଟରେ ଭାଗ୍ୟ ପରୀକ୍ଷା ଦେଇଛନ୍ତି। ଷ୍ଟାର ଭାରଉତ୍ତୋଳକ ମୀରାବାଈ ଚାନୁ ୪୯ କିଲୋଗ୍ରାମ୍ ବର୍ଗରେ ରୌପ୍ୟ ପଦକ ଜିତିଛନ୍ତି। ସେ ମୋଟ୍ ୧୯୮ କିଲୋଗ୍ରାମ୍ (ସ୍ନେଚ୍ ୮୭ କିଲୋଗ୍ରାମ ଏବଂ କ୍ଲିନ୍ ଆଣ୍ଡ ଜର୍କ ୧୧୧ କିଲୋଗ୍ରାମ) ଓଜନ ଉଠାଇ ରୌପ୍ୟ ପଦକ ହାସଲ କରିଛନ୍ତି। ସେ ଉତ୍ତର କୋରିଆର ଗୋଲ୍ଡ ମେଡାଲିଷ୍ଟ ରି ବାଦ୍ ଏସିଆନ ଗେମ୍ସରେ ଭାରଉତ୍ତୋଳନ ମେଡାଲ ହାସଲ କରିଛନ୍ତି। ଏହି ଏସିଆନ ଗେମ୍ସରେ ଚାନୁଙ୍କର ଏହା ପ୍ରଥମ ପଦକ। ଭାରତ ୨୮ ବର୍ଷ ପରେ ଏସିଆନ ଗେମ୍ସ ଭାରଉତ୍ତୋଳନରେ ପଦକ ଜିତିଛି। ଗତ ସିଜିନରେ ସେ ଚତୁର୍ଥ ସ୍ଥାନରେ ରହିଥିଲେ। ଚାନୁ ଅଲମ୍ପିକ୍ସରେ ରୌପ୍ୟ ପଦକ, କମନୱେଲ୍ଥ ଗେମ୍ସରେ ୩ଟି ସ୍ୱର୍ଣ୍ଣ ପଦକ ଜିତିଥିଲେ।

ଏସିଆନ ଗେମ୍ସରେ ଭାରୋତ୍ତୋଳନରେ ଭାରତର ଶେଷ ପଦକ ୧୯୯୮ ମସିହାରେ ଆସିଥିଲା। ୧୯୯୮ ବ୍ୟାଙ୍କକ ଏସୀୟ ଗେମ୍ସରେ କର୍ଣ୍ଣମ ମଲ୍ଲେଶ୍ୱରୀ ମହିଳା ୬୩ କିଲୋଗ୍ରାମ ଇଭେଣ୍ଟରେ ରୌପ୍ୟ ପଦକ ଜିତିଥିଲେ। ପରବର୍ତ୍ତୀ ୨୮ ବର୍ଷ ମଧ୍ୟରେ ଭାରତ ଏସୀୟ ଗେମ୍ସରେ କୌଣସି ପଦକ ପାଇନଥିଲା। ଏବେ, ୨୦୨୬ ଜାପାନ ଏସୀୟ ଗେମ୍ସରେ, ମୀରାବାଈ ଚାନୁ ଶେଷରେ ସେହି ପଦକ ମରୁଡ଼ିର ଅନ୍ତ କରିଛନ୍ତି। ମୀରାବାଈ ୨୦୨୦ ଟୋକିଓ ଅଲିମ୍ପିକ୍ସରେ ରୌପ୍ୟ ପଦକ ବିଜେତା ଏବଂ ୨୦୨୬ ରାଜ୍ୟଗୋଷ୍ଠୀ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତି ଆସୁଥିଲେ। ଫଳସ୍ୱରୂପ, ତାଙ୍କୁ ଏସୀୟ ଗେମ୍ସ ସ୍ୱର୍ଣ୍ଣ ପଦକ ପାଇଁ ଜଣେ ଦୃଢ଼ ଦାବିଦାର ଭାବରେ ବିବେଚନା କରାଯାଉଥିଲା, କିନ୍ତୁ ଉତ୍ତର କୋରିଆର ଆଥଲେଟ୍ ରି ସୋଙ୍ଗ୍ ଗମ୍ ଆରମ୍ଭରୁ ଇଭେଣ୍ଟରେ ପ୍ରାଧାନ୍ୟ ବିସ୍ତାର କରିଥିଲେ। ମୀରାବାଈ ଚାନୁ ଏସୀୟ କ୍ରୀଡ଼ାର ସ୍ନାଚ୍ ରାଉଣ୍ଡରେ ୮୭ କିଲୋଗ୍ରାମ ଓଜନ ଉଠାଇଥିଲେ। ସ୍ନାଚ୍ ରାଉଣ୍ଡ ପରେ ସେ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଉତ୍ତର କୋରିଆର ରି ସଙ୍ଗ ଗମ୍ ୯୪ କିଲୋଗ୍ରାମ ଓଜନ ଉଠାଇ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଉତ୍ତର କୋରିଆର ଆଥଲେଟ୍ କ୍ଲିନ୍ ଆଣ୍ଡ ଜର୍କରେ ମଧ୍ୟ ପ୍ରାଧାନ୍ୟ ବିସ୍ତାର କରି ସ୍ୱର୍ଣ୍ଣ ପଦକ ଜିତିଥିଲେ।

ଚଳିତ ଏସିଆନ୍ ଗେମ୍ସରେ ସମୟ ସରିବା ସହ ବିଭିନ୍ନ ଇଭେଣ୍ଟରେ ଭାରତର ପ୍ରଦର୍ଶନ ଦେଖିବାକୁ ମିଳିଛି। ଭାରତ ଖାତରେ ମୋଟ୍ ୧୧ ପଦକ ରହିଛି। ଭାରତ ପାଖରେ ୧ ସ୍ୱର୍ଣ୍ଣ, ୫ ରୌପ୍ୟ ଓ ୫ ବ୍ରୋଞ୍ଜ ପଦକ ରହିଛି। ପଦକ ତାଲିକାରେ ଅଷ୍ଟମ ସ୍ଥାନରେ ରହିଛି ଭାରତ। ମହିଳା ୧୦ ମିଟର ଏୟାର ପିସ୍ତର ଇଭେଣ୍ଟରେ ମନୁ ଭାକର ପଦକରୁ ବଞ୍ଚିତ ରହିଛନ୍ତି। ଟିମ୍ ଇଭେଣ୍ଟରେ ଭାରତ ଚତୁର୍ଥ ସ୍ଥାନରେ ରହିଛି। ସେହିପରି ମହିଳା ହକି ଟିମ୍ ଥାଇଲାଣ୍ଡ ବିପକ୍ଷରେ ବିରାଟ ବିଜୟ ହାସଲ କରିଛି। ୨୦-୧ ଗୋଲରେ ଥାଇଲାଣ୍ଡକୁ ପରାସ୍ତ କରିଛି ମହିଳା ହକି ଦଳ। ସେହିପରି ପୁରୁଷ କବାଡ଼ିରେ ଗ୍ରୁପ୍ ଷ୍ଟେଜ୍‌ର ତୃତୀୟ ମ୍ୟାଚରେ ବାଂଲାଦେଶକୁ ପରାସ୍ତ କରିଛି ଭାରତ। ଆସନ୍ତାକାଲି ଚୀନ ବିପକ୍ଷରେ ପରବର୍ତ୍ତୀ ମ୍ୟାଚ୍ ଖେଳିବ ଭାରତ।



# ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କଲେ ଇଂଲଣ୍ଡ ଦ୍ରୁତ ବୋଲର ମାର୍କ ଉଡ୍



**ନୂଆଦିଲ୍ଲୀ**

ଇଂଲଣ୍ଡର ଭେଟେରାନ ପେସ୍ ବୋଲର ମାର୍କ ଉଡ୍ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। 'ସ୍କାଏ ସ୍ପୋର୍ଟ୍ସ'କୁ ସାକ୍ଷାତକାର ଦେଇ ସେ ଅନ୍ତର୍ଜାତୀୟ କ୍ୟାରିୟରରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ନିୟମିତ ଆହତ ହେବା ଯୋଗୁ ତାଙ୍କ କ୍ୟାରିୟର ପ୍ରଭାବିତ ହୋଇଥିଲା। ଅନ୍ତର୍ଜାତୀୟ କ୍ରିକେଟରେ ସେ ମୋଟ ୧୪୬ଟି ମ୍ୟାଚ୍ ଖେଳି ୨୫୩ଟି ୱିକେଟ୍ ଅକ୍ତିଆର କରିଛନ୍ତି।

ଉଡ୍ କହିଛନ୍ତି ଯେ, ନିୟମିତ ଆହତ ହେବା ମୋତେ ମାନସିକ ସ୍ତରରେ ଭାଙ୍ଗି ଦେଇଥିଲା। ଗତ ନଭେମ୍ବର ମାସରେ ମୁଁ ଶେଷ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲେ। ସେବେଠୁ ମୁଁ ପ୍ରତ୍ୟାବର୍ତ୍ତନ କରିପାରିନଥିଲି। ସେହିପରି ଗତ ସେପ୍ଟେମ୍ବରରେ ଇଂଲଣ୍ଡ କ୍ରିକେଟ୍ ବୋର୍ଡ (ଇସିବି) ଚୁକ୍ତି ଶେଷ ହୋଇଥିଲା। ମୁଁ ଖେଳିବାକୁ ଚାହୁଁଥିଲେ ମଧ୍ୟ ମୋ ଶରୀର ମୋତେ ସାଥ୍ ଦେଉନାହିଁ। ତେଣୁ ଏହା ଅବସର ପାଇଁ ଉପଯୁକ୍ତ ସମୟ ବୋଲି ଅନୁଭବ କରୁଥିଲି। ୨୦୧୫ରେ ଉଡ୍ ୩ଟି ଯାକ ଫର୍ମାଟରେ ପଦାର୍ପଣ କରିଥିଲେ। ଦ୍ରୁତ ଗତିରେ ବୋଲିଂ କରି ସେ ଆତଙ୍କ ଖେଳାଇଥିଲେ। ସେ ୩୮ଟି ଟେଷ୍ଟ ଖେଳି ୧୧୯ଟି ୱିକେଟ୍ ନେଇଥିବାବେଳେ ୭୦ଟି ଦିନିକିଆରେ ୮୦ଟି ୱିକେଟ୍ ଏବଂ ୩୮ଟି ଟି ଟ୍ୱେଣ୍ଟିରେ ୫୪ଟି ୱିକେଟ୍ ହାସଲ କରିଛନ୍ତି। କ୍ୟାରିୟର ମଧ୍ୟରେ ସେ ଆସେସ୍ (୨୦୧୫), ଦିନିକିଆ ବିଶ୍ୱକପ୍ (୨୦୧୯) ଓ ଟି-ଟ୍ୱେଣ୍ଟି ବିଶ୍ୱକପ୍ (୨୦୨୨) ଚାମ୍ପିଅନ୍ ହେବାର ଗୌରବ ଲାଭ କରିଥିଲେ।

ଇଂଲଣ୍ଡ ଦ୍ରୁତ ବୋଲର ମାର୍କ ଉଡ୍ ୨୦୧୫ ରେ ଡେବ୍ୟୁ କରିଥିଲେ। ସେ ୨୦୨୫ ମସିହାରେ ତାଙ୍କର ଶେଷ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲେ। ଏହା ପରେ ଆସେସ୍ ସିରିଜରେ ପର୍ଥ ଟେଷ୍ଟ ମ୍ୟାଚରେ ଭାଗ ନେଇଥିଲେ। ବର୍ତ୍ତମାନ ପିଢିର ଦ୍ରୁତତମ ବୋଲରମାନଙ୍କ ମଧ୍ୟରୁ ଜଣେ ହେଉଛନ୍ତି ମାର୍କ ଉଡ୍। ୨ଟି ବିଶ୍ୱକପ ବିଜେତା ଅଭିଯାନର ଅଂଶ ଥିଲେ। ୨୦୧୯ରେ ଆଇସିସି ପୁରୁଷ କ୍ରିକେଟ୍ ବିଶ୍ୱକପ ଏବଂ ୨୦୨୨ ଆଇସିସି ପୁରୁଷ ଟି-ଟ୍ୱେଣ୍ଟି ବିଶ୍ୱକପରେ ଇଂଲଣ୍ଡ ପାଇଁ ଖେଳିଥିଲେ। ସେ ୨୦୧୯ରେ ଘରୋଇ ବିଜୟ ସମୟରେ ଉଡ୍ ନିୟମିତ ଭାବରେ ୧୫୦ କିଲୋମିଟର ବେଗରେ ବୋଲିଂ କରିଥିଲେ। ୨୫.୭୨ ହାରରେ ୧୮ଟି ୱିକେଟ୍ ନେଇଥିଲେ।

# ଏସୀୟ କ୍ରୀଡ଼ା : ସ୍କ୍ୱାସ୍ ରାଉଣ୍ଡ-୧୬ରେ ଅଭୟ, ବୀର, ତନ୍ୱୀ



**ନାଗୋୟା**

ଭାରତୀୟ ସ୍କ୍ୱାସ୍ ଖେଳାଳି ଅଭୟ ସିଂହ, ବୀର ଚୋଟରାଣୀ ଓ ତନ୍ୱୀ ଶର୍ମା ବୁଧବାର ନିଜ ନିଜର ଏକକ ମ୍ୟାଚ୍ ଜିତି ଚଳିତ ଏସୀୟ କ୍ରୀଡ଼ାର ରାଉଣ୍ଡ-୧୬ରେ ପ୍ରବେଶ କରିଛନ୍ତି। ପୁରୁଷ ଏକକରେ ଦ୍ୱିତୀୟ ମାନ୍ୟତାପ୍ରାପ୍ତ ଅଭୟ ୧୧-୧, ୧୧-୦, ୧୧-୨ରେ ଥାଇଲାଣ୍ଡର ଅର୍କାରାଦେତ ଅର୍କାରାହିରୁନୟଙ୍କୁ ପରାସ୍ତ କରିଥିଲେ।

ସେହିଭଳି ବୀର ୧୧-୮, ୧୧-୩, ୧୧-୩ରେ ଶ୍ରୀଲଙ୍କାର ଶାମିଲ ୱାକିଲ୍‌ଙ୍କୁ ହରାଇଥିଲେ। ମହିଳା ଏକକ ପ୍ରଥମ ରାଉଣ୍ଡରେ ତନ୍ୱୀ ୧୧-୫, ୧୧-୭, ୧୧-୫ରେ ଦକ୍ଷିଣ କୋରିଆର ଦାମି କିମ୍‌ଙ୍କୁ ମାତ୍ ଦେଇଥିଲେ। ଶୀର୍ଷ ମାନ୍ୟତାପ୍ରାପ୍ତ ଅନାହାତ୍ ସିଂହ ସିଧାସଳଖ ଗୁରୁବାର ରାଉଣ୍ଡ-୧୬ରେ ଓହ୍ଲାଇବେ। ସେ ସିଙ୍ଗାପୁରର ଆଉ ୟିଓଙ୍ଗ ୱାଇ ଲିନ୍‌ଙ୍କୁ ଭେଟିବେ।

# ସଚିନଙ୍କ ରେକର୍ଡ ଭାଙ୍ଗିଲେ ଜୋ ରୁଟ୍ : ୨୩ ହଜାର ରନ୍ କ୍ଲବ୍‌ରେ ସାମିଲ

**ନୂଆଦିଲ୍ଲୀ**

ଇଂଲଣ୍ଡର ଷ୍ଟାର୍ ବ୍ୟାଟ୍ସମ୍ୟାନ୍ ଜୋ ରୁଟ୍ ଶ୍ରୀଲଙ୍କା ବିପକ୍ଷ ପ୍ରଥମ ଦିନିକିଆରେ ଆଉ ଏକ ବଡ଼ ସଫଳତା ନିଜ ନାମରେ କରିଛନ୍ତି। ରୁଟ୍ ଅନ୍ତର୍ଜାତୀୟ କ୍ରିକେଟରେ ୨୩୦୦୦ ରନ୍ ପୂରଣ କରିବାରେ ବିଶ୍ୱର ଅଷ୍ଟମ ଏବଂ ଇଂଲଣ୍ଡର ପ୍ରଥମ ବ୍ୟାଟ୍ସମ୍ୟାନ୍ ହୋଇଛନ୍ତି। ଏହା ସହିତ ସେ ଏହି ମାଇଲଖୁଣ୍ଟରେ ପହଞ୍ଚିବା ମାମଲାରେ ଭାରତର ମହାନ ବ୍ୟାଟ୍ସମ୍ୟାନ୍ ସଚିନ ତେନ୍ଦୁଲକରଙ୍କୁ ମଧ୍ୟ ପଛରେ ପକାଇ ଦେଇଛନ୍ତି।

ଜୋ ରୁଟ୍ ନିଜର ୫୨୧ତମ ଅନ୍ତର୍ଜାତୀୟ ଇନିଂସରେ ଏହି ସଫଳତା ହାସଲ କରିଛନ୍ତି, ଯେତେବେଳେ କି ସଚିନ ତେନ୍ଦୁଲକର ୫୨୨ଟି ଇନିଂସରେ ୨୩୦୦୦ ରନ୍ ପୂରଣ କରିଥିଲେ। ଭାରତର ବିରାଟ କୋହଲି ଏହି ରେକର୍ଡରେ କରିବାରେ ସବୁଠାରୁ ଦ୍ରୁତ ଅଟନ୍ତି, ଯିଏକି ୪୯୦ଟି ଇନିଂସରେ ଏହି ସଂଖ୍ୟା ଛୁଇଁଥିଲେ। ଜୋ ରୁଟ୍‌ଙ୍କୁ ୨୩୦୦୦ ଅନ୍ତର୍ଜାତୀୟ ରନ୍ ପୂରଣ କରିବା ପାଇଁ ମାତ୍ର ତିନି ରନ୍‌ର ଆବଶ୍ୟକତା ଥିଲା। ସେ ଏକ ସୁନ୍ଦର ରିଷ୍ଟ ଫ୍ଲିକ୍ ମାଧ୍ୟମରେ ଚୌକା ମାରି ଏହି ସ୍ୱତନ୍ତ୍ର କ୍ଲବରେ ନିଜର ସ୍ଥାନ ପକ୍କା କରିଛନ୍ତି। ୨୩୦୦୦ ଅନ୍ତର୍ଜାତୀୟ ରନ୍ ସଂଗ୍ରହ କରିଥିବା ବ୍ୟାଟ୍ସମ୍ୟାନ୍‌ଙ୍କ ତାଲିକାରେ ରୁଟ୍‌ଙ୍କ ପୂର୍ବରୁ ସଚିନ ତେନ୍ଦୁଲକର (୩୪୩୫୭), ବିରାଟ କୋହଲି (୨୮୩୫୯), କୁମାର ସାଙ୍ଗାକାରା (୨୮୦୧୬), ରିକି ପଣ୍ଟିଂ (୨୭୪୮୩), ମହେଲା ଜୟବର୍ଦ୍ଧନେ (୨୫୯୫୭), ଜାକ୍ କାଲିସ୍ (୨୫୫୩୪) ଏବଂ ରାହୁଲ ଦ୍ରାବିଡ଼ (୨୪୨୦୮) ସାମିଲ ଅଛନ୍ତି।



ଅନ୍ତର୍ଜାତୀୟ କ୍ରିକେଟରେ ସବୁଠାରୁ ଦ୍ରୁତ ୨୩୦୦୦ ରନ୍ କରିଥିବା ଖେଳାଳି : ୪୯୦ ଇନିଂସ - ବିରାଟ କୋହଲି (ଭାରତ), ୫୨୧ ଇନିଂସ - ଜୋ ରୁଟ୍ (ଇଂଲଣ୍ଡ), ୫୨୨ ଇନିଂସ - ସଚିନ ତେନ୍ଦୁଲକର (ଭାରତ), ୫୪୪ ଇନିଂସ - ରିକି ପଣ୍ଟିଂ (ଅଷ୍ଟ୍ରେଲିଆ), ୫୫୧ ଇନିଂସ - ଜାକ୍ କାଲିସ୍ (ସାଉଥ୍ ଆଫ୍ରିକା), ୫୬୮ ଇନିଂସ - କୁମାର ସାଙ୍ଗାକାରା (ଶ୍ରୀଲଙ୍କା), ୫୭୬ ଇନିଂସ - ରାହୁଲ ଦ୍ରାବିଡ଼ (ଭାରତ), ୬୪୫ ଇନିଂସ - ମହେଲା ଜୟବର୍ଦ୍ଧନେ (ଶ୍ରୀଲଙ୍କା)।

ଟେଷ୍ଟ କ୍ରିକେଟରେ ରୁଟ୍‌ଙ୍କ ସଫଳତା ପ୍ରାୟତଃ ଚର୍ଚ୍ଚାରେ ରହିଥାଏ, କିନ୍ତୁ ଦିନିକିଆରେ ମଧ୍ୟ ତାଙ୍କର ରେକର୍ଡ ବେଶ୍ ପ୍ରଭାବଶାଳୀ ଅଟେ। ଶ୍ରୀଲଙ୍କା ବିପକ୍ଷ ପ୍ରଥମ ଦିନିକିଆ ପୂର୍ବରୁ ରୁଟ୍‌ଙ୍କ ନାମରେ ଏହି ଫର୍ମାଟ୍‌ରେ ୭୮୨୬ ରନ୍ ଥିଲା ଏବଂ ତାଙ୍କର ହାରାହାରି ୫୧ ରୁ ଅଧିକ ଥିଲା। ସେ ଦିନିକିଆରେ ୨୦ଟି ଶତକ ମଧ୍ୟ ହାସଲ କରିସାରିଛନ୍ତି। ରୁଟ୍ ପୂର୍ବରୁ ହିଁ ଦିନିକିଆ କ୍ରିକେଟରେ ଇଂଲଣ୍ଡ ପାଇଁ ସବୁଠାରୁ ଅଧିକ ରନ୍ ସଂଗ୍ରହ କରିଥିବା ବ୍ୟାଟ୍ସମ୍ୟାନ୍ ହୋଇସାରିଛନ୍ତି। ବର୍ତ୍ତମାନ ୨୩୦୦୦ ଅନ୍ତର୍ଜାତୀୟ ରନ୍ ପାର୍ କରି ସେ ନିଜ କ୍ୟାରିୟରରେ ଆଉ ଏକ ବଡ଼ ସଫଳତା ଯୋଡ଼ିଛନ୍ତି।

ଅନ୍ତର୍ଜାତୀୟ କ୍ରିକେଟରେ ସବୁଠାରୁ ଅଧିକ ରନ୍ କରିଥିବା ଖେଳାଳି : ୩୪୩୫୭ - ସଚିନ ତେନ୍ଦୁଲକର (ଭାରତ), ୨୮୩୫୯ - ବିରାଟ କୋହଲି (ଭାରତ), ୨୮୦୧୬ - କୁମାର ସାଙ୍ଗାକାରା (ଶ୍ରୀଲଙ୍କା), ୨୭୪୮୩ - ରିକି ପଣ୍ଟିଂ (ଅଷ୍ଟ୍ରେଲିଆ), ୨୫୯୫୭ - ମହେଲା ଜୟବର୍ଦ୍ଧନେ (ଶ୍ରୀଲଙ୍କା), ୨୫୫୩୪ - ଜାକ୍ କାଲିସ୍ (ସାଉଥ୍ ଆଫ୍ରିକା), ୨୪୨୦୮ - ରାହୁଲ ଦ୍ରାବିଡ଼ (ଭାରତ), ୨୩୦୪୧ - ଜୋ ରୁଟ୍ (ଇଂଲଣ୍ଡ)।

# ସୁବର୍ଣ୍ଣପୁର ଜିଲ୍ଲାରେ ଉଦ୍‌ଘାଟନ ହେଲା ରାଜ୍ୟ ସ୍ତରୀୟ ସାହାଣୀ କପ୍ ଫୁଟବଲ



**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲାରେ ଉଦ୍‌ଘାଟନ ହେଲା ରାଜ୍ୟ ସ୍ତରୀୟ ସାହାଣୀ କପ୍ ଫୁଟବଲ୍। ପ୍ରଥମ ମ୍ୟାଚ୍‌ରେ ୨-୦ ଗୋଲରେ ଖୋର୍ଦ୍ଧା ଓ ଦ୍ୱିତୀୟ ମ୍ୟାଚ୍‌ରେ ୧-୦ ଗୋଲରେ ଗଞ୍ଜାମ ଦଳ ବିଜୟୀ ହୋଇଛନ୍ତି। ସୁବର୍ଣ୍ଣପୁରରେ ୬୫ତମ ସାହାଣୀ କପ୍ ଫୁଟବଲ୍ ଲିଗ୍ ୨୦୨୬/୨୭ ସ୍ଥାନୀୟ ଗାନ୍ଧୀ ଷ୍ଟାଡିଅମ୍ ଠାରେ ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ଫୁଟବଲ୍ ଆସୋସିଏସନ୍, କ୍ରୀଡ଼ା ଯୁବ ବ୍ୟାପାର ଓଡ଼ିଶା ସରକାର ଓ ସୁବର୍ଣ୍ଣପୁର ଜିଲ୍ଲା କ୍ରୀଡ଼ା ସଂଘର ମିଳିତ ସହଯୋଗରେ ଅନୁଷ୍ଠିତ ଏହି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ସୁବର୍ଣ୍ଣପୁର ଏସପି ନାରାୟଣ ନାଏକ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପଧାନ ଓ ନିମନ୍ତ୍ରିତ ଅତିଥି ଭାବେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଚିତ୍ତ ରଞ୍ଜନ ମିଶ୍ର, ବିଶିଷ୍ଟ ସମାଜ ସେବୀ ଶ୍ରୀବତ୍ସ ମଲ୍ଲିକ, ଗୋବିନ୍ଦ ମହାରଣା, ଭେଟରାନ ଫୁଟବଲର ଗୋରେଖ ନାଥ ସାହୁ, ପ୍ରମୋଦ ମହାପାତ୍ର, ଜ୍ୟୋତି ରଞ୍ଜନ ପଟ୍ଟନାୟକ, ଆଶାରାମ ନାଏକ୍, ଆଇନ ଜୀବୀ ପ୍ରଦୀପ ପୁରୋହିତ, ନନ୍ଦ କିଶୋର ତ୍ରିପାଠୀ, ଅଭିମନ୍ୟୁ କୁଶଳ ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ବୁଧବାର ଖୋର୍ଦ୍ଧା ଦଳ ଓ ନୟାଗଡ଼ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିବା ପ୍ରଥମ ମ୍ୟାଚ୍‌ରେ ଖୋର୍ଦ୍ଧା ଦଳର ଜର୍ସି ନମ୍ବର ୧୦ ଅସୀମ ଦୁମ୍ ଦୁମା ୬୭ ମିନିଟ୍‌ରେ ପ୍ରଥମ ଗୋଲ୍ ସ୍କୋର କରିଥିଲେ। ସେହିପରି ୭୨ ମିନିଟ୍‌ରେ ଖୋର୍ଦ୍ଧା ଦଳର ୭ ନମ୍ବର ଜର୍ସି ଚନ୍ଦନ ନାୟକ ଦ୍ୱିତୀୟ ଗୋଲ୍ ସ୍କୋର କରି ୨-୦ରେ ଦଳକୁ ବିଜୟୀ କରିଥିଲେ। ପ୍ରଥମ ମ୍ୟାଚ୍‌ରେ ଅସୀମ ଦୁମ୍ ଦୁମାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ନ୍ୟାସନାଲ ରେଫେରି ଅରୁଣ କୁମାର ନାୟକ, ଫାଓ ରେଫରି ଧନେଶ୍ୱର ସର୍ଦ୍ଦାର, ଅଶ୍ୱିନୀ କୁମାର ସାହୁ, ଅନିଲ ଭୋଇ ଓ ମ୍ୟାଚ୍ କମିଶନର ଭାବେ ନବୀନ କୁମାର୍ ନାୟକ ପ୍ରଥମ ଖେଳକୁ ପରିଚାଳନା କରିଥିଲେ। ସେହିପରି ଆଜିର ଦ୍ୱିତୀୟ ମ୍ୟାଚ୍ ଗଞ୍ଜାମ ଦଳ ଓ ପୁରୀ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ଗଞ୍ଜାମ ଦଳର ଜର୍ସି ନମ୍ବର ୭ ରାଜେଶ ବେହେରା ୬୫ ମିନିଟ୍‌ରେ ପ୍ରଥମ ସ୍କୋର କରି ଦଳକୁ ବିଜୟୀ କରି ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ପାଇଥିଲେ। ଦ୍ୱିତୀୟ ମ୍ୟାଚ୍‌କୁ ନ୍ୟାସନାଲ ରେଫରି ଜିତେନ୍ଦ୍ର ଥନାପତି, ଫାଓ ରେଫରି ଦେବାଶିଷ ବାଗ, ସୁମିତ କୁମାର ବେହେରା, ଅନିଲ ଭୋଇ ଓ ମ୍ୟାଚ କମିସନର ଭାବେ ନବୀନ କୁମାର ନାୟକ ପରିଚାଳନା କରିଥିଲେ। ବୁଧବାର ଦ୍ୱିତୀୟ ମ୍ୟାଚ୍ ଆରମ୍ଭ ପୂର୍ବରୁ ଚାରି ଗୋଟି ଟିମ୍‌ର ଖେଳାଳି, ଅଫିସିଆଲ୍ ଓ ଅତିଥିମାନଙ୍କୁ ଆଦିବାସୀ ନାଚ ଗୀତରେ ଶହ ଶହ ଝିଅ ପିଲାଙ୍କ ଦ୍ୱାରା ପୁଷ୍ପ ବିଞ୍ଚି ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ଅଧ୍ୟାପକ ମଦନ ସୁନ୍ଦର ଖେତି ଓ କ୍ରୀଡ଼ା ସଂଘ ସଦସ୍ୟ ମନୋରଞ୍ଜନ ତ୍ରିପାଠୀ ଉଦ୍‌ଘାଟନୀ ଉତ୍ସବ ସଭା ପରି ଚାଳନା କରିଥିଲେ। ବିକାଶ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଖଲିଗୁଡ଼ାରେ ଆରମ୍ଭ ହେଲା ସୋନୁ ମାଝୀ ୟୁଥ୍ କ୍ଲବ୍ ସିଜନ୍-୩ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

**ନବରଙ୍ଗପୁର, ନ୍ୟୁଜ୍‌ବ୍ୟୁରୋ**

ନବରଙ୍ଗପୁର ଜିଲ୍ଲା ଖଲିଗୁଡ଼ାରେ ସୋନୁ ମାଝୀ ୟୁଥ୍ କ୍ଲବ୍ ପକ୍ଷରୁ ସିଜନ୍-୩ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ସମାରୋହ ଆୟୋଜିତ ହୋଇଯାଇଛି।

ଏହି କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ସ୍ଥାନୀୟ ପ୍ରତିନିଧି ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଉପସ୍ଥିତ ଅତିଥିମାନଙ୍କ ମଧ୍ୟରେ ନବରଙ୍ଗପୁର ଜିଲ୍ଲା ଯୁବ ବିଜେପି ନେତା ବାଦଲ୍ ପଟ୍ଟନାୟକ, ସମାଜସେବୀ ସାଗର ପଟ୍ଟନାୟକ, ସତ୍ୟ ପଟ୍ଟନାୟକ, ସରପଞ୍ଚ ଭଗବତୀ ଭତ୍ରା, ବ୍ଲକ୍ ଚେୟାରମ୍ୟାନ୍ / ସଭାପତି ହେମଲତା ମାଝୀ, ପୂର୍ବତନ ସରପଞ୍ଚ ଯଦୁ ନାୟକ, ପୂର୍ବତନ ସମିତି ସଭ୍ୟା ସୁଜାତା ନାୟକ, କ୍ଲବ୍ କର୍ମକର୍ତ୍ତା ସଭାପତି କପିଳାସ ନାୟକ, ଉପସଭାପତି ଜଗତ ସାନ୍ତା (ଟୁକୁ), ସମ୍ପାଦକ କିଶୋର ଭତ୍ରା, କ୍ୟାସିଅର୍ ସୁଧାଂଶୁ କିରନ, ଓ ନରେଶ ଧବାଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

ଟୁର୍ଣ୍ଣାମେଣ୍ଟଟି ୯ ଦିନ ଧରି ଜାରି ରହିବ। ପ୍ରଥମ ଦିନର ମ୍ୟାଚ୍ ଚିତ୍ରକୁଟ ସିୱାଇ ସହିତ ରାଇଜିଂ ଷ୍ଟାର୍ ଜୟପୁର ମଧ୍ୟରେ ହେଇଥିଲା। ଏହି ମ୍ୟାଚ୍‌ରେ ଚିତ୍ରକୁଟ ୪-୦ ଗୋଲ୍‌ରେ ରାଇଜିଂ ଷ୍ଟାର୍ ଜୟପୁରକୁ ପରାସ୍ତ କରି ବିଜୟ ହାସଲ କରିଛି। ଦ୍ୱିତୀୟ ମ୍ୟାଚ୍ ଉମରକୋଟ ଏସଆରଏମ ସହିତ ଲକି-୧୧, ମୁଣ୍ଡାଗୁଡ଼ା ମଧ୍ୟରେ ଅନୁଷ୍ଠିତ ହୋଇଥିଲା।



# ଭାରତ ବିପକ୍ଷ ଟି-ଟ୍ୱେଣ୍ଟି ସିରିଜ୍ ପାଇଁ ନ୍ୟୁଜିଲାଣ୍ଡର ଟିମ୍ ଘୋଷଣା

**ନୂଆଦିଲ୍ଲୀ**

ଭାରତ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ପାଇଁ ନ୍ୟୁଜିଲାଣ୍ଡ ଦଳ ଘୋଷଣା କରିଛି। ନ୍ୟୁଜିଲାଣ୍ଡ ୧୬ ଜଣିଆ ଶକ୍ତିଶାଳୀ ଦଳ ଘୋଷଣା କରିଛି କିୱି ଟିମ୍। ଯାହାର ନେତୃତ୍ୱ ମିଚେଲ ସାଣ୍ଟନରଙ୍କ କାନ୍ଧରେ ରହିଛି। ଅକ୍ଟୋବରରେ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଟି-୨୦ ସିରିଜ୍ ଖେଳାଯିବ। ଏହି ସିରିଜ୍ ପାଇଁ ଭାରତୀୟ ଦଳ ନ୍ୟୁଜିଲାଣ୍ଡ ଗସ୍ତରେ ଯିବ। ଏହି ସିରିଜ୍ ଅକ୍ଟୋବର ୨୨ରୁ ଆରମ୍ଭ ହେବ। ଯେଉଁଥିରେ ଦ୍ରୁତ ବୋଲର ଆଡାମ୍ ମିଲନେ ପ୍ରତ୍ୟାବର୍ତ୍ତନ କରିଛନ୍ତି। ପ୍ରାୟ ଏକ ବର୍ଷ ଧରି ଅନ୍ତର୍ଜାତୀୟ କ୍ରିକେଟ୍ ଠାରୁ ଦୂରରେ ରହିବା ପରେ ମିଲେନ୍ କିୱି ଦଳକୁ ଫେରିଛନ୍ତି।

ନ୍ୟୁଜିଲାଣ୍ଡ ଦ୍ୱାରା ଚୟନ କରାଯାଇଥିବା ୧୬ ଜଣ ଖେଳାଳିଙ୍କ ମଧ୍ୟରୁ ୧୩ ଜଣ ସମାନ, ଯେଉଁମାନେ ଚଳିତ ବର୍ଷ ଟି-୨୦ ବିଶ୍ୱକପ୍ ଦଳରେ ଥିଲେ। ସ୍ପିନ୍ ଅଲରାଉଣ୍ଡର ମାଇକେଲ୍ ବ୍ରେସ୍‌ୱେଲ୍ ଏବଂ ଦ୍ରୁତ ବୋଲର ଆଡାମ୍ ମିଲନ୍ ଆହତ କାରଣରୁ ଟି-୨୦ ବିଶ୍ୱକପ୍ ଖେଳିପାରିନଥିଲେ। ଭାରତ ବିପକ୍ଷ ଟି-୨୦ ସିରିଜ୍‌ରେ ରଚିନ ରବୀନ୍ଦ୍ର ନ୍ୟୁଜିଲାଣ୍ଡ ଦଳରୁ ବାଦ୍ ପଡ଼ିଛନ୍ତି। ଏହା ପଛର କାରଣ ତାଙ୍କ ଆଘାତ ବୋଲି କୁହାଯାଉଛି। ବେନ୍ ସିୟର୍ସ ମଧ୍ୟ ଗୋଇଠିରେ ଆଘାତ ହେତୁ ଭାରତ ବିପକ୍ଷ ଘରୋଇ ଟି-୨୦ ସିରିଜ୍ ପାଇଁ ଦଳରେ ସ୍ଥାନ ପାଇପାରି ନାହାନ୍ତି।



ନ୍ୟୁଜିଲାଣ୍ଡ ଗସ୍ତରେ ଖେଳାଯାଇଥିବା ୧୨ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ର ଏହି ୫ଟି ମ୍ୟାଚ୍ ରହିଛି। ଏହି ୧୨ଟି ମ୍ୟାଚରେ ୫ଟି ଟି-୨୦ ବ୍ୟତୀତ ୫ଟି ଦିନିକିଆ ଓ ୨ଟି ଟେଷ୍ଟ ମ୍ୟାଚ୍ ଖେଳିବ। ଟି-୨୦ ସିରିଜ୍ ପରେ ନ୍ୟୁଜିଲାଣ୍ଡ ଗସ୍ତରେ ଦିନିକିଆ ସିରିଜ୍ ଖେଳାଯିବ। ଶେଷରେ ୨ଟି ପରୀକ୍ଷା ହେବ।

ଭାରତ-ନ୍ୟୁଜିଲାଣ୍ଡ ମ୍ୟାଚ୍ ଅକ୍ଟୋବରରେ ଭାରତୀୟ ଦଳ ନ୍ୟୁଜିଲାଣ୍ଡ ଗସ୍ତରେ ଯିବ। ଅକ୍ଟୋବର ୨୨ରୁ ନଭେମ୍ବର ୧ ପର୍ଯ୍ୟନ୍ତ ଦୁଇ ଦଳ ମଧ୍ୟରେ ୫ଟି ମ୍ୟାଚ୍ ଖେଳାଯିବ। ପ୍ରଥମ ଦୁଇଟି ଟି-୨୦ ମ୍ୟାଚ୍ ଖ୍ରୀଷ୍ଟଚର୍ଚ୍ଚରେ ଖେଳାଯିବ ଏବଂ ତୃତୀୟ ମ୍ୟାଚ୍ ୱେଲିଂଟନରେ ଖେଳାଯିବ। ଉଭୟ ଦଳ ଚତୁର୍ଥ ମ୍ୟାଚ୍ ପାଇଁ ଅକଲ୍ୟାଣ୍ଡରେ ଖେଳିବେ ଏବଂ ତା'ପରେ ସିରିଜର ଶେଷ ମ୍ୟାଚ୍ ନଭେମ୍ବର ୧ରେ ହାମିଲଟନରେ ଖେଳାଯିବ।

ଅକ୍ଟୋବର ୨୨- ପ୍ରଥମ ଟି-୨୦ - ଭାରତ ବନାମ ନ୍ୟୁଜିଲାଣ୍ଡ।
ଅକ୍ଟୋବର ୨୪- ଭାରତ ବନାମ ନ୍ୟୁଜିଲାଣ୍ଡ ଦ୍ୱିତୀୟ ଟି-୨୦।
ଅକ୍ଟୋବର ୨୭- ତୃତୀୟ ଟି-୨୦ - ଭାରତ ବନାମ ନ୍ୟୁଜିଲାଣ୍ଡ।
ଅକ୍ଟୋବର ୩୦ - ଚତୁର୍ଥ ଟି-୨୦ - ଭାରତ ବନାମ ନ୍ୟୁଜିଲାଣ୍ଡ।
ନଭେମ୍ବର ୧ - ପଞ୍ଚମ ଟି-୨୦ - ଭାରତ ବନାମ ନ୍ୟୁଜିଲାଣ୍ଡ।

ନ୍ୟୁଜିଲାଣ୍ଡ ଟି-୨୦ ଟିମ୍ ବନାମ ଟିମ୍ ଇଣ୍ଡିଆ : ନ୍ୟୁଜିଲାଣ୍ଡ ଦଳ : ମିଚେଲ ସାଣ୍ଟନର୍ (ଅଧିନାୟକ), ଫିନ୍ ଆଲେନ୍, ମାଇକେଲ୍ ବ୍ରେସୱେଲ୍, ମାର୍କ ଚାପମ୍ୟାନ୍, ଡେଭନ୍ କନୱେ, ଜାକବ ଡଫି, ଲୋକି ଫର୍ଗୁସନ୍, ଜାକ୍ ଫୋକ୍ସ, ମ୍ୟାଟ୍ ହେନରୀ, କାଇଲ୍ ଜେମିସନ୍, ଆଡାମ ମିଲନେ, ଡାରିଲ୍ ମିଚେଲ୍, ଗ୍ଲେନ୍ ଫିଲିପ୍ସ, ଟିମ୍ ସେଫର୍ଟ, ନାଥନ୍ ସ୍ମିଥ୍।

32 YEARS

ସମ୍ବାଦ କଳିଙ୍ଗ

ଭୁବନେଶ୍ୱର, ୨୪ ସେପ୍ଟେମ୍ବର, ୨୦୨୬ ଗୁରୁବାର





## ବିଜେପି ବିଭିନ୍ନ ରାଜ୍ୟ ପାଇଁ ପ୍ରଭାରୀ ଓ ସହପ୍ରଭାରୀ ଘୋଷଣା କଲା

# ଓଡିଶା ପାଇଁ ପୁରନ୍ଦେଶ୍ୱରୀ ପ୍ରଭାରୀ ଓ ଡ ସ୍ୱଦେଶ ସିଂହ ସହ ପ୍ରଭାରୀ ନିଯୁକ୍ତ

**ନୂଆଦିଲ୍ଲୀ :** ଭାରତୀୟ ଜନତା ପାର୍ଟି (ବିଜେପି) ନବନିଯୁକ୍ତ ଜାତୀୟ ମହାସଚିବ ସ୍ମୃତି ଇରାନୀଙ୍କୁ ହରିୟାଣା ଏବଂ ଦାଦ୍ରା ନଗର ହାଭେଲୀର ପ୍ରଭାରୀ, ବିନୋଦ ତାୱଡେଙ୍କୁ ଉତ୍ତରପ୍ରଦେଶ, ସତୀଶ ପୁନିଆଙ୍କୁ ପଞ୍ଜାବ ଓ ଜମ୍ମୁ-କଶ୍ମୀର ଏବଂ ବିପ୍ଳବ ଦେବଙ୍କୁ ମଧ୍ୟପ୍ରଦେଶର ପ୍ରଭାରୀ ନିଯୁକ୍ତ କରିଛି। ଅଗଷ୍ଟରେ ଜାତୀୟ ପଦାଧିକାରୀଙ୍କ ନିଯୁକ୍ତିର ଏକ ମାସ ପରେ ବୁଧବାର ଦଳ ପକ୍ଷରୁ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ନୂତନ ପ୍ରଭାରୀ ଓ ସହପ୍ରଭାରୀଙ୍କ ଘୋଷଣା କରାଯାଇଛି। ବିଜେପି ଅଧ୍ୟକ୍ଷ ନିତିନ ନବୀନଙ୍କ ଅନୁମୋଦନ ପରେ ଏହି ନିଯୁକ୍ତିଗୁଡ଼ିକ ତତ୍କାଳ ପ୍ରଭାବରେ ଲାଗୁ ହୋଇଛି। ଦଳର ଜାତୀୟ ମୁଖ୍ୟାଳୟ ପ୍ରଭାରୀ ତଥା ରାଜ୍ୟସଭା ସାଂସଦ ତରୁଣ ଚୁଘ ଏଠାରେ ଏକ ବିଜ୍ଞପ୍ତି ମାଧ୍ୟମରେ ନୂତନ ତାଲିକା ଜାରି କରିଛନ୍ତି। ତାଲିକା ଅନୁଯାୟୀ, ଦିଲ୍ଲୀର ପ୍ରଭାରୀ ଭାବେ ବିନୟ ସହସ୍ରବୁଦ୍ଧେଙ୍କୁ ନିଯୁକ୍ତ କରାଯାଇଥିବାବେଳେ ଜାମୟାଙ୍ଗ ସେରିଙ୍ଗ ନାମଗ୍ୟାଲ ଓ ଦର୍ଶନା ବେନ୍ ଜରଦୋଶଙ୍କୁ ସହପ୍ରଭାରୀ କରାଯାଇଛି। ଗୁଜରାଟର ପ୍ରଭାରୀ ଭାବେ ତରୁଣ ଚୁଘ ଏବଂ ସହପ୍ରଭାରୀ ଭାବେ ଅଜୟ ମହାୱର ଓ ଗୋମତୀ ସାଇଙ୍କୁ ଦାୟିତ୍ୱ ଦିଆଯାଇଛି। ହରିୟାଣାରେ ସ୍ମୃତି ଇରାନୀଙ୍କୁ ପ୍ରଭାରୀ ଏବଂ ଭୋଲା ସିଂହଙ୍କୁ ସହପ୍ରଭାରୀ କରାଯାଇଛି। ଛତିଶଗଡ଼ରେ ମଧ୍ୟ ସ୍ମୃତି ଇରାନୀଙ୍କୁ ପ୍ରଭାରୀ ଏବଂ ସିଦ୍ଧାର୍ଥ ଶମ୍ଭୁଙ୍କୁ ସହପ୍ରଭାରୀ ଦାୟିତ୍ୱ ଦିଆଯାଇଛି। ଉତ୍ତରପ୍ରଦେଶର ପ୍ରଭାରୀ ବିନୋଦ ତାୱଡେ ହୋଇଥିବାବେଳେ ଜଗଦୀଶ ପଟେଲ, ମେଧା କୁଲକର୍ଣ୍ଣୀ, ପ୍ରଦୀପ ବର୍ମା ଓ ଅନନ୍ତ ଓଝାଙ୍କୁ ସହପ୍ରଭାରୀ ନିଯୁକ୍ତ କରାଯାଇଛି। ମହାରାଷ୍ଟ୍ରର ପ୍ରଭାରୀ ଭାବେ ବୈଜୟନ୍ତ ଜୟ ପଣ୍ଡାଙ୍କୁ ଏବଂ ସହପ୍ରଭାରୀ ଭାବେ ଅମିତ ମାଲବୀୟ, ସଦାନନ୍ଦ ଶେଟ୍ ତାନାୱଡେ ଓ କମଲଜିତ ସହରାୱତଙ୍କୁ ନିଯୁକ୍ତ କରାଯାଇଛି। ରାଜସ୍ଥାନର ପ୍ରଭାରୀ ସଞ୍ଜୟ ଭାଟିଆ ହୋଇଥିବାବେଳେ କବିତା ପାଟିଦାର ଓ କୁଲଜିତ ଚହଲଙ୍କୁ ସହପ୍ରଭାରୀ କରାଯାଇଛି। କର୍ଣ୍ଣାଟକର ପ୍ରଭାରୀ ଭାବେ ହରିଶ ଦ୍ୱିବେଦୀ, କେରଳର ପ୍ରଭାରୀ ଭାବେ ପ୍ରଫେସର ଏମ୍. ନାଗରାଜ, ମଧ୍ୟପ୍ରଦେଶର ପ୍ରଭାରୀ ଭାବେ ବିପ୍ଳବ କୁମାର ଦେବ, ଓଡ଼ିଶାର ପ୍ରଭାରୀ ଭାବେ ଡି. ପୁରନ୍ଦେଶ୍ୱରୀ, ସହ ପ୍ରଭାରୀ ଭାବେ ସ୍ୱଦେଶ ସିଂହ ପଞ୍ଜାବ ଓ ଜମ୍ମୁ-କଶ୍ମୀରର ପ୍ରଭାରୀ ଭାବେ ଡ. ସତୀଶ ପୁନିଆ ଏବଂ ପଶ୍ଚିମବଙ୍ଗ ଓ ତେଲଙ୍ଗାନାର ପ୍ରଭାରୀ ଭାବେ ସୁନୀଲ ବଂସଲଙ୍କୁ ନିଯୁକ୍ତ କରାଯାଇଛି। ଜମ୍ମୁ-କଶ୍ମୀରର ସହପ୍ରଭାରୀ ଭାବେ ରୀନା କଶ୍ୟପଙ୍କୁ ଦାୟିତ୍ୱ ଦିଆଯାଇଛି। ଆନ୍ଧ୍ରପ୍ରଦେଶର ପ୍ରଭାରୀ ଭାବେ ଅରବିନ୍ଦ ଭଦୌରିଆ ଏବଂ ସହପ୍ରଭାରୀ ଭାବେ ବନଥୀ ଶ୍ରୀନିବାସନଙ୍କୁ ନିଯୁକ୍ତ କରାଯାଇଛି। ଆସାମର ପ୍ରଭାରୀ ମଙ୍ଗଳ ପାଣ୍ଡେ ହୋଇଥିବାବେଳେ ଫାଙ୍ଗନୋନ କୋନ୍ୟାକ ଓ ମନୋଜ ଟିଗ୍ଗାଙ୍କୁ ସହପ୍ରଭାରୀ କରାଯାଇଛି। ବିହାରର ପ୍ରଭାରୀ ହରିଶ ଦ୍ୱିବେଦୀ ଏବଂ ସହପ୍ରଭାରୀ ଭାବେ ସଙ୍ଗୀତା ଯାଦବ ଓ ରୋହନ ଗୁପ୍ତାଙ୍କୁ ନିଯୁକ୍ତ କରାଯାଇଛି। ଉତ୍ତରାଖଣ୍ଡର ପ୍ରଭାରୀ ଭାବେ ରାମ ମାଧବ ଏବଂ ସହପ୍ରଭାରୀ ଭାବେ ଅରବିନ୍ଦ ମେନନ ଓ ବାଂଶୁରୀ ସ୍ୱରାଜଙ୍କୁ ଦାୟିତ୍ୱ ଦିଆଯାଇଛି। ତେଲଙ୍ଗାନାର ପ୍ରଭାରୀ ସୁନୀଲ ବଂସଲ ଏବଂ ସହପ୍ରଭାରୀ ଅଭୟ ପାଟିଲ ଓ ରେଖା ଶର୍ମା ହୋଇଛନ୍ତି। ହିମାଚଳ ପ୍ରଦେଶର ପ୍ରଭାରୀ ଭାବେ ଶ୍ରୀକାନ୍ତ ଶର୍ମା ଏବଂ ସହପ୍ରଭାରୀ ଭାବେ ଦର୍ଶନା ସିଂହଙ୍କୁ ନିଯୁକ୍ତ କରାଯାଇଛି। ଏହାବ୍ୟତୀତ ଜୟ ପ୍ରକାଶଙ୍କୁ ଆଣ୍ଡାମାନ ଓ ନିକୋବରର, ଦେବେଶ କୁମାରଙ୍କୁ ଅରୁଣାଚଳ ପ୍ରଦେଶର, ମହେନ୍ଦ୍ର ପାଣ୍ଡେଙ୍କୁ ଚଣ୍ଡିଗଡ଼ର ଏବଂ ବର୍ଷାବେନ ନରେନ୍ଦ୍ରଭାଇ ଦୋଶୀଙ୍କୁ ଦାଦ୍ରା ନଗର ହାଭେଲୀ ଓ ଦମନ-ଦୀଉର ପ୍ରଭାରୀ କରାଯାଇଛି। ଗୋଆର ପ୍ରଭାରୀ ଭାବେ ଡ. ଭାରତୀ ପ୍ରବୀଣ ପୱାର ଏବଂ ସହପ୍ରଭାରୀ ଭାବେ ଅନିଲ ଆଣ୍ଟୋନୀଙ୍କୁ ଦାୟିତ୍ୱ ଦିଆଯାଇଛି। ଝାଡ଼ଖଣ୍ଡର ପ୍ରଭାରୀ ଭାବେ ଗଜେନ୍ଦ୍ର ପଟେଲ, କର୍ଣ୍ଣାଟକର ପ୍ରଭାରୀ ଭାବେ ହରିଶ ଦ୍ୱିବେଦୀ, ଲଦାଖର ପ୍ରଭାରୀ ଭାବେ ରାଜକୁମାର ଭାଟିଆ ଏବଂ ଲକ୍ଷଦ୍ୱୀପର ପ୍ରଭାରୀ ଭାବେ ଜର୍ଜ କୁରିଆନଙ୍କୁ ନିଯୁକ୍ତ କରାଯାଇଛି।

# ଗଳ୍ପ ସଂକଳନ 'ଅମରେଶର ପ୍ରେମିକାମାନେ' ଓ କବିତା ପୁସ୍ତକ 'ଜୀବନ ଛନ୍ଦ' ଉନ୍ମୋଚିତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ** କାହାଣୀରେ ପ୍ରେମ ଉତ୍ତରିତ ସ୍ତରକୁ ଚାଲିଗଲେ, ପାଠକକୁ ପ୍ରେମଗପ ପଢ଼ିବାକୁ ଭଲ ଲାଗେ। କଥାକାର ତଥା ବରିଷ୍ଠ ସାମ୍ବାଦିକ ଅମରେଶ ବିଶ୍ୱାଳଙ୍କ ପ୍ରେମଗପ ଗୁଡ଼ିକରେ, ପ୍ରେମର ଏକ ନିଆରା ପରିବେଶକୁ ସଂଚରି ଯାଇଥାଏ। ଏହା ସାଧାରଣ ଘଟଣାକୁ ଅଧିକ ଶୈଳୀଯୁକ୍ତ କରିପକାଏ। 'ମଧୁଲିତା ପ୍ରକାଶନୀ' ତରଫରୁ ପ୍ରକାଶିତ ଦୁଇଟି ପୁସ୍ତକ ଓ 'ମଧୁଲିତା' ପତ୍ରିକାର ବିଶେଷ ସଂଖ୍ୟା ଉନ୍ମୋଚନ ଉତ୍ସବରେ ଅତିଥିମାନେ ଏହିପରି ମତବ୍ୟକ୍ତ କରିଛନ୍ତି। ଭୁବନେଶ୍ୱରର ବୁଦ୍ଧ ମନ୍ଦିର ପରିସରରେ 'ମଧୁଲିତା ପ୍ରକାଶନୀ' ତରଫରୁ ଏକ ବିଶେଷ ପୁସ୍ତକ ଉନ୍ମୋଚନ ପର୍ବ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ କବି ତଥା ସ୍ତମ୍ଭକାର ନିରାକାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ ପ୍ରସିଦ୍ଧ ସାହିତ୍ୟିକ, ଶିଶୁ ଲେଖକ ତଥା ସ୍ତମ୍ଭକାର ଦାଶ ବେନହୁର। ତାଙ୍କ ସହିତ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ ଭୋଗରାଇ ବିଧାୟକ, ବରିଷ୍ଠ ସାମ୍ବାଦିକ ଓ କଥାକାର ଗୌତମବୁଦ୍ଧ ଦାସ। ସେହିପରି ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ ଦୂରଦର୍ଶନ ସମ୍ବାଦ ପାଠିକା ତଥା ଲେଖିକା କଳ୍ପନା ମିଶ୍ର। ମୁଖ୍ୟଅତିଥି ଦାଶ ବେନହୁର କହିଥିଲେ, ଅମରେଶଙ୍କ କାହାଣୀ ଗୁଡ଼ିକରେ ପ୍ରେମ ଏକ ଉତ୍ତରିତ ସ୍ତରକୁ ଯାଇପାରିଛି। ସେ ବର୍ଣ୍ଣନା କରିଥିବା ପ୍ରେମ, ଆମ ସମୟର ଚିରାଚରିତ ପ୍ରେମ ନୁହେଁ, ତାହା ଦେହଠାରୁ ଉପରକୁ ଉଠିଯାଇଛି। ତାଙ୍କ ଗପଗୁଡ଼ିକର କାହାଣୀ ସଂକ୍ଷିପ୍ତ, କିନ୍ତୁ ଗଳ୍ପ କହିବାର ଶୈଳୀ ଏତେ ଆକର୍ଷଣୀୟ ଯେ, ତାହା ପାଠକକୁ ବାନ୍ଧି ରଖେ। ସେହିପରି ମୁଖ୍ୟବକ୍ତା ତଥା ଭୋଗରାଇ ବିଧାୟକ, ବରିଷ୍ଠ ସାମ୍ବାଦିକ ଓ ଲେଖକ ଗୌତମବୁଦ୍ଧ ଦାସ, ଅମରେଶଙ୍କ କାହାଣୀର କିଛି ନିର୍ଦ୍ଦିଷ୍ଟ ଦିଗ ସଂପର୍କରେ ଆଲୋକପାତ କରିଥିଲେ। ସେ କହିଥିଲେ, ଅମରେଶଙ୍କ କାହାଣୀ କହିବାର ଶୈଳୀ ଅତି ଚମତ୍କାର। ଏହି ଅବସରରେ ଅମରେଶ ବିଶ୍ୱାଳଙ୍କ ପୁସ୍ତକର ସମୀକ୍ଷା କରିଥିଲେ ଜଣାଶୁଣା ଅର୍ଥନୀତି ବିଶାରଦ ତଥା କବି ମନୋରଂଜନ ଷଡ଼ଙ୍ଗୀ। ସୁଜାତା ମହାନ୍ତିଙ୍କ କବିତା ପୁସ୍ତକ 'ଜୀବନ ଛନ୍ଦ'ର ସମୀକ୍ଷା କରିଥିଲେ ପ୍ରସିଦ୍ଧ ଟେଲିଭିଜନ ଉପସ୍ଥାପକ କେପି। ଏହି ଅବସରରେ ଭାଷାବିତ ଡ. ଦେବାଶିଷ ମହାପାତ୍ର, ବରିଷ୍ଠ ସାମ୍ବାଦିକ ଅପୂର୍ବ ମହାନ୍ତି, ଲେଖକ ତଥା ବରିଷ୍ଠ ପ୍ରଶାସନିକ ଅଧିକାର ଅଶୋକ ବେହେରା ପ୍ରକାଶିତ ପୁସ୍ତକ ଓ ମଧୁଲିତା ପତ୍ରିକା ସଂପର୍କରେ ତାଙ୍କର ମତ ରଖିଥିଲେ। ସଂପାଦିକା ମଧୁଲିତା ପରିଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରାକ୍ତନ ବିଧାୟକ ନାରାୟଣ ରେଡି ବହି ଉନ୍ମୋଚନରେ ମଞ୍ଚରେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ବିଧାୟକ ସିଦ୍ଧାର୍ଥ ଶଙ୍କର ଭରଦ୍ୱାଜ, ବିଶିଷ୍ଟ କବି ରକ୍ଷକ ନାୟକ, ଚିତ୍ରଶିଳ୍ପୀ ତଥା ସାହିତ୍ୟିକ ରମାକାନ୍ତ ସାମନ୍ତରାୟ,କବି ପବିତ୍ର ପ୍ରଧାନ, ପ୍ରମୋଦ ପଣ୍ଡା,କବି ବାଦଲ ମହାନ୍ତି,'ଶ୍ରୀ'ର ସଂପାଦକ କୃଷ୍ଣ ନାୟକ,ଯୁଗପ୍ରବର୍ତ୍ତକର ସଂପାଦକ ରାଜେନ୍ଦ୍ର ବର୍ମା,ପ୍ରାଚୀତାରା ସଂପାଦିକା ହରପ୍ରିୟା ମହାନ୍ତିଙ୍କ ସମେତ ବହୁ କବି,ଲେଖକ ଓ ସାମ୍ବାଦିକ ଯୋଗଦାନ କରିଥିଲେ।




# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଏକମାତ୍ର ନୀତ...

ନବରଙ୍ଗପୁର ଓ କଳାହାଣ୍ଡିକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଇଥିବା ବେଳେ, ନୂଆପଡ଼ା, ବଲାଙ୍ଗିର, କନ୍ଧମାଳ, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ରେ ଜିଲ୍ଲା ପ୍ରଶାସନ ତଥା ରାଜସ୍ୱ ବିଭାଗ ପକ୍ଷରୁ ସମସ୍ତ ଆବଶ୍ୟକ ପ୍ରସ୍ତୁତି କରାଯାଇଛି। ଜିଲ୍ଲା ଓ ବ୍ଲକ୍ ଆପାତକାଳୀନ କାର୍ଯ୍ୟ କେନ୍ଦ୍ରଗୁଡ଼ିକୁ ୨୪ ଘଣ୍ଟିଆ କାର୍ଯ୍ୟରତ ରଖିବା, ସମ୍ବେଦନଶୀଳ ବସତି ଚିହ୍ନଟ କରିବା, ଆଶ୍ରୟସ୍ଥଳ ପ୍ରସ୍ତୁତ ରଖିବା ଏବଂ ଶୁଖିଲା ଖାଦ୍ୟ, ଶିଶୁ ଖାଦ୍ୟ, ପାନୀୟ ଜଳ ଓ ପରିଷ୍କାରତା ସାମଗ୍ରୀ ମହଜୁଦ ରଖିବା ଉପରେ ଗୁରୁତ୍ୱ ଦିଆଯାଇଛି। ଓଡ୍ରାଫ୍, ଏନ୍‌ଡିଆରଏଫ୍ ଓ ଅଗ୍ନିଶମ ସେବା ଦଳକୁ ପୂର୍ବରୁ ମୁତୟନ ଓ ସଜ ରଖାଯାଇଥିବା ବେଳେ ଉଦ୍ଧାର ନୌକା, ଲାଇଫ୍ ଜାକେଟ୍ ଓ ପାୱାର ବୋଟ୍ ମଧ୍ୟ ପ୍ରସ୍ତୁତ ରଖାଯାଇଛି। ଜଳସମ୍ପଦ ବିଭାଗ ପକ୍ଷରୁ ନଦୀ ଓ ଜଳାଶୟର ଜଳସ୍ତର ନିରନ୍ତର ନୀରିକ୍ଷଣ, ସମ୍ବେଦନଶୀଳ ବନ୍ଧ ସ୍ଥାନଗୁଡ଼ିକର ପରୀକ୍ଷା ଏବଂ ଆବଶ୍ୟକସ୍ଥଳେ ନିୟନ୍ତ୍ରିତ ଜଳମୁକ୍ତି ପାଇଁ ସମନ୍ୱୟ କରାଯାଉଛି। ସହରାଞ୍ଚଳରେ ଡ୍ରେନେଜ୍ ବ୍ୟବସ୍ଥା ନୀରିକ୍ଷଣ, ନିମ୍ନାଞ୍ଚଳ ଅଣ୍ଡରପାସ୍‌ରେ ଡି-ୱାଟରିଂ ପମ୍ପ ମୁତୟନ ଏବଂ ଆବଶ୍ୟକସ୍ଥଳେ ଟ୍ରାଫିକ୍ ଡାଇଭର୍ସନ୍ ପାଇଁ ମଧ୍ୟ ପ୍ରସ୍ତୁତି ରହିଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ , ପଞ୍ଚାୟତିରାଜ ଓ ପାନୀୟ ଜଳ, ଶକ୍ତି , ବାଣିଜ୍ୟ ଓ ପରିବହନ, ନିର୍ମାଣ , କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପଶୁସମ୍ପଦ ବିଭାଗକୁ ମଧ୍ୟ ଆବଶ୍ୟକ ପ୍ରସ୍ତୁତି ସହ ସଜାଗ ରହିବାକୁ କୁହାଯାଇଛି। ରାଜ୍ୟ ଓ ଜିଲ୍ଲା ସ୍ତରରେ ସ୍ଥିତିର ରିଅଲ୍-ଟାଇମ୍ ନିରୀକ୍ଷଣ କରାଯାଉଥିବା ବେଳେ ଭାରି ବର୍ଷା, ଜଳବନ୍ଦୀ, ଆଶ୍ରୟସ୍ଥଳ, ବିଦ୍ୟୁତ୍ ଓ ପାନୀୟ ଜଳ ଯୋଗାଣ, ଉଦ୍ଧାରକାରୀ ଦଳର ମୁତୟନ ଏବଂ ଜଳାଶୟର ସଂରକ୍ଷଣ ସ୍ଥିତି ଉପରେ ନିରନ୍ତର ନଜର ରଖାଯାଉଛି। ସୂଚନା ଯୋଗ୍ୟ ଯେ, ପଶ୍ଚିମ-କେନ୍ଦ୍ରୀୟ ଏବଂ ସଂଲଗ୍ନ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଗଭୀର ଅବପାତ ଗତ ୬ ଘଣ୍ଟା ମଧ୍ୟରେ ଘଣ୍ଟାପ୍ରତି ୧୨ କିଲୋମିଟର ବେଗରେ ପଶ୍ଚିମ ଦିଗକୁ ଗତି କରିଛି। ବୁଧବାର ସକାଳ ୫:୩୦ ଘଣ୍ଟା ସୁଦ୍ଧା ଏହା ଗୋପାଳପୁରଠାରୁ ୧୫୦ କିଲୋମିଟର ଦକ୍ଷିଣ ଦିଗରେ ରହିଛି। ଏହି ଗଭୀର ଅବପାତ ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି କରି ବୁଧବାର ରାତି ସୁଦ୍ଧା ବିଶାଖାପାଟଣା ଓ ଗୋପାଳପୁର ମଧ୍ୟରେ, କଳିଙ୍ଗପଟ୍ଟନମ ନିକଟରେ ଉତ୍ତର ଆନ୍ଧ୍ରପ୍ରଦେଶ-ଦକ୍ଷିଣ ଓଡ଼ିଶା ଉପକୂଳ ଅତିକ୍ରମ କରିବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ରାଜ୍ୟର ଅନେକ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି। ଏଥିପାଇଁ ରାୟଗଡ଼ା, କୋରାପୁଟ, ଗଜପତି ଓ ଗଞ୍ଜାମ ପାଇଁ ରେଡ୍ ୱାର୍ଣ୍ଣିଂ ଜାରି ହୋଇଛି। ଏହି ଜିଲ୍ଲାଗୁଡ଼ିକରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସହ ଘଣ୍ଟା ପ୍ରତି ୫୦-୬୦ କିମି ବେଗରେ ପବନ ଏବଂ ଝଟକା ପବନ ଘଣ୍ଟା ପ୍ରତି ୭୦ କିମି ପର୍ଯ୍ୟନ୍ତ ହୋଇପାରେ। ସେହିପରି, ନୂଆପଡ଼ା, ବଲାଙ୍ଗିର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ମାଲକାନଗିରି, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଏବଂ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ସୁବର୍ଣ୍ଣପୁର ଓ ବୌଦ୍ଧ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି।

## ମନ୍ଥର ଗତିରେ...

ପରିମାଣ ଅଧିକ ରହିବା ସହ ଏହାର ପ୍ରଭାବ ଦୀର୍ଘ ସମୟ ଧରି ଅନୁଭୂତ ହେବା ଆଶଙ୍କା ରହିଛି।ଆଇଏମଡି ଡିଜିଙ୍କ ସୂଚନା ଅନୁଯାୟୀ, ଗଭୀର ଅବପାତକୁ ଉପକୂଳ ଛୁଇଁବା ପାଇଁ ଆହୁରି ପ୍ରାୟ ୭ ଘଣ୍ଟା ସମୟ ଲାଗିପାରେ। ବୁଧବାର ରାତିରେ ଏହା କଳିଙ୍ଗପଟ୍ଟନମ ନିକଟରେ ଉପକୂଳ ଅତିକ୍ରମ କରିବାର ସମ୍ଭାବନା ରହିଛି। ଉପକୂଳ ଅତିକ୍ରମ ସମୟରେ ଏହାର ପ୍ରଭାବରେ ପ୍ରବଳ ବର୍ଷା ସହ ପବନର ବେଗ ବୃଦ୍ଧି ପାଇପାରେ।ଗଭୀର ଅବପାତର ପ୍ରଭାବ ସମଗ୍ର ଦକ୍ଷିଣ ଓଡ଼ିଶା ଉପରେ ରହିବ। ବିଶେଷକରି ଗଜପତି, ଗଞ୍ଜାମ, କୋରାପୁଟ, ରାୟଗଡ଼ା, ମାଲକାନଗିରି ଓ ନବରଙ୍ଗପୁର ଭଳି ଦକ୍ଷିଣ ଓଡ଼ିଶାର ଜିଲ୍ଲାଗୁଡ଼ିକରେ ବର୍ଷାର ପ୍ରଭାବ ଅଧିକ ରହିବା ଆଶଙ୍କା କରାଯାଉଛି। ମନ୍ଥର ଗତି ଯୋଗୁଁ ଅନେକ ସ୍ଥାନରେ ଦୀର୍ଘ ସମୟ ଧରି ବର୍ଷା ହୋଇପାରେ।ଅତିବର୍ଷା ଯୋଗୁଁ ତଳିଆ ଅଞ୍ଚଳରେ ପାଣି ଜମିବା ସହ ନଦୀନାଳର ଜଳସ୍ତର ବୃଦ୍ଧି ପାଇବାର ଆଶଙ୍କା ରହିଛି। ପାହାଡ଼ିଆ ଅଞ୍ଚଳରେ ଭୂସ୍ଖଳନ ଓ ଯାତାୟାତରେ ବାଧା ସୃଷ୍ଟି ହୋଇପାରେ। ଏହାକୁ ନଜରରେ ରଖି ପ୍ରଶାସନ ପକ୍ଷରୁ ମଧ୍ୟ ସତର୍କତାମୂଳକ ପଦକ୍ଷେପ ନିଆଯାଉଛି।ଗତି ମନ୍ଥର ଥିବାରୁ ବର୍ଷାର ପ୍ରଭାବ ଅଧିକ ସମୟ ରହିବା ହିଁ ଏବେ ଚିନ୍ତାର କାରଣ ହୋଇଛି।

## ହୋଇପାରିଲାନି ...

୧୦.୩୦ ମିନିଟ୍‌ରେ ଆରମ୍ଭ ହୋଇଥିଲା। ବାଚସ୍ପତିଙ୍କ ପରିବର୍ତ୍ତେ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଗୃହ ପରିଚାଳନା ପାଇଁ ଆସିଥିଲେ ଏବଂ ଏକ ପ୍ରଶ୍ନର ଉତ୍ତର ଦେବା ପାଇଁ ପ୍ରଥମେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ନାମ ଡାକିଥିଲେ। ଏହି ସମୟରେ କଂଗ୍ରେସ ବିଧାୟକମାନେ ବ୍ୟାନର ଲେଖାଥିବା ଜ୍ୟାକେଟ ପରିଧାନ କରି ଗୃହ ମଧ୍ୟକୁ ମାଡ଼ି ଆସିଥିଲେ ଏବଂ ପୋଡ଼ିୟମ ଉପରକୁ ଚଢିବାକୁ ଉଦ୍ୟମ କରିଥିଲେ। ସେମାନେ ଓଡ଼ିଶାର ସ୍ୱାର୍ଥ ସର୍ବୋପରି ଏମ୍‌ଏମ୍‌ଡିଆର ସଂଶୋଧିତ ଅଧିନିୟମ ୨୦୨୬ ରଦ୍ଦ କର ଦାବି କରି ସ୍ଲୋଗାନ ଦେଇଥିଲେ। ଅନୁରୂପ ଭାବେ ମୁଖ୍ୟ ବିରୋଧୀ ଦଳ ବିଜେଡ଼ିର ବିଧାୟକମାନେ ଗୃହ ମଝିକୁ ଆସିଥିଲେ ମଧ୍ୟ ସେମାନେ ମଧ୍ୟ ଗୃହ ମଧ୍ୟରେ ଠିଆ ହୋଇ ପୋଷ୍ଟର ପ୍ରଦର୍ଶନ କରି ପ୍ରତିବାଦ ଜଣାଇଥିଲେ। ବିଜେଡ଼ି ବିଧାୟକମାନେ ପାଠ୍ୟପୁସ୍ତକ ତ୍ରୁଟି ଘଟଣାରେ ଗଣଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି ଲେଖାଥିବା ପୋଷ୍ଟର ପ୍ରଦର୍ଶନ କରିଥିଲେ। ବିରୋଧ ପ୍ରଦର୍ଶନ ବେଳେ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବଦ୍ରି ନାରାୟଣ ପାତ୍ର, ଅଶ୍ୱିନୀ ପାତ୍ର, ବିଧାୟିକା ପ୍ରମିଳା ମଲ୍ଲିକ ଠିଆ ହୋଇଥିବା ବେଳେ ବିଧାୟିକା ବର୍ଷାସିଂ ବରିହା, ମନୋରମା ମହାନ୍ତି, ସୁଜାତା ସାହୁ, ବିଧାୟକ ସର୍ବଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ସାରଦା ପ୍ରସାଦ ଜେନା, ପ୍ରଶାନ୍ତ ବେହେରା, ଧ୍ରୁବ ଚରଣ ସାହୁ, ଯୋଗେଶ ସିଂ, ସଞ୍ଜୀବ ମଲ୍ଲିକ, ନଳିନୀ ପ୍ରଧାନ ପ୍ରମୁଖ ଏଥିରେ ସାମିଲ୍ ହୋଇଥିଲେ। ସେହିପରି କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡ଼ାମ, ବରିଷ୍ଠ ବିଧାୟକ ତାରାପ୍ରସାଦ ବାହିନୀପତି, ଅଶୋକ ଦାସ, ସି.ଏସ୍. ରାଜନ ଏକ୍କାଙ୍କ ସମେତ ବହୁ ବିଧାୟକ ସରକାରୀ ବିରୋଧୀ ସ୍ଲୋଗାନ ଦେଇଥିଲେ। ବିରୋଧୀ ଦଳ ବିଧାୟକମାନଙ୍କ ହଙ୍ଗାମା ଜାରି ଥିବାବେଳେ ଖାଦ୍ୟ ଯୋଗାଣ ଓ କୃଷି ବିଭାଗ ସମ୍ପର୍କିତ ଶାସକ ଦଳ ବିଧାୟକଙ୍କ ଦୁଇଟି ପ୍ରଶ୍ନର ଉତ୍ତର ଯଥାକ୍ରମେ କୃଷ୍ଣଚନ୍ଦ୍ର ପାତ୍ର ଓ କନକ ବର୍ଦ୍ଧନ ସିଂହଦେଓ ଦେଇଥିଲେ। ତେବେ ଗୃହରେ ହୋ ହାଲ୍ଲା, ପାଟିତୁଣ୍ଡ ଜୋରରେ ଚାଲିଥିବାରୁ ମନ୍ତ୍ରୀମାନଙ୍କ ଉତ୍ତର ସ୍ପଷ୍ଟ ହୋଇନଥିଲା। ହଙ୍ଗାମା ଜୋର ଧରିବାରୁ ଉପବାଚସ୍ପତି ଶ୍ରୀ ଭୋଇ ଗୃହକାର୍ଯ୍ୟକୁ ୧୦.୩୫ରୁ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରିଥିଲେ। ବୁଧବାର ଗୃହରେ କୃଷି ଓ କୃଷକ ସଶକ୍ତିକରଣ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ, ସମବାୟ, ଶକ୍ତି, ବୟନଶିଳ୍ପ, ହସ୍ତଶିଳ୍ପ, ହସ୍ତତନ୍ତ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ବିଜ୍ଞାନ ଓ କାରିଗରୀ ବିଭାଗ ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ପାଇଁ ନିର୍ଦ୍ଧାରିତ ହୋଇଥିଲେ ସୁଦ୍ଧା ବିରୋଧୀ ଦଳ ଉଭୟ ବିଜେଡ଼ି ଏବଂ କଂଗ୍ରେସର ଦୃଢ ପ୍ରତିବାଦ, ବିକ୍ଷୋଭ ପ୍ରଦର୍ଶନ, ହଙ୍ଗାମା ଓ ନାରାବାଜି କାରଣରୁ ତାହା ହୋଇପାରି ନଥିଲା। ହଙ୍ଗାମା ମଧ୍ୟରେ କୃଷି ବିଭାଗ ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଲିଖିତ ଉତ୍ତର ପଢିଥିଲେ। ଦ୍ୱିତୀୟାର୍ଦ୍ଧ ବୈଠକ ଅପରାହ୍ନ ୪ଟାରେ ଆରମ୍ଭ ହୋଇଥିଲା। ଉପବାଚସ୍ପତି ଶ୍ରୀ ଭୋଇ ପୁନର୍ବାର ଗୃହକାର୍ଯ୍ୟ ପରିଚାଳନା ପାଇଁ ଆସିଥିଲେ। ବୁଧବାର ଦିବସର କାର୍ଯ୍ୟସୂଚୀ ମୁତାବକ ପ୍ରଥମେ କାଗଜାତ, କମିଟି ରିପୋର୍ଟ ଉପସ୍ଥାପନ ସହ ପ୍ରସ୍ତାବ ଆଗତ ହୋଇଥିଲା। ତେବେ ବିରୋଧୀ ଦଳର ହଙ୍ଗାମା, ନାରାବାଜି ଜାରି ରହିଥିଲା। ମୁଖ୍ୟମନ୍ତ୍ରୀଙ୍କ ତରଫରୁ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡା ମୁକେଶ ମହାଲିଙ୍ଗ ଓଡ଼ିଶା ଦ୍ରବ୍ୟ ଓ ସେବାକର ଅଧିନିୟମ ସମ୍ପର୍କିତ କାଗଜ ଉପସ୍ଥାପନ କରିଥିଲେ। ସେହିପରି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମଧ୍ୟ ଓଡ଼ିଶା ଆଇନଗତ ମାପ ବିଜ୍ଞାନ (ସରକାରଙ୍କ ଦ୍ୱାରା ଅନୁମୋଦିତ ପରୀକ୍ଷଣ କେନ୍ଦ୍ର) ନିୟମାବଳୀ ୨୦୨୬ ସଂକ୍ରାନ୍ତ ଅଧିନିୟମ ଉପସ୍ଥାପନ କରିଥିଲେ। ବୁଧବାର ଗୃହରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ସରକାରୀ ବିଲ୍ ଯଥା-ଓଡ଼ିଶା ରାଜ୍ୟ ବୃତ୍ତି, ବ୍ୟାପାର, ଆଜୀବିକା ଓ ନିଯୋଜନ କର (ନିରସନ) ବିଲ୍, ୨୦୨୬ ଏବଂ ଭାରତୀୟ ଷ୍ଟାମ୍ପ (ଓଡ଼ିଶା ସଂଶୋଧନ) ବିଲ୍ ୨୦୨୬ ବିଚାର ଆଲୋଚନା ଓ ପାରିତ ହେବାର ଥିଲେ ମଧ୍ୟ ବିରୋଧୀ ଦଳର ହଙ୍ଗାମା ନାରାବାଜି ଜାରି ରହିବାରୁ ତାହା ହୋଇପାରି ନଥିଲା।

## ବିକଶିତ ଭାରତ...

ଯୋଗାଯୋଗ, ସରକାରୀ ଯୋଜନାର କାର୍ଯ୍ୟକାରିତା, ଶାସନ ବ୍ୟବସ୍ଥାରେ ସୁଧାର ଓ ପ୍ରଭାବଶାଳୀ ଯୋଗାଯୋଗ ଆଦି ପ୍ରସଙ୍ଗ ଉପରେ ଗୁରୁତ୍ୱ ଦିଆଯାଉଛି। ମନ୍ତ୍ରଣାଳୟ, ବିଭାଗ, କ୍ୟାବିନେଟ୍ ସଚିବାଳୟ ଓ ନୀତି ଆୟୋଗର କାର୍ଯ୍ୟକୁ ଏକାଠି କରି ଆଗାମୀ ନୀତି ଓ ପଦକ୍ଷେପ ନିର୍ଦ୍ଧାରଣ କରାଯିବ। ଏଭଳି ଚିନ୍ତନ ଶିବିର ୨୦୨୧ରେ ମଧ୍ୟ ଆୟୋଜିତ ହୋଇଥିଲା। ସେହି ବର୍ଷ କେନ୍ଦ୍ରୀୟ ମନ୍ତ୍ରିପରିଷଦ ସହ ମୋଟ ୫ଟି ଚିନ୍ତନ ଶିବିର ହୋଇଥିଲା। ପ୍ରଥମଟି ୧୪ ସେପ୍ଟେମ୍ବରରେ ହୋଇଥିବା ବେଳେ ଶେଷ ଶିବିର ନଭେମ୍ବରରେ ହୋଇଥିଲା। ପ୍ରତ୍ୟେକ ଅଧିବେଶନ ପ୍ରାୟ ୫ ଘଣ୍ଟା ଚାଲିଥିଲା। ଏଥିରେ ମନ୍ତ୍ରୀମାନଙ୍କ କାର୍ଯ୍ୟକ୍ଷମତା, ସମୟ ଓ ସମ୍ବଳର ଉପଯୁକ୍ତ ବ୍ୟବହାର, ଯୋଜନାର ନିରୀକ୍ଷଣ ଏବଂ ଶାସନ ବ୍ୟବସ୍ଥାରେ ସୁଧାର ଭଳି ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ପରେ ୭୭ ଜଣ ମନ୍ତ୍ରୀଙ୍କୁ ୮ଟି ଗୋଷ୍ଠୀରେ ବିଭକ୍ତ କରି ବିଭିନ୍ନ ପ୍ରଶାସନିକ ପ୍ରସଙ୍ଗରେ କାମ କରାଯାଇଥିଲା। ୨୦୨୧ରୁ 'ବିକଶିତ ଭାରତ-୨୦୪୭' ପାଇଁ ପ୍ରସ୍ତୁତି ଚାଲିଛି। ସେତେବେଳେ ବରିଷ୍ଠ ସଚିବମାନଙ୍କୁ ନେଇ ୧୦ଟି ବିଷୟଭିତ୍ତିକ ଗୋଷ୍ଠୀ ଗଠନ କରାଯାଇଥିଲା। ଦୀର୍ଘ ଓ ସ୍ୱଳ୍ପକାଳୀନ ଯୋଜନାର ରୋଡମ୍ୟାପ୍ ପ୍ରସ୍ତୁତ କରିବା ସେମାନଙ୍କ ଦାୟିତ୍ୱ ଥିଲା। ଏହାପରେ ମଧ୍ୟ 'ବିକଶିତ ଭାରତ'ର ବିଭିନ୍ନ ଦିଗ ନେଇ କ୍ୟାବିନେଟ୍‌ରେ ଏକାଧିକ ଉପସ୍ଥାପନା ଓ ଆଲୋଚନା ହୋଇଥିଲା।

## ଦୁର୍ଘଟଣାରେ ମୃତକଙ୍କ...

ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କା ଲେଖାଏଁର ସହାୟତା ଘୋଷଣା କରିଛନ୍ତି।

## ଏଫଆଇଏମଆଇର ...

ଫେଡେରେସନର ସମ୍ପର୍କକୁ ସୁଦୃଢ କରିବା ଏବଂ ଭାରତର ଖଣି ଓ ଖଣିଜ କ୍ଷେତ୍ରରେ ସ୍ଥାୟୀ ବିକାଶକୁ ତ୍ୱରାନ୍ୱିତ କରିବା ତାଙ୍କର ପ୍ରାଥମିକତା ରହିବ। ସେ ଖଣିଜ ସମ୍ପଦର ଅଧିକ ଅନ୍ୱେଷଣ, ଖଣିଜ ବ୍ଲକଗୁଡିକ ଶୀଘ୍ର କାର୍ଯ୍ୟକ୍ଷମକରଣ ତଥା ଖନନ, ଖଣିଜ ପ୍ରକ୍ରିୟାକରଣ (ବେନିଫିସିଏସନ୍) ଏବଂ ମୂଲ୍ୟଯୁକ୍ତ ଉତ୍ପାଦନ କ୍ଷେତ୍ରରେ ଆଧୁନିକୀକରଣ ଓ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ଉପରେ ମଧ୍ୟ ଗୁରୁତ୍ୱାରୋପ କରିଛନ୍ତି। ଭରତର ଖଣିଜ ସୁରକ୍ଷା, ଉତ୍ପାଦନ କ୍ଷେତ୍ରର ବିକାଶ ଏବଂ ଶକ୍ତି କ୍ଷେତ୍ରରେ ପରିବର୍ତ୍ତନ (ଏନର୍ଜି ଟ୍ରାଜିସନ୍) ପାଇଁ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥଗୁଡିକର ରଣନୀତିକ ଭୂମିକା ଉପରେ ମଧ୍ୟ ଆଲୋକପାତ କରିଛନ୍ତି। ସେ କହିଛନ୍ତି, ଏଫଆଇଏମଆଇ ନୀତିଗତ ବିଷୟଗୁଡିକ ଉପରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହ ଘନିଷ୍ଠ ଭାବେ କାର୍ଯ୍ୟ ଜାରି ରଖିବ ଏବଂ ଦେଶରେ ଏକ ଅଧିକ ପ୍ରତିଯୋଗିତାମୂଳକ, ସ୍ୱଚ୍ଛ ଓ ସ୍ଥାୟୀ ଖଣି ଇକୋସିଷ୍ଟମ ସୃଷ୍ଟି କରିବା ଉପରେ ଗୁରୁତ୍ୱ ଦେବ।

## ଋଷରୁ ତେଲ...

ଆଣିବା ସହଜ କଥା ନୁହେଁ। ଋଷ ବଦଳରେ ଅନ୍ୟ ଦେଶରୁ ଅଧିକ ତେଲ କିଣିଲେ ବିଶ୍ୱ ବଜାରରେ ତେଲ ଦର ଉପରେ ଚାପ ବଢ଼ିବ। ଋଷ ତେଲ କିଣା ବନ୍ଦ କଲେ ଆଉ ଏକ ସମସ୍ୟା ଦେଖାଦେବା ଆଶଙ୍କା ରହିଛି ବୋଲି ସୀତାରମଣ କହିଛନ୍ତି। ସେ କହିଲେ, ଦେଶର ବହୁ ତୈଳ ବିଶୋଧନାଗାର ନିର୍ଦ୍ଦିଷ୍ଟ ପ୍ରକାରର ଅଶୋଧିତ ତୈଳ ପ୍ରକ୍ରିୟାକରଣ ପାଇଁ ନିର୍ମାଣ କରାଯାଇଛି। ତେଣୁ ଗୋଟିଏ ଦେଶର ତେଲ ବଦଳରେ ଅନ୍ୟ ଦେଶର ତେଲ ଆଣିବା ପୂର୍ବରୁ ତାହା ବିଶୋଧନାଗାର ପାଇଁ ଉପଯୁକ୍ତ କି ନୁହେଁ, ତାହା ମଧ୍ୟ ବିଚାରକୁ ନେବାକୁ ପଡ଼ିବ। ଗତ ଅଗଷ୍ଟରେ ଭାରତର ଋଷ ତୈଳ ଆମଦାନି ଜୁଲାଇ ତୁଳନାରେ ୧୬.୫% ହ୍ରାସ ପାଇ ଦୈନିକ ପ୍ରାୟ ୨୧ ଲକ୍ଷ ବ୍ୟାରେଲରେ ପହଞ୍ଚିଛି। ଏହାସତ୍ତ୍ୱେ ଋଷ ଭାରତର ସର୍ବବୃହତ୍ ତୈଳ ଯୋଗାଣକାରୀ ରାଷ୍ଟ୍ର ହୋଇରହିଛି। ପ୍ରାରମ୍ଭିକ ତଥ୍ୟ ଅନୁସାରେ ସେପ୍ଟେମ୍ବରରେ ଋଷ ତେଲ ଆମଦାନି ଦୈନିକ ୧୯ ଲକ୍ଷ ବ୍ୟାରେଲକୁ ହ୍ରାସ ପାଇବା ଆଶଙ୍କା ରହିଛି। ଆମେରିକା ପକ୍ଷରୁ ରୁଷରୁ ତେଲ କିଣୁଥିବା ଦେଶଗୁଡ଼ିକ ଉପରେ ୧୦୦ ପ୍ରତିଶତ ଅତିରିକ୍ତ ଶୁଳ୍କ ଲଗାଇବା ଯୋଜନା ରହିଛି। ତାହାକୁ ଦୃଷ୍ଟିରେ ରଖି ଭାରତ ମାପିଚୁପି ଆଗକୁ ବଢୁଛି।

## ଏଲ୍ ନିନୋକୁ ...

ସ୍ଥାପନ, ହିଟ୍‌ୱେଭ୍ ସମୟରେ ହସ୍ପିଟାଲରେ ଅଧିକ କର୍ମଚାରୀ ନିୟୋଜନ ଏବଂ ବାହାରେ କାମ କରୁଥିବା ଶ୍ରମିକଙ୍କ ସୁରକ୍ଷା ଭଳି ପଦକ୍ଷେପ ନେବାକୁ ଗୁରୁତ୍ୱ ଦେଇଛନ୍ତି। ଜଳବାୟୁ ବୈଜ୍ଞାନିକଙ୍କ ମତ ଅନୁସାରେ, ପ୍ରଶାନ୍ତ ମହାସାଗରର ଟ୍ରପିକାଲ୍ ଅଞ୍ଚଳରେ ସମୁଦ୍ର ପୃଷ୍ଠର ତାପମାତ୍ରା ସ୍ୱାଭାବିକଠାରୁ ବହୁତ ଅଧିକ ହୋଇଯାଇଛି। ଏହା ଏମିତି ଏକ ସମୟରେ ଘଟୁଛି, ଯେତେବେଳେ ମାନବୀୟ କାର୍ଯ୍ୟକଳାପ ଯୋଗୁ ବିଶ୍ୱର ତାପମାତ୍ରା ପୂର୍ବରୁ ହିଁ ବଢ଼ିଛି । ଫଳରେ ଏଲ ନିନୋ ସହ ଜଡ଼ିତ ପ୍ରଭାବ ଆହୁରି ଗମ୍ଭୀର ହୋଇପାରେ।ଶିକାଗୋ ବିଶ୍ୱବିଦ୍ୟାଳୟର ପ୍ରଫେସର ତଥା କ୍ଲାଇମେଟ୍ ଇମ୍ପାକ୍ଟ ଲ୍ୟାବ୍‌ର ସହ-ପ୍ରତିଷ୍ଠାତା ମାଇକେଲ୍ ଗ୍ରୀନଷ୍ଟୋନ୍ କହିଛନ୍ତି ଯେ ୪ ଲକ୍ଷ ୫୧ ହଜାର ଲୋକଙ୍କ ସମ୍ଭାବ୍ୟ ମୃତ୍ୟୁର ଆକଳନ ଏତେ ବଡ଼ ଯେ ଏହାର ପରିମାଣ ବୁଝିବା ମଧ୍ୟ କଷ୍ଟକର । ଏହି ସଂଖ୍ୟାରେ ପରିବାରର ସଦସ୍ୟ, ଶିଶୁ, ବୟସ୍କ, ପଡ଼ୋଶୀ ଓ ସାଧାରଣ ଜୀବନ ବିତାଉଥିବା ଲୋକମାନେ ସାମିଲ ଅଛନ୍ତି ବୋଲି ସେ କହିଛନ୍ତି।

## ଖୋର୍ଦ୍ଧା ରୋଡ଼ ମଣ୍ଡଳ ଦ୍ୱାରା ହିନ୍ଦୀ ପଖୱାଡ଼ା-୨୦୨୬ର ଉଦ୍‌ଯାପନୀ ସମାରୋହ

# ୧୫୧ତମ ମଣ୍ଡଳୀୟ ସରକାରୀ ଭାଷା କାର୍ଯ୍ୟାନ୍ୱୟନ ସମିତି ବୈଠକ




**ଖୋର୍ଦ୍ଧା, ନ୍ୟୁଜ ବ୍ୟୁରୋ** ଖୋର୍ଦ୍ଧା ରୋଡ଼ ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ଡି. ସୁନୀଲଙ୍କ ଅଧକ୍ଷତାରେ ଖୋର୍ଦ୍ଧା ରୋଡ଼ ମଣ୍ଡଳର ରାଜଭାଷା ବିଭାଗ ଦ୍ୱାରା ୧୫୧ତମ ମଣ୍ଡଳୀୟ ସରକାରୀ ଭାଷା କାର୍ଯ୍ୟାନ୍ୱୟନ ସମିତି ବୈଠକ ସହିତ ହିନ୍ଦୀ ପଖୱାଡ଼ା-୨୦୨୬ର ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ବୈଠକକୁ ସମ୍ବୋଧିତ କରି ଶ୍ରୀ ଡି. ସୁନୀଲ ସରକାରୀ କାର୍ଯ୍ୟରେ ହିନ୍ଦୀର ବ୍ୟବହାରକୁ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ ଯେ ହିନ୍ଦୀ ଦେଶସାରା ଲୋକଙ୍କୁ ଏକତ୍ରିତ କରୁଥିବା ଏକ ଭାଷା ଅଟେ ଏବଂ ସେ ରେଳବାଇ ଅଧିକାରୀ ଓ କର୍ମଚାରୀମାନଙ୍କୁ ସେମାନଙ୍କର ଦୈନନ୍ଦିନ ସରକାରୀ ପତ୍ର ପ୍ରଚାରରେ ହିନ୍ଦୀର ଅଧିକ ବ୍ୟବହାର କରିବାକୁ ଉତ୍ସାହିତ କରିଥିଲେ। କର୍ମଚାରୀମାନଙ୍କୁ ହିନ୍ଦୀରେ ସରକାରୀ କାର୍ଯ୍ୟ କରିବାକୁ ପ୍ରୋତ୍ସାହିତ କରିବା ପାଇଁ ସେ ବିଭିନ୍ନ ପଦକ୍ଷେପ ମଧ୍ୟ ପରାମର୍ଶ ଦେଇଥିଲେ। ସରକାରୀ କାର୍ଯ୍ୟରେ ହିନ୍ଦୀର ବ୍ୟବହାର ଏବଂ ଗୁରୁତ୍ୱକୁ ପ୍ରୋତ୍ସାହିତ କରିବା ପାଇଁ ରାଜଭାଷା ବିଭାଗ ଦ୍ୱାରା ଗ୍ରହଣ କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମର ମଧ୍ୟ ଏହି ବୈଠକରେ ସମୀକ୍ଷା କରାଯାଇଥିଲା। ଗୃହ ମନ୍ତ୍ରଣାଳୟର ବାର୍ଷିକ କାର୍ଯ୍ୟକ୍ରମରେ ଦିଆଯାଇଥିବା ଲକ୍ଷ୍ୟ ଅନୁସାରେ ହିନ୍ଦୀର କାର୍ଯ୍ୟାନ୍ୱୟନ କ୍ଷେତ୍ରରେ ହୋଇଥିବା ପ୍ରଗତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ସଦସ୍ୟମାନେ ନିର୍ଦ୍ଧାରିତ ଲକ୍ଷ୍ୟର ଅନୁପାଳନ ସ୍ଥିତିର ସମୀକ୍ଷା କରିଥିଲେ ଏବଂ ସରକାରୀ ପତ୍ର ପ୍ରଚାର ଓ କାର୍ଯ୍ୟରେ ହିନ୍ଦୀର ପ୍ରଭାବୀ ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ ନିରନ୍ତର ପ୍ରଚେଷ୍ଟା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ, ହିନ୍ଦୀ-ପଖୱାଡ଼ା-୨୦୨୬ ନିମନ୍ତେ ରାଜଭାଷା ବିଭାଗ ଦ୍ୱାରା ଆୟୋଜିତ ବିଭିନ୍ନ ହିନ୍ଦୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କର୍ମଚାରୀମାନଙ୍କୁ ଯୋଗ୍ୟତା ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ମୁଖ୍ୟ ରାଜଭାଷା ଅଧିକାରୀ ତଥା ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଇନ୍‌ଫ୍ରା) ରାଜଧାରୀ ଯାଦବ, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଓପି) ପି. କେ. ବେହେରାଙ୍କ ସମେତ ଖୋର୍ଦ୍ଧା ରୋଡ଼ ମଣ୍ଡଳର ସମସ୍ତ ଶାଖା ଅଧିକାରୀ ଉପସ୍ଥିତ ଥିଲେ। ରାଜଭାଷା ବିଭାଗର ସମସ୍ତ କର୍ମଚାରୀଙ୍କ ସକ୍ରିୟ ସହଯୋଗ ଓ ସମନ୍ୱୟରେ ଖୋର୍ଦ୍ଧା ରୋଡ଼ ମଣ୍ଡଳର ବରିଷ୍ଠ ରାଜଭାଷା ଅଧିକାରୀ ଶ୍ରୀମତୀ ଉଷା ରାଣୀଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ସଂଚାଳିତ ହୋଇଥିଲା।

## ପାଠ୍ୟ ପୁସ୍ତକରେ ସାଙ୍ଘାତିକ ତ୍ରୁଟି ପ୍ରସଙ୍ଗ

# ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ବିଜେଡିର ବିଧାନସଭା ଘେରାଉ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ** ଜାତୀୟ ଶିକ୍ଷା ନୀତି (ଏନ୍‌ଇପି-୨୦୨୦)ରେ ପ୍ରକାଶିତ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଠ୍ୟପୁସ୍ତକରେ ସାଙ୍ଘାତିକ ତ୍ରୁଟି ରହିଛି । ତ୍ରୁଟିପୂର୍ଣ୍ଣ ପାଠ୍ୟ ପୁସ୍ତକ ପ୍ରକାଶ କରି ଶିକ୍ଷା ବ୍ୟବସ୍ଥାକୁ ନଷ୍ଟ କରିଛି ବିଜେପି ସରକାର । ଏହାକୁ ନେଇ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ଜୋରଦାର ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବିରେ ବିଧାନସଭା ଘେରାଉ କରାଯାଇଥିଲା । ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ ଓ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁଙ୍କ ନେତୃତ୍ୱରେ ହଜାର ହଜାର ଯୁବ ଓ ଛାତ୍ର ମାନେ ଏକତ୍ରିତ ହୋଇ ବର୍ଷାରେ ଭିଜି ଭିଜି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ପାଠ୍ୟପୁସ୍ତକରେ ହୋଇଥିବା ତ୍ରୁଟି ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ନୈତିକତା ଦୃଷ୍ଟିରୁ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ଦାବି କରିଛି ବିଜେଡି । ଏଥିସହ ରାଜ୍ୟର ଛାତ୍ରଛାତ୍ରୀ ମାନଙ୍କୁ ଯଥାଶୀଘ୍ର ସଂଶୋଧିତ ଓ ତ୍ରୁଟିମୁକ୍ତ ପାଠ୍ୟପୁସ୍ତକ ଯୋଗାଇ ଦିଆଯାଉ । ଆଉ କିଛି ଦିନ ପରେ ପରୀକ୍ଷା ଆରମ୍ଭ ହେବାକୁ ଯାଉଛି । ତ୍ରୁଟିପୂର୍ଣ୍ଣ ପୁସ୍ତକ ପଢ଼ି ଛାତ୍ରଛାତ୍ରୀ ମାନେ କିପରି ପରୀକ୍ଷା ଦେବେ ବୋଲି ପ୍ରଶ୍ନ କରିଛି ବିଜେଡି। ନୂତନ ପୁସ୍ତକ ପ୍ରକାଶନ କରିବା ଟେଣ୍ଡର ବିଜେପିର ପ୍ରଭାବଶାଳୀ ନେତାଙ୍କୁ ପ୍ରଦାନ କରାଯାଇଥିଲା । ଉକ୍ତ ପ୍ରକାଶନ ସଂସ୍ଥାକୁ ସହାୟତା କରିବା ପାଇଁ ତ୍ରୁଟି ଗୁଡିକ ପ୍ରତି ରାଜ୍ୟ ସରକାର ଆଖି ବୁଜି ଦେଇଛନ୍ତି । ପୁସ୍ତକ ପ୍ରକାଶନରେ ୩୮୦ କୋଟି ଟଙ୍କାର ଦୁର୍ନୀତି ହୋଇଛି । ଏହି ଦୁର୍ନୀତିରେ ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସାମିଲ୍ ଅଛନ୍ତି । ଇସ୍ତଫା ଦାବି ସତ୍ତ୍ୱେ ଶ୍ରୀ ଗଣ୍ଡ ମନ୍ତ୍ରୀ ପଦ ଛାଡୁ ନଥିବା ବେଳେ ମୁଖ୍ୟମନ୍ତ୍ରୀ ଚୁପ ହୋଇ ବସିଛନ୍ତି । ମଙ୍ଗଳବାର ଠାରୁ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ଗାନ୍ଧୀ ମାର୍ଗରେ ଅହୋରାତ୍ର ଧାରଣା ଦିଆଯାଇଛି । ବୁଧବାର ସାରା ରାଜ୍ୟରୁ ହଜାର ହଜାର ଯୁବ, ଛାତ୍ର ଓ ବୁଦ୍ଧିଜୀବୀ ବିଧାନସଭା ଘେରାଉରେ ସାମିଲ ହୋଇଥିଲେ । ଆନ୍ଦୋଳନରେ ବିଜେଡି ବିଧାୟକ, ସାଂସଦ ଓ ବରିଷ୍ଠ ନେତୃବୃନ୍ଦ ମାନେ ଯୋଗ ଦେଇଥିଲେ।

## ଏସସିବି ମେଡିକାଲରେ ରୋବାଟିକ୍ ସର୍ଜରୀ କେବେ ?

# ସ୍ୱାସ୍ଥ୍ୟ ବିଭାଗକୁ ଚିଠି ପରେ ଚିଠି ଲେଖାଯାଉଛି, ମାତ୍ର ଫଳ ଶୂନ

**କଟକ, ନ୍ୟୁଜ ବ୍ୟୁରୋ** ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲରେ ରୋବାଟିକ୍ ସର୍ଜରୀ ସୁବିଧା ନାହିଁ । ଭୁବନେଶ୍ୱରରେ ଏମସ୍ ସମେତ ରାଜ୍ୟରେ ଅନେକ ଘରୋଇ ହସ୍ପିଟାଲରେ ରୋଗୀଙ୍କର ରୋବଟିକ୍ ସର୍ଜରୀ କରାଯାଉଥିବା ବେଳେ ପୂର୍ବ ଭାରତର ପ୍ରମୁଖ ଡାକ୍ତରୀ ଶିକ୍ଷାନୁଷ୍ଠାନ ଓ ହସ୍ପିଟାଲ ଏସସିବି ଏହି ବ୍ୟବସ୍ଥା ନାହିଁ । ସେହି ମେସିନ୍ ଯୋଗାଇଦେବା ଲାଗି ମେଡିକାଲ ପକ୍ଷରୁ ଏକାଧିକବାର ଡାକ୍ତରୀ ଶିକ୍ଷା ତାଲିମ୍ ନିର୍ଦ୍ଦେଶକ (ଡିଏମ୍ଇଟି) ଓ ଓଡ଼ିଶା ଷ୍ଟେଟ୍ ମେଡିକାଲ କର୍ପୋରେସନ୍, ସ୍ୱାସ୍ଥ୍ୟ ବିଭାଗକୁ ଚିଠି ପରେ ଚିଠି ଲେଖାଯାଉଛି । ମାତ୍ର ଫଳ ଶୂନ । ରୋବଟିକ୍ ମେସିନ୍ ରେ ଅପରେସନ୍ କରିବା ଲାଗି ଟ୍ରେନିଂ ପ୍ରାପ୍ତ ଡାକ୍ତର ଥାଇ ବି ସରକାରଙ୍କ ପକ୍ଷରୁ ତାହା ଯୋଗାଣ ନହେବା ଦୁର୍ଭାଗ୍ୟଜନକ ବୋଲି ଚିକିତ୍ସା ବିଜ୍ଞାନୀମାନେ କହିଛନ୍ତି। ରୋବର୍ଟ ମେସିନ୍ର ମୂଲ୍ୟ ପ୍ରାୟ ୫ରୁ ୬ କୋଟି ଟଙ୍କା । ଦୁଇ ବର୍ଷ ମଧ୍ୟରେ ଭୁବନେଶ୍ୱର ଏମସ୍ ରେ ୧୦୦ଟି ରୋବଟିକ୍ ସର୍ଜରୀ ହୋଇ ସାରିଥିବା ବେଳେ ଭୁବନେଶ୍ୱର ଓ କଟକରେ କେତେକ ଘରୋଇ ହସ୍ପିଟାଲରେ ନିୟମିତ ଏହି ଚିକିତ୍ସା ସେବା ଯୋଗାଇ ଦିଆଯାଉଛି । ମାତ୍ର ଏସସିବି କିମ୍ବା ରାଜ୍ୟର ଅନ୍ୟ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲରେ ରୋବଟିକ୍ ସର୍ଜରୀ ଅଦ୍ୟାବଧି ଆରମ୍ଭ ହୋଇପାରିନାହିଁ । ବିଶେଷଜ୍ଞଙ୍କ ମତରେ ରୋବଟିକ୍ ମେସିନ୍ ଏସସିବି ମେଡିକାଲ ପାଇଁ ନିତ୍ୟାନ୍ତ ଆବଶ୍ୟକ । ରାଜ୍ୟରେ ଏହା ଏକ ପ୍ରମୁଖ ଡାକ୍ତରୀ ଶିକ୍ଷାନୁଷ୍ଠାନ । ମାତ୍ର ଅତ୍ୟାଧୁନିକ ଉପାୟରେ ଅପରେସନ୍ ପାଇଁ ଉକ୍ତ ମେସିନ୍ ସୁବିଧା ନାହିଁ । ରୋବଟିକ୍ ମେସିନ୍ ନ ଥିବାରୁ ଏସ୍ସିବି ସର୍ଜରୀ ବିଭାଗର ପଢୁଥିବା ପିଜି ଛାତ୍ରମାନେ ରୋବଟିକ୍ ସର୍ଜରୀ ସମ୍ପର୍କରେ ଅଧ୍ୟୟନ କିମ୍ବା ଅପରେସନ୍ର କୌଶଳ ଶିକ୍ଷା ଗ୍ରହଣ କରିପାରିବେ ନାହିଁ । ଭୁବନେଶ୍ୱର ଏମସର ସର୍ଜରୀ ବିଭାଗରେ ୬ଟି ପିଜି ସିଟ୍ ରହିଥିବା ବେଳେ ଏସସିବିରେ ୨୪ ପିଜି ସିଟ୍ ରହିଛି। ତିନି ବର୍ଷରେ ଏପରି ଏସସିବି ସର୍ଜରୀ ବିଭାଗରେ ୭୨ ପିଜି ଛାତ୍ର ଅଧ୍ୟୟନ କରୁଛନ୍ତି । ଆଗାମୀ ପିଢ଼ି ଡାକ୍ତରମାନଙ୍କ ପାଇଁ ରୋବଟିକ୍ ସର୍ଜରୀ ଶିକ୍ଷା ଲାଗି ବ୍ୟବସ୍ଥା ନଥିବାରୁ ମେଡିକାଲ ଛାତ୍ରଛାତ୍ରୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ରୋବଟିକ୍ ସର୍ଜରୀ ବ୍ୟବସ୍ଥାରେ ରୋଗୀଙ୍କର ଅପରେସନ୍ ଏକ ରୋବଟ୍ ମେସିନ୍ ସହାୟତାରେ କରାଯାଇଥାଏ ।

ଭୁବନେଶ୍ୱର, ୨୪ ସେପ୍ଟେମ୍ବର, ଗୁରୁବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# ଶ୍ରୀନହରରେ ସୁନିଆଁ ଉତ୍ସବ : ଆରମ୍ଭ ହେଲା ୭୧ଅଙ୍କ ୧୪୩୪ ସାଲ

**ପୁରୀ ୨୩/୯ ନ୍ୟୁଜ ବ୍ୟୁରୋ**

ବୁଧବାର ପବିତ୍ର ଉତ୍କଳୀୟ (ରାଜକୀୟ) ନବ ବର୍ଷ । ଶ୍ରୀ ବାମନ ଜନ୍ମ, ସୁନିଆଁ ଉତ୍ସବ ସମ୍ପନ୍ନ ହୋଇଯାଇଛି । ଉତ୍କଳୀୟ ୧୪୩୪ ସାଲ ଆରମ୍ଭ ତଥା ଶ୍ରୀ ଶ୍ରୀ ଶ୍ରୀ ବୀର ଶ୍ରୀ ଗଜପତି ଗୌଡ଼େଶ୍ୱର ନବକୋଟି କର୍ଣ୍ଣୋଟକଳ କଲ୍ବର୍ଗେଶ୍ୱର ଅଭିରାଏ ଭୁତ ଭୈରବ ଦୁଃସହ ଦୁଃଶାସନ ଅନିକରଣେ ରାଉତରାୟ ଅତୁଲ୍ୟ ପରାକ୍ରମ ସଂଗ୍ରାମେ ସହସ୍ରବାହୁ କ୍ଷତ୍ରିୟକୁଳ ଧୂମକେତୁ ବୀରାଧବୀରବର ମହାପ୍ରତାପୀ ମହାରାଜା ଶ୍ରୀ ଶ୍ରୀ ଶ୍ରୀ ଦିବ୍ୟସିଂହ ଦେବ ମହାରାଜାଙ୍କର ୭୧ ଅଙ୍କ ଆରମ୍ଭ ଅବସରରେ ସମସ୍ତଙ୍କୁ



ସାଦର ଅଭିନନ୍ଦନ ଜଣାଇବା ସହିତ ପ୍ରିତିଭରା ଶୁଭେଚ୍ଛା । ଉତ୍କଳୀୟ ସଂସ୍କୃତି ଓ ସାମାଜିକ ଜୀବନରେ ଗଜପତିଙ୍କ ନାମରେ ଆରମ୍ଭ ହୋଇଛି ନବବର୍ଷ ।

ଭାଦ୍ରବ ଶୁକ୍ଳ ଦ୍ୱାଦଶୀ ତିଥିରେ ସୁନିଆଁ ଦିନ ଆରମ୍ଭ ହୁଏ ଗଜପତିଙ୍କ ନୂତନ ଅଙ୍କ । ତେଣୁ ସୁନିଆଁକୁ ଉତ୍କଳୀୟ ଗଜପତିଙ୍କ ନବବର୍ଷ ବୋଲି ଧରାଯାଏ । ଓଡ଼ିଆ ପାଇଁ ଓ ଜାତକରେ ବର୍ଷ, ମାସ, ତାରିଖ, ତିଥି ଓ ନକ୍ଷତ୍ର ଉଲ୍ଲେଖ ହୁଏ । ସୁନିଆଁ ଦିନଠାରୁ ଗଜପତି ମହାରାଜାଙ୍କ ଗାଦିନାସୀନ ବର୍ଷର ଗଣନା ହୋଇଥାଏ । ସୁନିଆଁ ଦିନ ଷୋଳଶାସନରୁ ବ୍ରାହ୍ମଣମାନେ ଶ୍ରୀନଅରକୁ ଆସି ଗୋଟିଏ ଲେଖାଏଁ ନଡ଼ିଆ ଗଜପତିଙ୍କୁ ଭେଟି ଦେଇ ମହାରାଜାଙ୍କୁ ଆଶିର୍ବାଦ କରିଥାନ୍ତି। କରଣ ସାମନ୍ତମାନେ ମଧ୍ୟ ଶ୍ରୀନଅରକୁ ଆସି ଗଜପତି ମହାରାଜାଙ୍କୁ ଭେଟିଦେଇଥାନ୍ତି । ସମସ୍ତଙ୍କୁ ଶ୍ରୀନଅରରେ ମହାପ୍ରସାଦ ସେବନରେ ଆପ୍ୟାୟିତ କରାଯାଏ। ସୁନିଆଁ ଦିନ ଗଜପତି ମହାରାଜା ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରି କନକ ଭେଟି ଅର୍ପଣ କରିବାର ପ୍ରଥା ଅଛି । ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରି ଗଜପତି ପୁରୁଣା ନଅର ସ୍ଥଳକୁ ଯାଇ ଶ୍ୟାମାକାଳୀ ଓ ଅଷ୍ଟଶମ୍ଭୁଙ୍କୁ ଦର୍ଶନକରି ଶ୍ରୀନଅର ପ୍ରତ୍ୟାବର୍ତ୍ତନ କରିଥାନ୍ତି । ସୁନିଆଁ ଦିନ ସ୍ୱର୍ଣ୍ଣମୁଦ୍ରାରେ ଗଜପତି ମହାରାଜାଙ୍କ ପୁରାତନ ଅଙ୍କ କଟାଯାଇ ସେହିଦିନଠାରୁ ନୂତନ ଅଙ୍କର ଗଣନା ଆରମ୍ଭ ହୁଏ ।

# ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବାମନ ବେଶ

**ପୁରୀ ୨୩/୯ ନ୍ୟୁଜ ବ୍ୟୁରୋ**

ଭାଦ୍ରବ ମାସର ଶୁକ୍ଳ ପକ୍ଷ ଦ୍ୱାଦଶୀ ତିଥିରେ ଭଗବାନ ବିଷ୍ଣୁଙ୍କ ପଞ୍ଚମ ଅବତାର ବାମନଙ୍କ ଆବିର୍ଭାବ ଦିବସ ପାଳିତ ହୋଇଯାଇଛି। ତେଣୁ ବାମନ ଜନ୍ମ ବା ବାମନ ଦ୍ୱାଦଶୀ' ଭାବରେ ମଧ୍ୟ ଏହି ଦିନଟି ଆଖ୍ୟାୟିତ ହୋଇଥାଏ। ମହାପ୍ରଭୁ ଶ୍ରୀ ଜଗନ୍ନାଥ ବାମନ ଶ୍ୱରୁପି ତାଙ୍କୁ ରଥ ଉପରେ ବାମନ ବେଶରେ ଦର୍ଶନ କଲେ ପୁନର ଜନ୍ମ ହୁଏ ନାହିଁ ବୋଲି ବିଶ୍ୱାସ ଅଛି। ତେଣୁ ମହାପ୍ରଭୁଙ୍କର ବାମନ ଜନ୍ମ ନୀତି ଶ୍ରୀ ମନ୍ଦିରରେ ବିଧି ବିଧାନ ସହ ପାଳନ କରାଯାଇଛି। ଭାଦ୍ରବ ମାସ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥିର ମଧ୍ୟାହ୍ନ ସମୟରେ ପ୍ରଭୁ ଶ୍ରୀ ଜଗନ୍ନାଥ ବାମନ ରୁପରେ ଆବିର୍ଭାବ ହେବାର ନୀତି ଅନୁଷ୍ଠିତ ହୋଇଥିଲା ।ତାଙ୍କୁ ବାମନ ଭାବରେ ଅବିହିତ କରାଜାଇ ସେହି ତିଥିରେ ତାଙ୍କ



ଜନ୍ମ ନୀତି ପାଳିତ କରାଜାଇଛି। ଯେଉଁପରି ଭାବରେ ମହାପ୍ରଭୁଙ୍କର ଶ୍ରୀରାମ ଜନ୍ମ ନୀତି, ଶ୍ରୀ କୃଷ୍ଣ ଜନ୍ମ ନୀତି ପାଳନ କରାଯାଇଛି। ସେହିପରି ଭାବରେ ମଧ୍ୟ ବାମନ ଦ୍ୱାଦଶୀରେ ମହାପ୍ରଭୁଙ୍କର ବାମନ ଜନ୍ମ ନୀତି ପାଳିତ ହୋଇଯାଇଛି। ସକାଳ ଧୂପ ପୁଜା ସରିବା ପରେ ଠାକୁର ମାନଙ୍କର ମହାସ୍ନାନ ଓ ସର୍ବାଙ୍ଗ ନୀତି ହେବା ପରେ ପୂର୍ବ ଦିନ ଅଧିବାସ ହୋଇଥିବା ଯଜ୍ଞ ପବିତା ଲାଗି ହୋଇଥିଲା। ଶ୍ରୀ ବିଗ୍ରହମାନଙ୍କୁ କର୍ପୁର ଲାଗିହୋଇ ବେଶ ବଢିବା ପରେ ମଧ୍ୟାନ ଧୂପ ଉଠିଥିଲା। ଜୟ ବିଜୟ ଦ୍ୱାର ବନ୍ଦ ହୋଇ ଚନ୍ଦନ ଅର୍ଗଳି ଠାରେ ସୁଧସୁଆର ସେବକ ପଞ୍ଚ ମୁରୁଜରେ ମଣ୍ଡଳ କରିଥିଲେ। ଏହା ପରେ ତିନି ବାଡରେ ଠାକୁର ମାନଙ୍କର ବନ୍ଦାପନା ବରୁଣ ପୂଜା ହୋଇଥିଲା।

# ଗଭୀର ଅବପାତ : ଗଞ୍ଜାମରେ ୪୨୧ ସ୍ଥାନାନ୍ତରିତ, ୧୦୪ ଗର୍ଭବତୀଙ୍କ ସଫଳ ପ୍ରସବ

## ଗଜପତିରେ ଭାଙ୍ଗିଲା ୫ ଘର, ୩,୧୭୦ ଜଣଙ୍କୁ ବାତ୍ୟା ଆଶ୍ରୟସ୍ଥଳକୁ ସ୍ଥାନାନ୍ତର



**ବ୍ରହ୍ମପୁର, ୨୩/୦୯ ନ୍ୟୁଜ ବ୍ୟୁରୋ**

ଗଞ୍ଜାମ ଜିଲ୍ଲାରେ ଗଭୀର ଅବପାତ ଯୋଗୁଁ ପ୍ରତିକୂଳ ପାଣିପାଗକୁ ଦୃଷ୍ଟିରେ ରଖି ଜନସାଧାରଣଙ୍କ ସୁରକ୍ଷା ଓ ଜରୁରୀ ସେବା ସୁନିଶ୍ଚିତ କରିବା ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଗ୍ରହଣ କରାଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ସଂପୂର୍ଣ୍ଣ ଭାବରେ ସତର୍କତା ସହିତ ରହିଥିବା ବେଳେ ଜିଲ୍ଲାର ଗର୍ଭବତୀ ମହିଳାଙ୍କ ସୁରକ୍ଷିତ ପ୍ରସବ ଓ ଆବଶ୍ୟକ ଚିକିତ୍ସା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି ।

ବିଭାଗୀୟ ସୂଚନା ଅନୁଯାୟୀ, ଏପର୍ଯ୍ୟନ୍ତ ୨୪୫ ଜଣ ଗର୍ଭବତୀ ମହିଳାଙ୍କୁ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିବା ବେଳେ ୨୧ ଜଣଙ୍କୁ ମା' ଗୃହକୁ ପଠାଯାଇଛି। ସେମାନଙ୍କ ମଧ୍ୟରୁ ୧୦୪ ଜଣଙ୍କର ସଫଳ ପ୍ରସବ ହୋଇଛି ଏବଂ ସମସ୍ତ ୧୦୪ ଜଣ ଶିଶୁ ଜୀବନ୍ତ ଜନ୍ମଗ୍ରହଣ କରିଥିବା କୁହାଯାଇଛି । ଏଥିସହିତ ଆଜି ସୁଦ୍ଧା ଜିଲ୍ଲାର ବିଭିନ୍ନ ବ୍ଲକ୍‌ରୁ ୪୨୧ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିବା କୁହାଯାଇଛି। ସେମାନଙ୍କ ମଧ୍ୟରେ ୧୬୧ ଜଣ ପୁରୁଷ, ୨୦୩ ଜଣ ମହିଳା ଓ ୫୭ ଜଣ ଶିଶୁ ରହିଛନ୍ତି। ଏହି ସଂଖ୍ୟା ଜିଲ୍ଲାର ପାତ୍ରପୁରରୁ ୧୭୨, ରଙ୍ଗେଇଲୁଣ୍ଡାରୁ ୮୬, ଧରାକୋଟରୁ ୬୦, ଆସିକାରୁ ୩୬, ଜଗନ୍ନାଥପ୍ରସାଦରୁ ୩୫, କବିସୂର୍ଯ୍ୟନଗରରୁ ୧୮, ଭଞ୍ଜନଗରରୁ ୧୦ ଓ ପୋଲସରାରୁ ୪ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଛି। ସେହିପରି ଏହି ଗଭୀର ଅବପାତକୁ ନେଇ ଗଜପତି ଜିଲ୍ଲାରେ ଏହି ପ୍ରଭାବ ଯୋଗୁଁ ବର୍ଷା ଲାଗି ରହିଥିବା ବେଳେ ଉଦୟଗିରିରେ ପଥର ଖଣ୍ଡ ଖସି ପଡିଥିଲା । ସେପଟେ ଆର ଉଦୟଗିରି ବ୍ଲକର ତିଳି ଗାଁରେ ୫ଟି କଚ୍ଚା ଘର ଭାଙ୍ଗିଛି । ଏଥିସହ ଜିଲ୍ଲା ପ୍ରଶାସନ ତରଫରୁ ୩,୧୭୦ ଜଣଙ୍କୁ ବନ୍ୟା ଆଶ୍ରୟସ୍ଥଳୀରେ ରଖାଯାଇଛି । ଏନେଇ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ସୂଚନା ଦେଇଛନ୍ତି । ଗଜପତି ଜିଲ୍ଲାରେ ଏହାର ପ୍ରଭାବରେ ପ୍ରବଳ ବର୍ଷା ସାଙ୍ଗକୁ ୫୦ରୁ ୬୦ କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି । ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ସୂଚନା ଅନୁସାରେ, ଜିଲ୍ଲାରେ ଗତ ୨୪ ଘଣ୍ଟା ମଧ୍ୟରେ ମୋଟ ୬୩୩.୫ ମିଲିମିଟର ବର୍ଷା ହୋଇଛି । ମୋହନା ଓ ଆର ଉଦୟଗିରି ବ୍ଲକରେ ୧୦୦ ମିଲିମିଟରରୁ ଅଧିକ ବର୍ଷା ରେକର୍ଡ କରାଯାଇଛି, କିନ୍ତୁ କୌଣସି ସ୍ଥାନରେ ଜଳବନ୍ଦୀ ସମସ୍ୟା ଦେଖାଯାଇ ନାହିଁ। ସେହିପରି ବିପଦପୂର୍ଣ୍ଣ ଅଞ୍ଚଳରେ ଥିବା ଲୋକଙ୍କୁ ସ୍ଥାନାନ୍ତର କରାଯାଇ ମୋଟ ୩,୧୭୦ ଜଣଙ୍କୁ ବନ୍ୟା ଆଶ୍ରୟସ୍ଥଳୀରେ ସ୍ଥାନାନ୍ତର କରାଯାଇଛି । ଏହାସହିତ ୭୦ ଜଣ ଗର୍ଭବତୀ ମହିଳାଙ୍କୁ ମଧ୍ୟ ପୂର୍ବରୁ ସ୍ଥାନାନ୍ତର କରାଯାଇଛି ବୋଲି ଜିଲ୍ଲାପାଳ କହିଛନ୍ତି ।

### ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୨୩/୦୮/୨୦୨୬
୫,୮୯,୯୬୬/- ଟଙ୍କା
ସୁନା:- ଶୂନ୍ୟ
ରୂପା:- ୪୦ ଗ୍ରାମ୍ ୫୦୦ ମିଲିଗ୍ରାମ


## ପ୍ରକାଶ ଅପେକ୍ଷାରେ ...

### ଚର୍ଚ୍ଚିତ ଗଳ୍ପ ପତ୍ରିକା 'କଥା କଳିକା'ର ମହାପୂଜା ସଂଖ୍ୟା-୨୦୨୬




### ଏଥର ସୂଚୀରେ କଥାକଳିକାର ଗାଳ୍ପିକ...

**ସ୍ମରଣୀୟ କଥା :** ସୁଜାତା ମହାପାତ୍ର
**ସମକାଳର କଥା :** କ୍ଷୀରୋଦ ଦାସ, ଆଭାସ କୁମାର ବରାଳ, ରାଜ୍ୟବର୍ଦ୍ଧନ ଧଳମହାପାତ୍ର, ରମେଶ ପଟ୍ଟନାୟକ, କମଳା ଶତପଥୀ, ରବି ପଣ୍ଡା, ଗଙ୍ଗାଧର ବିଶ୍ୱାଳ, ଉପେନ୍ଦ୍ର ପ୍ରସାଦ ନାୟକ, ପୁଷ୍ପାଞ୍ଜଳି କର, ଲକ୍ଷ୍ମୀ ଚନ୍ଦ, ଅଜୟ ମହାପାତ୍ର, ରଞ୍ଜନ ପ୍ରଧାନ, ପ୍ରତାପ ବିଶ୍ୱାଳ, ରେବା ପଟ୍ଟନାୟକ, ସ୍ୱାଗତିକା ସେଠୀ, ଉମାକାନ୍ତ ରାଉତ, ବିନୋଦିନୀ ଗନ୍ତାୟତ, ପଦ୍ମନାଭ ଦାଶ, କମଳିନୀ ମଲ୍ଲିକ, ବିଦ୍ୟାଧର ଗୁରୁ, ଗୀତାଞ୍ଜଳି ସାହୁ, ସୋମନାଥ ବିଷୋୟୀ, ସ୍ନିଗ୍ଧା ନାୟକ, ଲିପ୍‌ସା ପଟେଲ, ସଂଜୁକ୍ତା ଦାଶ, ଆଶାରାଣୀ ପଣ୍ଡା, ସୁନୀତା କର, ମୁକ୍ତିକାନ୍ତ ମହାପାତ୍ର, ବାସନ୍ତୀ ଦାସ, ରାଧାଶ୍ୟାମ ରାଉଳ, ନମୀତା ଦାଶ, ରାଜଲକ୍ଷ୍ମୀ ତ୍ରିପାଠୀ, ସନ୍ତୋଷୀ ସ୍ୱାଇଁ ଏବଂ ଚିତ୍ତରଞ୍ଜନ ମହାନ୍ତି।
**ଅନ୍ୟଭାଷାର କଥା :** ଅନୁରୂପା ସିଂ, କନକମଞ୍ଜରୀ ସାହୁ।
**ସାକ୍ଷାତକାର:** ଗାଳ୍ପିକ ଅଜୟ ସ୍ୱାଇଁ ଓ କଥାକାର ରାଜ କିଶୋର ଦାସ।
**ନୂଆ ଗପ ବହି :** ରଜତକରଙ୍କ ଅଳ୍ପଦିନର ଗଳ୍ପ
**ସମୀକ୍ଷା :** ମାନିନୀ ମିଶ୍ର
**ଯୁବମାନସର କଥା :** ପ୍ରିୟଙ୍କା ପ୍ରିୟଦର୍ଶନୀ ଦାସ, ଚିନ୍ମୟୀ ପଣ୍ଡା, ଆରାଧନା ମିଶ୍ର ଏବଂ ଶେଷରେ
**କଥା ସାଗର :** ଅନୁବାଦ ଉପନ୍ୟାସ- ଏତେ ଟିକିଏ ବସା
**ଭାଷାନ୍ତର :** ଔପନ୍ୟାସିକ-ସୁପ୍ରଭା ରାୟ

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୧୮୦/ ମୂଲ୍ୟ ୧୨୦ ଟଙ୍କା ମାତ୍ର 'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ। କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)


## ହାଇକୋର୍ଟରେ ବିଚାରପତି ସଙ୍କଟ

# ୧ରେ ରାଜ୍ୟପାଳଙ୍କୁ ଭେଟିବ ହାଇକୋର୍ଟ ବାର୍ ଆସୋସିଏସନ : ତୁରନ୍ତ ନିଯୁକ୍ତି ଦାବି

## ହାଇକୋର୍ଟରେ ଅଛନ୍ତି ମାତ୍ର ୧୫ ଜଣ ବିଚାରପତି : ଏକ ଲକ୍ଷ ୭୦ ହଜାରରୁ ଅଧିକ ମାମଲା ବିଚାରାଧୀନ

**କଟକ, ୨୩/୦୯ ନ୍ୟୁଜ ବ୍ୟୁରୋ**

ଓଡିଶା ହାଇକୋର୍ଟରେ ବିଚାରପତି ନିଯୁକ୍ତି ପ୍ରକ୍ରିୟାରେ ବିଳମ୍ବକୁ ନେଇ ଆସନ୍ତା ଅକ୍ଟୋବର ୧ ତାରିଖରେ ରାଜ୍ୟପାଳ ହରିବାବୁ କମ୍ଭମପାଟିଙ୍କୁ ଭେଟିବ ଓଡ଼ିଶା ହାଇକୋର୍ଟ ବାର ଆସୋସିଏସନ । ଏନେଇ ବୁଧବାର ହାଇକୋର୍ଟ ବାର ଆସୋସିଏସନ ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ସଭାପତି ଲଲାଟେନ୍ଦୁ ସାମନ୍ତରାୟ । ଓଡ଼ିଶା ହାଇକୋର୍ଟରେ ବିଚାରପତି ସଙ୍କଟ ଲାଗି ରହିଛି । ମଞ୍ଜୁରୀ ପ୍ରାପ୍ତ ବିଚାରପତିଙ୍କ ସଂଖ୍ୟା ୩୩ ଥିବା ବେଳେ ହାଇକୋର୍ଟରେ ଅଛନ୍ତି ମାତ୍ର ୧୫ ଜଣ ବିଚାରପତି । ସେହିପରି ଅକ୍ଟୋବର ଏବଂ ନଭେମ୍ବର ମାସରେ ଦୁଇ ଜଣ ବିଚାର ପତି ଅବସର ନେବେ । ଯାହାଫଳରେ ହାଇକୋର୍ଟରେ ବିଚାରପତିଙ୍କ ସଂଖ୍ୟା ୧୩ରେ ପହଞ୍ଚିବ। ବଡ଼ କଥା ହେଉଛି ବର୍ତ୍ତମାନ ଏକ ଲକ୍ଷ ୭୦ ହଜାରରୁ ଅଧିକ ମାମଲା ହାଇକୋର୍ଟରେ ବିଚାରାଧୀନ ରହିଛି । ବିଚାରପତିଙ୍କ



ସଂଖ୍ୟା କମ୍ ଥିବାରୁ ମାମଲାର ଶୁଣାଣିରେ ଏହାର ପ୍ରଭାବ ଗୁରୁତ୍ୱର ଭାବରେ ପଡିଛି । ଯାହାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛି ଓଡ଼ିଶା ହାଇକୋର୍ଟ ବାର ଆସୋସିଏସନ। ବାର୍ ସଂଘର ସଭାପତି ଲଲାଟେନ୍ଦୁ ସାମନ୍ତରାୟ ଏହି ଘଟଣାକୁ ନେଇ ବୁଧବାର ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ କହିଛନ୍ତି ଯେ ବିଚାରପତିଙ୍କ ସଂଖ୍ୟା ଧୀରେ ଧୀରେ କମୁଥିବାରୁ ମାମଲାର ଶୁଣାଣି ପ୍ରକ୍ରିୟା ପ୍ରଭାବିତ ହୋଇଛି । ତୁରନ୍ତ ବିଚାରପତିଙ୍କ ନିଯୁକ୍ତି ପ୍ରକ୍ରିୟା କରିବାକୁ ସଭାପତି ଦାବି କରିଛନ୍ତି । ଏଥିସହ ରାଷ୍ଟ୍ରପତି, ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି, ସୁପ୍ରିମକୋର୍ଟ ଏବଂ ହାଇକୋର୍ଟ କଲେଜିୟମଙ୍କ ନିକଟରେ ପୂର୍ବରୁ ସଂଘ ଦାବି ପତ୍ର ପ୍ରଦାନ କରିଛି। ଏହି ଦାବି ପୂରଣ କରା ଯାଇନଥିବାରୁ ଆସନ୍ତା ଅକ୍ଟୋବର ୧ ତାରିଖରେ ସଂଘ ରାଜ୍ୟପାଳଙ୍କୁ ଭେଟି ଦାବିପତ୍ର ଜଣାଇବ ବୋଲି ସଂଘ ନିଷ୍ପତ୍ତି ନେଇଛି । ଗତ ଅଗଷ୍ଟ ମାସରେ ଓଡ଼ିଶା ହାଇକୋର୍ଟରେ ବିଚାରପତିଙ୍କ ସଙ୍କଟ ନେଇ ହାଇକୋର୍ଟ ବାର୍ ଆସୋସିଏସନର ଉଦ୍‌ବେଗ ପ୍ରକାଶ କରିଥିଲା । ତୁରନ୍ତ ବିଚାରପତି ନିଯୁକ୍ତି ନହେଲେ ସୁପ୍ରିମକୋର୍ଟରେ ଏକ ରିଟ ପିଟିସନ ଦାୟର କରାଯିବ ବୋଲି ସଂଘର ସଭାପତି ଚେତାବନୀ ଦେଇଥିଲେ । ସେହିପରି ଗତ ୨୦୦୮ ମସିହାରୁ ସୁପ୍ରିମକୋର୍ଟରେ, ଓଡିଶା ହାଇକୋର୍ଟର କୌଣସି ଓଡ଼ିଆ ବିଚାରପତି ନଥିବାରୁ ହାଇକୋର୍ଟ ବାର୍ ସଂଘ ଚିନ୍ତା ପ୍ରକଟ କରିଥିଲା। ଏପଟେ କିଛି ଦିନ ତଳେ ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ନିଯୁକ୍ତି ପାଇଁ ଚାରି ଜଣ ଆଇନଜୀବୀଙ୍କ ନାମ ସୁପ୍ରିମକୋର୍ଟ କଲେଜିୟମ ସୁପାରିସ କରିଥିଲେ । ବିଶିଷ୍ଟ ଆଇନଜୀବୀ ସସ୍ମିତା ତ୍ରିପାଠୀ, ଆଦିତ୍ୟ ନାରାୟଣ ଦାସ, ରଞ୍ଜିତ ରାୟ ଓ ଗୌତମ ମିଶ୍ରଙ୍କୁ ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ନିଯୁକ୍ତି ସଂପର୍କିତ ପ୍ରସ୍ତାବକୁ ସୁପ୍ରିମକୋର୍ଟ କଲେଜିୟମଙ୍କ ଅଗଷ୍ଟ ୧୮ର ବୈଠକରେ ଅନୁମୋଦନ ପ୍ରଦାନ କରାଯାଇଥିଲା । ସୁପ୍ରିମକୋର୍ଟ କଲେଜିୟମଙ୍କ ସୁପାରିସକୁ କେନ୍ଦ୍ର ସରକାରଙ୍କ ଅନୁମୋଦନ ମିଳିବା ପରେ ବିଚାରପତିଙ୍କ ନିଯୁକ୍ତି ସଂପର୍କିତ ଚୂଡ଼ାନ୍ତ ବିଜ୍ଞପ୍ତି ପ୍ରକାଶ ପାଇବ ।

# ପୌର ନିର୍ବାଚନ : ୱାର୍ଡ ପୁନର୍ଗଠନ ଓ ଆସନ ସଂରକ୍ଷଣ ପାଇଁ ସଂଶୋଧିତ ସମୟସୂଚୀ ଜାରି

**ଭୁବନେଶ୍ୱର, ୨୩/୦୯ ନ୍ୟୁଜ ବ୍ୟୁରୋ**

ଆଗାମୀ ପୌର ନିର୍ବାଚନ ପାଇଁ ୱାର୍ଡ ପୁନର୍ଗଠନ/ବିଭାଜନ ଓ ଆସନ ସଂରକ୍ଷଣ ପ୍ରକ୍ରିୟା ସମ୍ପନ୍ନ କରିବାକୁ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସଂଶୋଧିତ ସମୟସୂଚୀ ଜାରି ହୋଇଛି । ଏହି ସମୟସୂଚୀ ଭୁବନେଶ୍ୱର, କଟକ, ବ୍ରହ୍ମପୁର ଓ ରାଉରକେଲା ମହାନଗର ନିଗମ ସମେତ ବୌଦ୍ଧ ଜିଲ୍ଲାକୁ ବାଦ୍ ଦେଇ ୯୯ଟି ପୌରପାଳିକା ଓ ବିଜ୍ଞାପିତ ଅଞ୍ଚଳ ପରିଷଦ ପାଇଁ ପ୍ରଯୁଜ୍ୟ ହେବ । ଏହି ୪ ମହାନଗର ନିଗମ ସମ୍ପର୍କରେ ସମ୍ପୃକ୍ତ କମିଶନରମାନେ ୱାର୍ଡ ବିଭାଜନ ଓ ଆସନ ସଂରକ୍ଷଣ ସମ୍ପର୍କିତ ତଥ୍ୟ ନିର୍ଦ୍ଧାରିତ ଫର୍ମ-୧ ଓ ଫର୍ମ-୨ ସହ ସ୍କେଚ୍ ମ୍ୟାପ୍ ଆକାରରେ ଅକ୍ଟୋବର ୮ ସୁଦ୍ଧା ବିଭାଗକୁ ଦାଖଲ କରିବେ । ସରକାରଙ୍କ ପକ୍ଷରୁ ଚିଠା ବିଜ୍ଞପ୍ତି ଅକ୍ଟୋବର ୨୨ ତାରିଖରେ ପ୍ରକାଶ ପାଇବ ଏବଂ ଆପତ୍ତି ଓ ପ୍ରସ୍ତାବ ଦାଖଲର ଶେଷ ତାରିଖ ଅକ୍ଟୋବର ୩୧ ରହିଛି । ସେହିପରି, ୯୯ଟି ପୌରପାଳିକା ଓ ଏନଏସି ପାଇଁ ସମ୍ପୃକ୍ତ ଜିଲ୍ଲାପାଳମାନେ ଅକ୍ଟୋବର ୧୨ ତାରିଖରେ ଚିଠା ବିଜ୍ଞପ୍ତି ପ୍ରକାଶ କରି ଆପତ୍ତି ଓ ପ୍ରସ୍ତାବ ଆହ୍ୱାନ କରିବେ । ଏଥିପାଇଁ ଅକ୍ଟୋବର ୨୧ ଶେଷ ତାରିଖ । ଅକ୍ଟୋବର ୨୮ରେ ପ୍ରାଥମିକ ବିଜ୍ଞପ୍ତି ପ୍ରକାଶ ପରେ ଏହା ବିରୋଧରେ ଅକ୍ଟୋବର ୨୮ରୁ ନଭେମ୍ବର ୧୧ ମଧ୍ୟରେ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ନିକଟରେ ଅପିଲ୍ କରାଯାଇପାରିବ । ଅନ୍ୟପଟେ ଜିଲ୍ଲାପାଳମାନେ ଅପିଲ୍ ଆବେଦନ ଓ ନିଜର ମତାମତ ନଭେମ୍ବର ୧୨ ତାରିଖ ସୁଦ୍ଧା ନିର୍ଦ୍ଦେଶକ, ପୌର ପ୍ରଶାସନଙ୍କ ନିକଟକୁ ପଠାଇବେ । ଅପିଲ୍ର ଶୁଣାଣି ଓ ଚୂଡ଼ାନ୍ତ ନିଷ୍ପତ୍ତି ନଭେମ୍ବର ୧୮ରୁ ୨୫ ତାରିଖ ମଧ୍ୟରେ କରାଯିବ । ଆବଶ୍ୟକ ସଂଶୋଧନ ପରେ ଚୂଡ଼ାନ୍ତ ବିଜ୍ଞପ୍ତି ନଭେମ୍ବର ୩୦, ୨୦୨୬ରେ ପ୍ରକାଶ ପାଇବ । ପୌର ନିର୍ବାଚନ ପ୍ରସ୍ତୁତିକୁ ସମୟବଦ୍ଧ ଭାବେ ସମ୍ପନ୍ନ କରିବା ପାଇଁ ସମ୍ପୃକ୍ତ ମହାନଗର ନିଗମ କମିଶନର, ଜିଲ୍ଲାପାଳ ଓ ପୌର ସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କୁ ସଂଶୋଧିତ ସମୟସୂଚୀକୁ କଡ଼ାକଡ଼ିରେ ପାଳନ କରିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ।

# ନିଆଳି ପନିରରେ ମିଶୁଛି ମଇଦା ଓ ଡିଟରଜେଣ୍ଟ : କେଏମସି ସ୍ୱାସ୍ଥ୍ୟ ଅଧିକାରୀ

**କଟକ, ୨୩/୦୯ ନ୍ୟୁଜ ବ୍ୟୁରୋ**

କଟକ ନିଆଳିରୁ ଜବତ ପନିରକୁ ନେଇ ଆସିଲା ଚାଞ୍ଚଲ୍ୟକର ତଥ୍ୟ। ପନିର ଅପମିଶ୍ରଣ ନେଇ ସ୍ପଷ୍ଟ କରିଛନ୍ତି କେଏମସି ସ୍ୱାସ୍ଥ୍ୟ ଅଧିକାରୀ। ଅଗଷ୍ଟ ୧୯ରେ କଟକରୁ ଜବତ ହୋଇଥିବା ପ୍ରାୟ ୭୩ କ୍ୱିଣ୍ଟାଲ ପନିର ଅପମିଶ୍ରିତ ବୋଲି ମିଳିଛି ପ୍ରମାଣ । ଆହୁରି ମଧ୍ୟ ରିପୋର୍ଟରେ ଯେଉଁ ତଥ୍ୟ ରହିଛି ତାହା ଅତି ସାଂଘାତିକ । ତାକୁ ଶୁଣିଲେ ଲୋମ ଟାଙ୍କୁରୀ ଉଠିବ । ଏହି ପନିରରେ ମିଶୁଥିଲା ମଇଦା ଏବଂ ତା ସହିତ ମିଶାଯାଉଥିଲା ଡିଟରଜେଣ୍ଟ । ଯାହା ସ୍ୱାସ୍ଥ୍ୟ ପାଇଁ ମାରାତ୍ମକ । ଏହି ପନିର ଖାଇଲେ ଆପଣଙ୍କ ଅବସ୍ଥା କ'ଣ ହେବ ତାହା ଥରେ ଚିନ୍ତା କରନ୍ତୁ । ଏହାକୁ ଖାଇଲେ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହେବା ନିଶ୍ଚିତ। ସଂଗୃହୀତ ପନିର ନମୁନାର ପରୀକ୍ଷଣ ହରିୟାଣାରେ ହୋଇଛି। ଯାହାର ରିପୋର୍ଟ ରାଜ୍ୟ ଖାଦ୍ୟ ସୁରକ୍ଷା କମିଶନରଙ୍କ ନିକଟରେ ପହଞ୍ଚିଛି ବୋଲି କହିଛନ୍ତି କଟକ ମହାନଗର ନିଗମର ସ୍ୱାସ୍ଥ୍ୟ ଅଧିକାରୀ। ସବୁଠାରୁ ବଡ଼ କଥା ହେଲା ଏହି ସବୁ ପନିର ଆସିଥିଲା ନିଆଳିରୁ । ଗତ ଅଗଷ୍ଟ ୧୯ ସଂଧ୍ୟାରେ କଟକ ଲିଙ୍କ ରୋଡ଼ ନିକଟରୁ ଏହି ସବୁ ପନିର ଜବତ କରିଥିଲା କଟକ ମ୍ୟୁନିସପାଲିଟି କର୍ପୋରେସନ୍ ବା କେଏମସିର ଖାଦ୍ୟ ସୁରକ୍ଷା ଟିମ୍ । ଜବତ ହୋଇଥିବା ପ୍ରାୟ ୭୩ କ୍ୱିଣ୍ଟାଲ ପନିରକୁ ସେହି ରାତିରେ ହିଁ ନଷ୍ଟ କରାଯାଇଥିଲା ଓ ଏହାର ନମୁନା ଟେଷ୍ଟ ପାଇଁ ପଠାଯାଇଥିଲା । ଆଉ ଏବେ ତାହାର ରିପୋର୍ଟରୁ ହୋଇଛି ବଡ଼ ଖୁଲାସା। ତେବେ ଜବତ ହୋଇଥିବା ଅପମିଶ୍ରିତ ପନିର ନିଆଳିରୁ ଆମଦାନୀ ହେବାଟା ସ୍ପଷ୍ଟ ହୋଇସାରିଛି । କିନ୍ତୁ ନିଆଳି ପନିର କେବଳ କଟକ ଆସୁନାହିଁ ବରଂ ରାଜ୍ୟର ବିଭିନ୍ନ ଅଞ୍ଚଳକୁ ମଧ୍ୟ ସପ୍ଲାଏ କରାଯାଉଛି । ତେଣୁ ଅପମିଶ୍ରଣ କରୁଥିବା ଲୋକଙ୍କ ଉପରେ ଆଗକୁ କ'ଣ କାର୍ଯ୍ୟାନୁଷ୍ଠାନ ହେଉଛି ତାକୁ ଅପେକ୍ଷା।

## ଆହୁରି ସୁଦୃଢ ହେବ ରାଜ୍ୟର ସମବାୟ କ୍ଷେତ୍ର

# ଶୁକ୍ରବାର ମେଗା ସଦସ୍ୟତା ଅଭିଯାନ ସମ୍ବନ୍ଧର ଶୁଭାରମ୍ଭ କରିବେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୩/୦୯ ନ୍ୟୁଜ ବ୍ୟୁରୋ**

ଆହୁରି ସୁଦୃଢ ହେବ ରାଜ୍ୟର ସମବାୟ କ୍ଷେତ୍ର । ସମବାୟ ଇତିହାସରେ ଏକ ନୂତନ ଅଧ୍ୟାୟ ଯୋଡ଼ି ହେବ । ଆସନ୍ତା ଶୁକ୍ରବାର ସେପ୍ଟେମ୍ବର ୨୫ ତାରିଖ ଦିନ ମୁଖ୍ୟମନ୍ତ୍ରୀଙ୍କ କରକମଳରେ ରାଜ୍ୟର ସମବାୟ କ୍ଷେତ୍ରର ସମ୍ପ୍ରସାରଣ ପାଇଁ ଏକ ମେଗା ସମବାୟ ସଦସ୍ୟତା ଅଭିଯାନ "ସମ୍ବନ୍ଧ"ର ଶୁଭାରମ୍ଭ ହେବ। ମେଗା ସଦସ୍ୟତା ଅଭିଯାନ 'ସମ୍ବନ୍ଧ' ଆରମ୍ଭ କରାଯିବା ସହ ଡିଜିଟାଲ ମାଧ୍ୟମରେ ସଦସ୍ୟତା ପଞ୍ଜୀକରଣକୁ ସହଜ ଓ ସ୍ୱଚ୍ଛ କରିବା ପାଇଁ ନୂତନ ମୋବାଇଲ ଆପ୍ଲିକେସନ୍ ର ଶୁଭାରମ୍ଭ ହେବ। ଏହି ଅବସରରେ ସମବାୟ କ୍ଷେତ୍ରରେ ଏକାଧିକ ପ୍ରକଳ୍ପର ଶୁଭାରମ୍ଭ ଏବଂ ଭିତିପ୍ରସ୍ତର ସ୍ଥାପନ କରାଯିବ। ଆଖୁ ଚାଷ ଓ ଚାଷୀଙ୍କୁ ପ୍ରୋତ୍ସାହନ ଏବଂ ବଡ଼ମ୍ବା ଓ ଆସିକା ଚିନି କଳକୁ କାର୍ଯ୍ୟକ୍ଷମ କରିବା ନେଇ ଯୋଜନାର ଶୁଭାରମ୍ଭ ମଧ୍ୟ କରାଯିବ। ଏହି କାର୍ଯ୍ୟକ୍ରମରେ ସମସ୍ତ ଜିଲ୍ଲାକୁ ଅଭାଷୀ ମାଧ୍ୟମରେ ସଂଯୋଗ କରାଯିବ। ଏହା ସହିତ ଓଡ଼ିଶା ସମବାୟ ଇତିହାସରେ ପ୍ରଥମ ଥର ପାଇଁ ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) ଏବଂ ବୃହଦାକାର ବହୁମୁଖୀ ସମବାୟ ସମିତି (ଲ୍ୟାମ୍ପ୍ସ) ଗୁଡ଼ିକ ଚାଷୀ ସଦସ୍ୟମାନଙ୍କୁ ଲାଭାଂଶ ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି । ଗ୍ରାମାଂଚଳର ଅର୍ଥନୀତିକୁ ସୁଦୃଢ କରିବା ଦିଗରେ ଦୁଗ୍ଧ ଚାଷୀଙ୍କୁ ପ୍ରୋତ୍ସାହିତ କରିବା ପାଇଁ ପ୍ୟାକ୍ସ ଓ ଲ୍ୟାମ୍ପ୍ସରେ ନୂତନ ଦୁଗ୍ଧ ସଂଗ୍ରହ କେନ୍ଦ୍ର ଉଦ୍‌ଘାଟନ କରାଯିବ । କ୍ଷୁଦ୍ର ଓ ନାମମାତ୍ର ଚାଷୀମାନେ ଯେପରି କମ ମୂଲ୍ୟରେ ଭଡ଼ା ସୂତ୍ରରେ ଆଧୁନିକ କୃଷି ଯନ୍ତ୍ରପାତି ବ୍ୟବହାର କରି ଚାଷକାର୍ଯ୍ୟ କରିପାରିବେ, ସେଥିପାଇଁ ପ୍ୟାକ୍ସ ଓ ଲ୍ୟାମ୍ପ୍ସ ରେ କୃଷି ସେବା କେନ୍ଦ୍ରର ଶୁଭାରମ୍ଭ ହେବ । ଏହା ସହିତ ଗ୍ରାମାଂଚଳର ଖାଉଟିମାନଙ୍କୁ ସୁଲଭ ମୂଲ୍ୟରେ ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ ଯୋଗାଇଦେବା ପାଇଁ ନୂତନ ଖାଉଟି କେନ୍ଦ୍ର ଏବଂ ଗ୍ରାମାଂଚଳର ଲୋକମାନଙ୍କୁ ବିଭିନ୍ନ ଅତ୍ୟାବଶ୍ୟକ ସରକାରୀ ଓ ବେସରକାରୀ ସେବା ସହଜରେ ଯୋଗାଇଦେବା ଉଦ୍ଦେଶ୍ୟରେ ନୂତନ ଜନସେବା କେନ୍ଦ୍ରର ମଧ୍ୟ ଶୁଭାରମ୍ଭ କରାଯିବ। ସ୍ୱଚ୍ଛତା ଓ କ୍ଷମତା ବୃଦ୍ଧି ପାଇଁ ପ୍ୟାକ୍ସଗୁଡିକୁ ଜାତୀୟ ପ୍ୟାକ୍ସ କମ୍ପ୍ୟୁଟରାଇଜେସନ ସଫ୍ଟୱେର୍ ରେ ସାମିଲ କରାଯାଉଥିବା ବେଳେ ଶୁକ୍ରବାର ଏହାର ଶୁଭାରମ୍ଭ କରାଯିବ ।

# ଆୟବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗ : ବନ୍ଧା ହେଲେ ଗାଇସିଲେଟ୍ ବ୍ଲକ୍ କଟାଭାଲ ପିଇଓ

**ସମ୍ବଲପୁର, ୨୩/୦୯ ନ୍ୟୁଜ ବ୍ୟୁରୋ**

ଦୁର୍ନୀତି ନିବାରଣ ବିଭାଗ (ଭିଜିଲାନ୍ସ)ର ବଡ଼ ଆକ୍ସନ । ଆୟବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଜଣେ ପିଇଓ ଗିରଫ । ଆୟ ଠାରୁ ପ୍ରାୟ ୩୦୦ ପ୍ରତିଶତ ଅଧିକ ସମ୍ପତ୍ତି ଠାବ କରିଛି ସମ୍ବଲପୁର ଭିଜିଲାନ୍ସ ଟିମ୍ । ଏନେଇ ସମ୍ବାଦିକ ସମ୍ମିଳନୀ କରି ସୂଚନା ଦେଇଛନ୍ତି ଭିଜିଲାନ୍ସ ଏସପି ପି.କେ. ଦ୍ୱିବେଦୀ ।


